# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୧୨/୨୦୨୧ (୧୬ ପୃଷ୍ଠା+ସାହିତ୍ୟାୟନ) Sambalpur, Thursday, August 12/2021 ★★

୧୭ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-


ବାର୍ତ୍ତା ପଠାନ୍ତୁ
Rakhi
ପୁରସ୍କାର ଜିତନ୍ତୁ

ଦେଖନ୍ତୁ ପୃଷ୍ଠା-୩


କଠିନ ପରିଶ୍ରମକୁ ପାଳନ କରନ୍ତୁ ।
ଭାରତକୁ ପାଳନ କରନ୍ତୁ ।

ଗୁଡସ୍ୱଟ୍ ସହିତ ଆପଣଙ୍କ ହୃଦୟ କଥା କହିବା ଆରମ୍ଭ କରୁ ।

VKC ସର୍ବଦା ଭିକେସି ଟ୍ରେଡମାର୍କ ଯାଞ୍ଚ କରନ୍ତୁ । ଗୁଣବତ୍ତା ପାଳନ କରନ୍ତୁ ।

ଗୁଡସ୍ୱଟ୍ କାହାଣୀ ପଢ଼ିବା ପାଇଁ ସ୍କାନ୍ କରନ୍ତୁ ।

VKC® PRIDE
CELEBRATE HARD WORK.


THE HARD WORKING FOOTWEAR!
↑ ଦୀର୍ଘସ୍ଥାୟୀ ↑ ସଚ୍ଚୋଟ ମୂଲ୍ୟ
FOR MEN
₹229.00 | 3381
₹249.00 | 3386
₹279.00 | 3400
1000+ MODELS
₹309.00 | 3525
₹309.00 | 3535
₹329.00 | 3522
₹339.00 | 3523
₹339.00 | 3542
₹269.00 | 3082
₹279.00 | 3062
₹279.00 | 3061
₹289.00 | 3290
₹319.00 | 3792
FOR WOMEN
₹169.00 | LP1000
₹189.00 | 8337
₹279.00 | 8570
₹329.00 | 8563
₹229.00 | 8199
₹234.00 | LP1300
₹259.00 | 8198
₹269.00 | 8148
₹279.00 | 8195
FOR KIDS
₹219.00 | 8399
₹279.00 | 8568
₹269.00 | 3536
₹289.00 | 3507
ସର୍ବଦା ଭିକେସି ଟ୍ରେଡମାର୍କ ଯାଞ୍ଚ କରନ୍ତୁ ।
ଗୁଣବତ୍ତା ପାଳନ କରନ୍ତୁ ।
> ଭିକେସି ସମସ୍ତ ଅଗ୍ରଣୀ ଷ୍ଟୋରଗୁଡ଼ିକରେ ଉପଲବ୍ଧ ।
vkcgroup.com
VKC® PRIDE
CELEBRATE HARD WORK.

ଧରିତ୍ରୀ
DHARITRI

ଗୁରୁବାର, ଅଗଷ୍ଟ ୧୨/୨୦୨୧ | Thursday, August 12/2021 | ପୃଷ୍ଠା-୧



### ୩ ମିନିଟ୍ ପାଇଁ ନେଇଥିଲେ ୭୫ ଲକ୍ଷ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଡିସ୍ ଏକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବା ପାଇଁ ୩ ମିନିଟ୍‌କୁ ୭୫ ଲକ୍ଷ ଟଙ୍କା ନେଇଥିଲେ।

୧୨

୧୩

### ହେକ୍ଟରଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଇଣ୍ଡିଆନ ସୁପରଲିଗ୍‌ର ୮ମ ସଂସ୍କରଣ ପୂର୍ବରୁ ସ୍ପାନିଶ ସେଣ୍ଟର ବ୍ୟାକ୍ ହେକ୍ଟର ରୋଡାସଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ସମ୍ବର୍ଦ୍ଧନା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ହକି ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା, ବୀରେନ୍ଦ୍ର ଲାକ୍ରା, ନମିତା ଟପ୍ପୋ ଓ ଅମିତ୍ ରୋହିଦାସ।

# ହକି ହିରୋଙ୍କୁ ପ୍ରୋତ୍ସାହନ

- ଲାକ୍ରା, ରୋହିଦାସଙ୍କୁ ୨.୫ କୋଟି ଲେଖାଏ, ଡିଏସ୍‌ପି ଚାକିରି
- ଏକ୍କା, ଟପ୍ପୋଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

ଟୋକିଓ ଅଲିମ୍ପିକ୍ସରେ ଇତିହାସ ରଚି ଘର ବାହୁଡ଼ିଥିବା ୪ ଓଡ଼ିଆ ହକି ଖେଳାଳିଙ୍କୁ ରାଜ୍ୟରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପାଇଁ ଗୌରବ ଆଣିଥିବା ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୂର୍ବରୁ ଘୋଷଣା କରାଯାଇଥିବା ୬ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁରୁଷ ହକି ଖେଳାଳି ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରା ଓ ମହିଳା ହକି ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ହକି ଖେଳାଳିଙ୍କ ସମ୍ମାନାର୍ଥେ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ବ୍ରୋଞ୍ଜ ପଦକ ଜିତିଥିବା ଅମିତ ଓ ବୀରେନ୍ଦ୍ରଙ୍କୁ ୨.୫ କୋଟି ଲେଖାଏ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏଥିସହ ଉଭୟ ଖେଳାଳିଙ୍କୁ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପଦବୀରେ ଅବସ୍ଥାପିତ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ଖେଳାଳିଙ୍କୁ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ମହିଳା ହକି ଦଳରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଖେଳାଳି ନମିତା ଟପ୍ପୋ ଓ ଦୀପ୍‌ଗ୍ରେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ୫୦ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଖେଳାଳିମାନଙ୍କ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଦେଶକୁ ଗୌରବାନ୍ୱିତ କରିବାକୁ କଠିନ ପରିଶ୍ରମ କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭବିଷ୍ୟତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନବୀନ ଭରସା ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ହକି ହବ୍‌ରେ ପରିଣତ ହୋଇଛି। ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ଅର୍ଥନୀତିରେ ବିବିଧତା ସମସ୍ୟା

ବିତରକଙ୍କଠାରୁ ୮ ପୃଷ୍ଠାର ପାକ୍ଷିକ 'ସାହିତ୍ୟାୟନ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।




ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

# ବସ୍ ଉପରେ ଭୂସ୍ଖଳନ

## ୫୦ ମୃତ୍ୟୁ ଆଶଙ୍କା, ୧୧ ମୃତଦେହ ଠାବ

**ଶିମ୍ଲା, ୧୧।୮ (ପି.ଟି.)**

**ହିମାଚଳରେ ବିପତ୍ତି**

- ଆଇଟିବିପି, ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି

ହିମାଚଳପ୍ରଦେଶର କିନ୍ନୌର ଜିଲାରେ ବୁଧବାର ଭୂସ୍ଖଳନ ଘଟି ଗୋଟିଏ ବସ୍, ଗୋଟିଏ ଟ୍ରକ୍ ଓ ଅନ୍ୟ କେତେକ ଗାଡ଼ି ମାଟି ତଳେ ପୋତିହୋଇପଡ଼ିଛି। ଏଥିରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ମାଟି ତଳେ ଚାପି ହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ମାଟି ଅତଡ଼ା ତଳୁ ଅନ୍ୟୂନ ୧୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କିନ୍ନୌର ଜିଲାର ଉପକମିଶନର ଆବିଦ୍ ହୁସେନ୍ ସାଦିକ୍ ସୂଚନା ଦେଇଛନ୍ତି।

କିନ୍ନୌର ଜିଲାର ନିଚାର ତହସିଲ ଅନ୍ତର୍ଗତ ନିଗୁଲସାରି ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ଚଉରା ଗ୍ରାମ ନିକଟରେ ବୁଧବାର ମଧ୍ୟାହ୍ନ ପୂର୍ବରୁ ଭୟାବହ ଭୂସ୍ଖଳନ ଘଟିଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ ସୁଦେଶ କୁମାର ମୋଖ୍‌ତା କହିଛନ୍ତି। ଭୂସ୍ଖଳନ ଫଳରେ ରେକୋଙ୍ଗ ପିଓ-ଶିମ୍ଲା ରାଜପଥ ଅବରୋଧ ହୋଇଯାଇଛି। ଶିମ୍ଲା ଯାଉଥିବା ବସ୍‌ରେ ୪୦ ଯାତ୍ରୀ ଥିଲେ ବୋଲି କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଇଣ୍ଡୋ-ତିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ୨୦୦ରୁ ଊର୍ଦ୍ଧ୍ୱ ଯବାନ ନିୟୋଜିତ ହୋଇଛନ୍ତି। ଏଥିସହିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଯବାନଙ୍କ ସମେତ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ଏବଂ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି।

ହିମାଚଳ ସଡ଼କ ପରିବହନ ବସ୍ ସମେତ ଅନ୍ୟ କେତେକ ଗାଡ଼ି ଭୂସ୍ଖଳନ ଯୋଗୁ ମାଟି ଅତଡ଼ା ତଳେ ପୋତିହୋଇ ପଡ଼ିଥିବା ମୁଖ୍ୟମନ୍ତ୍ରୀ ଠାକୁର ବିଧାନସଭାକୁ ଜଣାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଆଇଟିବିପି, ସିଆଇଏସ୍‌ଏଫ୍ ଏବଂ ସ୍ଥାନୀୟ ପୋଲିସ ନିୟୋଜିତ ହୋଇଥିବାବେଳେ ସେନା ପକ୍ଷରୁ ମଧ୍ୟ ସହାୟତା ପ୍ରସ୍ତାବ ଦିଆଯାଇଛି।

ସୂଚନାଯୋଗ୍ୟ, ହିମାଚଳପ୍ରଦେଶରେ ଗତ କିଛି ସପ୍ତାହ ହେଲା ପ୍ରବଳ ବର୍ଷା ଲାଗି ରହିଥିବାରୁ ଏକାଧିକ ଭୂସ୍ଖଳନ ଘଟିଲାଣି। ଗତ ମାସରେ ☞ପୃଷ୍ଠା-୨



କିନ୍ନୌର ଜିଲା ରେକୋଙ୍ଗ୍ ପିଓ-ଶିମ୍ଲା ରାଜପଥରେ ଭୂସ୍ଖଳନ ଯୋଗୁ ଖାତରେ ଚାପି ହୋଇଯାଇଥିବା ଟ୍ରକ୍ ଓ କାର୍।

# ଏଟିଏମ୍‌ରେ କ୍ୟାଶ୍ ନ ରହିଲେ ଜରିମାନା ଦେବେ ବ୍ୟାଙ୍କ

**ନୂଆଦିଲ୍ଲୀ, ୧୧।୮**

ଏଟିଏମ୍‌ରେ କ୍ୟାଶ୍ ନ ରହିଲେ ଲୋକଙ୍କୁ ଟଙ୍କା ଉଠାଣରେ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଅର୍ଥ ଆବଶ୍ୟକତା ଥିଲେ ମଧ୍ୟ କ୍ୟାଶ୍ ନ ରହିବାରୁ ଲୋକଙ୍କୁ ଏଟିଏମ୍‌ରୁ ଫେରିବାକୁ ପଡ଼ିଥାଏ। ଏ ନେଇ ଅଭିଯୋଗ କଲେ ମଧ୍ୟ ବ୍ୟାଙ୍କ ଏହାକୁ କର୍ଣ୍ଣପାତ କରୁ ନ ଥିବା ଅନେକ ଘଟଣା ସାମ୍ନାକୁ ଆସିଛି। ଆଗାମୀ ଦିନରେ ଯଦି ବ୍ୟାଙ୍କ ଏଟିଏମ୍‌ରେ କ୍ୟାଶ୍ ନ ରଖି ଲୋକଙ୍କୁ ଏଭଳି ହଇରାଣ କରୁଥାନ୍ତି ତେବେ ଏଥିଲାଗି ଜରିମାନା ଗଣିବାକୁ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅକ୍ଟୋବର ପହିଲାରୁ ଏ କ୍ଷେତ୍ରରେ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି, ଏଟିଏମ୍ ମେଶିନଗୁଡ଼ିକରେ ଠିକ୍ ସମୟରେ କ୍ୟାଶ୍ ଉପଲବ୍ଧ ନ ହେଲେ ବ୍ୟାଙ୍କଗୁଡିକ ଜରିମାନା ଭରିବେ। କୌଣସି ମାସରେ ଯଦି ୧୦ ଘଣ୍ଟାରୁ ଅଧିକ ☞ପୃଷ୍ଠା-୨

# ୪୪୫୬ କୋଟିର କ୍ରିପ୍ଟୋକରେନ୍ସି ଚୋରି

ବିଟ୍‌କଏନ ଭଳି ଅନେକ ଭର୍ଚୁଆଲ କଏନ ପ୍ରତି ନିବେଶକ ଆକର୍ଷିତ ହେଉଛନ୍ତି। ଦ୍ରୁତଗତିରେ କ୍ରିପ୍ଟୋକରେନ୍ସିଗୁଡ଼ିକର ମୂଲ୍ୟ ବୃଦ୍ଧି ଏହାର କାରଣ। ୨୦୨୧ ଜାନୁୟାରୀ ସୁଦ୍ଧା ବିଶ୍ୱରେ ୪ ହଜାରରୁ ଅଧିକ କ୍ରିପ୍ଟୋକରେନ୍ସି ପ୍ରଚଳନ ହେଉଥିବାବେଳେ ବିଟ୍‌କଏନରେ ସର୍ବାଧିକ ନିବେଶ ହୋଇଛି। ଏକ ବିଟ୍‌କଏନ୍‌ର ମୂଲ୍ୟ ୩୪ ଲକ୍ଷ ୫୧ ହଜାର ୯୯୫ ଟଙ୍କା ରହିଛି। ଏହା ପରେ ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ବ୍ଲକଚେନ୍ ହେଉଛି ଏଥେରମ୍। ଏହାର କ୍ରିପ୍ଟୋକରେନ୍ସିକୁ ଏଥର୍ କୁହାଯାଏ। ଭାରତୀୟ ମୁଦ୍ରାରେ ଏକ ଏଥର୍‌ର ମୂଲ୍ୟ ୨ ଲକ୍ଷ ୪୨ ହଜାର ୨୭୮ ଟଙ୍କା। ବିନାନ୍ସଚେନ୍‌ରେ ବିନାନ୍ସ କଏନ କାରବାର ହୋଇଥାଏ। ଏକ ବିନାନ୍ସ କଏନର ମୂଲ୍ୟ ୨୯ ହଜାର ୬୯୦ ଟଙ୍କା ରହିଛି। ଷ୍ଟେଲର, କାର୍ଡାନୋ, ଡୋଜିକଏନ, ଏକ୍ସଆର୍‌ପି, ଲାଇଟ୍‌କଏନ, ବିଟ୍‌କଏନ୍ କ୍ୟାଶ୍, ଚେନ୍‌ଲିଙ୍କ୍ ଆଦି କ୍ରିପ୍ଟୋକରେନ୍ସି ମଧ୍ୟ ଲୋକପ୍ରିୟ ହେବାରେ ଲାଗିଛି।

**ଲଣ୍ଡନ, ୧୧।୮**

**ସବୁଠୁ ବଡ଼ ହ୍ୟାକିଂ**

- ପୋଲିସ ସମ୍ପୃକ୍ତି ଥିବା କହିଲା ପଲି ନେଟ୍‌ୱର୍କ
- ହ୍ୟାକିଂରେ ବ୍ୟବହୃତ ଅନ୍‌ଲାଇନ ଠିକଣା ଜାରି

କ୍ରିପ୍ଟୋକରେନ୍ସି ଇତିହାସରେ ସବୁଠୁ ବଡ଼ ଧରଣର ହ୍ୟାକିଂ ହୋଇଛି। ହ୍ୟାକର୍ସମାନେ ଏକ ବ୍ଲକ୍‌ଚେନ ପ୍ରୋଟୋକଲ୍ 'ପଲି ନେଟ୍‌ୱର୍କ' (ଭର୍ଚୁଆଲ କଏନ୍ କାରବାର କରୁଥିବା ଫାର୍ମ)ର ସିକ୍ୟୁରିଟି ସିଷ୍ଟମକୁ ହ୍ୟାକ୍ କରି ୬୦୦ ମିଲିୟନ ଡଲାର (ପ୍ରାୟ ୪,୪୫୬ କୋଟି ଟଙ୍କା) ଚୋରି କରିନେଇଛନ୍ତି। ବିଶେଷ କରି ଏଥେରମ୍, ବିନାନ୍ସଚେନ ବ୍ଲକ୍‌ଚେନ୍ ଟୋକେନ ଚୋରି ହୋଇଥିବାରୁ ଏହି କରେନ୍ସି ସଂରକ୍ଷଣ ତଥା ଏହାର କାରବାର ବନ୍ଦ ରଖିବାକୁ ବ୍ଲକଚେନ୍‌ଗୁଡ଼ିକୁ ପଲି ନେଟ୍‌ୱର୍କ ନିବେଦନ କରିଛି। ଏ ବାବଦରେ ପଲି ନେଟ୍‌ୱର୍କ ମଙ୍ଗଳବାର ଏକ ଟୁଇଟ୍ କରି ଜଣାଇବା ସହ ଡିସେଣ୍ଟ୍ରାଲାଇଜ୍‌ଡ ଫିନାନ୍ସ ପ୍ଲାଟଫର୍ମ (ଡେଫି) ଇତିହାସରେ ଏହା ସବୁଠାରୁ ବଡ଼ ଧରଣର କ୍ରିପ୍ଟୋକରେନ୍ସି ଚୋରି ବୋଲି କହିଛି। ପ୍ରାୟ ୨୬୭ ମିଲିୟନ ଡଲାର ଏଥର୍ କରେନ୍ସି, ୨୫୨ ମିଲିୟନ ଡଲାର ବିନାନ୍ସ କଏନ ଏବଂ ୮୫ ମିଲିୟନ ଡଲାରର ୟୁଏସ୍‌ଡିସି ଟୋକେନ ହ୍ୟାକର୍ସ ଚୋରି କରିନେଇଛନ୍ତି। କ୍ରିପ୍ଟୋ କମ୍ୟୁନିଟିରେ ନିବେଶ କରିଥିବା ଲକ୍ଷ ଲକ୍ଷ ଲୋକ ଏହି ଘଟଣା ପରେ ଚିନ୍ତାରେ ପଡ଼ିଛନ୍ତି। ଏଥିରେ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ଉକ୍ତ ବ୍ଲକ୍‌ଚେନ୍ ପ୍ରୋଟୋକଲ ଅଭିଯୋଗ ଆଣିବା ସହ ଚୋରି କଏନ ଫେରାଇବାକୁ ହ୍ୟାକର୍ସଙ୍କୁ ଏକ ସୁଯୋଗ ଦିଆଯାଇଛି ବୋଲି କହିଛି।

ଅନ୍ୟପକ୍ଷରେ ପଲି ନେଟ୍‌ୱର୍କ ହ୍ୟାକର୍ସଙ୍କ ଦ୍ୱାରା ବ୍ୟବହୃତ ଅନ୍‌ଲାଇନ ଠିକଣାକୁ ସାର୍ବଜନୀନ କରିଛି। ସିଫର୍ ଟ୍ରେସ୍‌ର ଏକ ଅଧ୍ୟୟନ ଅନୁସାରେ ଚଳିତ ବର୍ଷ ଏପ୍ରିଲ ଶେଷ ସୁଦ୍ଧା ☞ପୃଷ୍ଠା-୨




# ଜଗନ୍ନାଥ ଦର୍ଶନ ପାଇଁ ଏସ୍‌ଓପି

## ଆଜିଠାରୁ ଦର୍ଶନ କରିବେ ସେବାୟତ ପରିବାର

**ପୁରୀ ଅଫିସ, ୧୧।୮**

ଦୀର୍ଘ ଅଢେଇ ମାସ ପରେ କରୋନା କଟକଣା କୋହଳ ଯୋଗୁ ଶ୍ରୀମନ୍ଦିର ଖୋଲିବା ନେଇ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏସ୍‌ଓପି ପ୍ରକାଶ ପାଇଛି। ଗୁରୁବାରଠାରୁ ଶ୍ରୀମନ୍ଦିର ଖୋଲିବ। ପ୍ରଥମ ଦୁଇଦିନ ଅର୍ଥାତ ୧୨ ଓ ୧୩ ତାରିଖରେ ଶ୍ରୀମନ୍ଦିର ସେବାୟତଙ୍କ ପରିବାର ସଦସ୍ୟଙ୍କୁ ଦର୍ଶନ ସୁଯୋଗ ମିଳିବ। ଏହାପରେ ଆସନ୍ତା ୧୬ତାରିଖରୁ ପୁରୀ ସହରବାସୀ ଶ୍ରୀମନ୍ଦିରରେ ଦର୍ଶନ କରିପାରିବେ। ପୁରୀ ସହରବାସୀ ଓ ସେବାୟତ ପରିବାର ସଦସ୍ୟଙ୍କ ପାଇଁ ଆର୍‌ଟି-ପିସିଆର୍ ଟେଷ୍ଟ କିମ୍ବା ଡବଲ୍ ଡୋଜ୍ କୋଭିଡ୍ ଟିକା ବାଧ୍ୟତାମୂଳକ ନୁହେଁ। ପୁରୀ ସହରର ବାସିନ୍ଦା ହୋଇଥିବା ଯେକୌଣସି ପରିଚୟପତ୍ର ଦେଖାଇ ଶ୍ରୀମନ୍ଦିର ପ୍ରବେଶ କରିହେବ। ☞ପୃଷ୍ଠା-୨



# ୧୫ ସୁଦ୍ଧା ସବୁ ଜିଲାରେ ଆର୍‌ଟି-ପିସିଆର୍ ଲାବ୍

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

ରାଜ୍ୟର ସମସ୍ତ ଜିଲାରେ ଚଳିତ ମାସ ୧୫ ତାରିଖ ସୁଦ୍ଧା ଆର୍‌ଟି-ପିସିଆର୍ ଟେଷ୍ଟ ଲାବ୍ କାର୍ଯ୍ୟକ୍ଷମ ହେବ। ଏ ନେଇ ବୁଧବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବେ ସୁଦ୍ଧା ୧୪ ଜିଲାରେ ଆର୍‌ଟି-ପିସିଆର ଟେଷ୍ଟ ଲାବ୍ ରହିଛି। ଆଉ ୧୬ ଜିଲାରେ ଲାବ୍ ସ୍ଥାପନ ଲାଗି ଟେଣ୍ଡର ଦିଆସରିଛି। ବିଏସ୍‌ଏଲ୍‌୨ ଲାବୋରେଟୋରି ସ୍ଥାପନ କାମ ଚାଲିଛି। ଉପକରଣ ଓ ଯନ୍ତ୍ରାଂଶ ଲଗାଯାଉଛି। ଅଗଷ୍ଟ ୧୫ ପୂର୍ବରୁ ସବୁ ଲାବ୍ ଚାଲୁ ହେବ ବୋଲି ଯୋଜନା ରହିଛି।

ରାଜ୍ୟରେ ଯେଉଁ ୧୬ ଜିଲାରେ ଲାବ୍ ସ୍ଥାପନ ଲାଗି ଯୋଜନା ହୋଇଛି ସେଗୁଡ଼ିକ ହେଲା ଭଦ୍ରକ, ଢେଙ୍କାନାଳ, ଯାଜପୁର, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ପୂର୍ବରୁ ଏହି ଜିଲାଗୁଡ଼ିକରେ ☞ପୃଷ୍ଠା-୨

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ୧୨ ଅଗଷ୍ଟ, ୨୦୨୧


**ଆଜିର ମନ୍ତବ୍ୟ**

"ଏଲ୍‌ପିଜି ଦର ବୃଦ୍ଧି ଯୋଗୁ ଉଜ୍ଜ୍ୱଳା ଯୋଜନାରେ ମିଳିଥିବା ୯୦ ପ୍ରତିଶତ ସିଲିଣ୍ଡର ବ୍ୟବହାର ହେଉନି। ମହିଳାମାନେ କାଠ ଜାଳିବାକୁ ବାଧ ହେଉଛନ୍ତି। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସୁବେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଳା କୁଡ଼ିଆ**
**ବାର ମାସରେ ତେର କୁଡ଼ିଆ ।**

ସାପୁଆ କେଳାମାନେ ଗାଁ ଗାଁ ବୁଲି ସାପ ଖେଳ ଦେଖାଇଥାନ୍ତି। ସେଥିରୁ ରୋଜଗାର ହେଉଥିବା ଧନରେ ପରିବାର ପୋଷିଥାନ୍ତି। ନିଜର ଜୀବିକା ନିର୍ବାହ ପାଇଁ ସେମାନେ ବରଷକ ବାର ମାସ ବୁଲି ବୁଲି ସାପ ଖେଳ ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେତେ କରୁଥାଉ ଚାତର**
**ବାପ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ**
**ମାଆ ବିକୁଥିଲା ପତର ।**

କିଛି ବ୍ୟକ୍ତି ଛୋଟରୁ ବଡ଼ ବା ଅତି ଗରିବରୁ ଧନୀ ହୋଇଗଲା ପରେ ନିଜ ଅତୀତକୁ ଭୁଲିଯାଇଥାନ୍ତି। ବର୍ତ୍ତମାନ ଅବସ୍ଥାକୁ ନେଇ ଅହେତୁକ ଗର୍ବ କରିବସିଥାନ୍ତି। ତେବେ ବ୍ୟକ୍ତି ନିଜ ଅତୀତ ଅବସ୍ଥାକୁ ଭୁଲି ନ ଯିବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# 'ନିର୍ଭୟ' ପରୀକ୍ଷା ସଫଳ

**ବାଲେଶ୍ୱର ଅଫିସ,୧୧।୮**

ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ବୁଧବାର ପୂର୍ବାହ୍ନ ୯ଟା ୫୩ରେ ନିର୍ଭୟ ସବ୍‌ସୋନିକ୍ କ୍ରୁଜ୍ ମିସାଇଲର ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱତନ୍ତ୍ର ଭାବେ ସଂଯୋଜିତ ରାଡ଼ାର ମାଧ୍ୟମରେ ସଂଗୃହୀତ ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ସମୀକ୍ଷା କରୁଛନ୍ତି। ପୂର୍ବରୁ ନିର୍ଭୟ ମିସାଇଲରେ ଟର୍ବୋଫ୍ୟାନ୍ ଇଞ୍ଜିନ୍ ବ୍ୟବହାର ହେଉଥିବାବେଳେ ଏଥର 'ମାନିକ୍ ଟର୍ବୋଫ୍ୟାନ୍' ଇଞ୍ଜିନ୍ ବ୍ୟବହାର କରାଯାଇ ପରୀକ୍ଷା କରାଯାଇଛି। ଏହି ଟର୍ବୋଫ୍ୟାନ୍ ଇଞ୍ଜିନ୍ ମାଧ୍ୟମରେ ମିସାଇଲ ଅଧିକ ବେଗରେ ଗତି କରିବା ସହ କମ୍ ଶବ୍ଦ ମଧ୍ୟ କରିବ। ତେବେ ଏହାକୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ ମିସାଇଲ୍ ବୋଲି ଡିଆରଡିଓ ପକ୍ଷରୁ କୁହାଯାଉଛି।

ନିର୍ଭୟ କ୍ରୁଜ୍ ମିସାଇଲର ଓଜନ ୧୫୦୦ କିଲୋଗ୍ରାମ ହୋଇଥିବାବେଳେ ଏହାର ଲମ୍ବ ୬ ମିଟର, ମୋଟେଇ ୦.୫୨ ମିଟର ରହିଛି। ଏଥିରେ ୨ଶହରୁ ୩ଶହ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ। ଏହି ମିସାଇଲର ୧୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରହିଛି। ଉକ୍ତ କ୍ଷେପଣାସ୍ତ୍ରକୁ ପ୍ରଥମେ ୨୦୧୩ ମାର୍ଚ୍ଚ ୧୨ ତାରିଖରେ ପରୀକ୍ଷା କରାଯାଇଥିବାବେଳେ, ବୁଧବାର ୯ମ ଥର ପାଇଁ ପରୀକ୍ଷା କରାଯାଇଛି।



ସବ୍‌ସୋନିକ୍ କ୍ରୁଜ୍ ମିସାଇଲ।

## ପ୍ରଥମ ପୃଷ୍ଠାରୁ...

### ହକି ହିରୋଙ୍କୁ ...

ଆସନ୍ତା ପୁରୁଷ ହକି ବିଶ୍ୱକପ୍ ଏଠାରେ ଖେଳାଯିବ। ଖେଳାଳିମାନେ ନିଜର ହୋମ୍ ଟର୍ଫରେ ଖେଳିବା ନେଇ ଉତ୍ସାହିତ ରହିଛନ୍ତି। ଏଠାରୁ ହିଁ ଅଲିମ୍ପିକ୍ସ ଯାତ୍ରା ଆରମ୍ଭ ହୋଇଥିଲା। ଭାରତୀୟ ମହିଳା ଓ ପୁରୁଷ ହକିକୁ ପୂର୍ଣ୍ଣ ସମର୍ଥନ ଯୋଗାଉଥିବାରୁ ଖେଳାଳିମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅଲିମ୍ପିକ୍ସ ପୂର୍ବରୁ ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ଅର୍ଥରାଶି ପୁରସ୍କାର ଦେବା ସହ ସରକାରୀ ଚାକିରି ମଧ୍ୟ ପ୍ରଦାନ କରିଛନ୍ତି। ଭାରତୀୟ ହକି ଦଳର ଉପଅଧିନାୟକ ବୀରେନ୍ଦ୍ର ଲାକ୍ରା ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ଖେଳାଳିଙ୍କ ଦସ୍ତଖତ ଥିବା ଏକ ଜର୍ସି ପ୍ରଦାନ କରିଛନ୍ତି। ସେହିପରି ମହିଳା ହକି ଦଳର ଉପଅଧିନାୟିକା ଦୀପ୍‌ଗ୍ରେସ୍ ଏକ୍କା ମଧ୍ୟ ମହିଳା ଟିମ୍ ସଦସ୍ୟମାନଙ୍କ ଦସ୍ତଖତ ଥିବା ଏକ ଜର୍ସି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହାଇପରଫରମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସର ହକି ଖେଳାଳିମାନେ ଉପସ୍ଥିତ ଥିଲେ। ଉଦୀୟମାନ ଖେଳାଳିଙ୍କୁ ସମସ୍ତ ସହଯୋଗ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ପଦକ ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼ିଥିବା କହିଛନ୍ତି। ପରିବାର ଛାଡ଼ି ଯେଉଁ ତ୍ୟାଗ କରିଥିଲୁ ତାହା ସଫଳ ହୋଇଛି ବୋଲି ଉଭୟ କହିଛନ୍ତି। ଅମିତ ରୋହିଦାସ ଅଲିମ୍ପିକ୍ସ ପଦକ ତାଙ୍କ ସ୍ୱର୍ଗତ ବାପାଙ୍କୁ ଉତ୍ସର୍ଗ କରିଛନ୍ତି। ଅଲିମ୍ପିକ୍ସ ଖେଳିବାରେ ବାପାଙ୍କ ବହୁତ ଅବଦାନ ରହିଛି। ଗତବର୍ଷ ତାଙ୍କର ଦେହାନ୍ତ ହୋଇଛି, ସେ ଜୀବିତ ଥିଲେ ପଦକ ଦେଖି ଖୁବ୍ ଖୁସି ହୋଇଥାନ୍ତେ। ଜିତିବା ପାଇଁ ଲମ୍ବା ସଂଘର୍ଷ କରିବାକୁ ପଡ଼ିଥିଲା। ପରିଶ୍ରମ କରି ନ ଥିଲେ ସଫଳତା ମିଳି ନ ଥାଆନ୍ତା ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ଅଲିମ୍ପିକ୍ସ ପଦକ ବିଜେତା ବୀରେନ୍ଦ୍ର ଲାକ୍ରା କହିଛନ୍ତି, ପରିବାର ଛାଡ଼ି ଯେଉଁ ତ୍ୟାଗ କରିଥିଲୁ ତାହା ଆଜି ସଫଳ ହୋଇଛି। ଭାରତ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନ ଅନେକାଂଶରେ ସହାୟକ ହୋଇଥିବା ସେ କହିଛନ୍ତି। ମଙ୍ଗଳବାର ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ଓଡ଼ିଶା ଫେରିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତୀୟ ହକି ଟିମ୍ ଯେଉଁ ସଫଳତା ହାସଲ କରିଛି, ତା' ପଛରେ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିଛି। ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ଥିବା ସାହାରା ପୁରୁଷ ଓ ମହିଳା ଟିମ୍ ସ୍ପନସରଶିପ୍‌ରୁ ଓହରିଯାଇଥିଲା। ଭାରତୀୟ ହକି ପାଇଁ ଦୁର୍ଦ୍ଦିନ ଆହୁରି ବଢ଼ିଯାଇଥିଲା। ଏଭଳି ବିପଦ ସମୟରେ ନବୀନ ହକିକୁ ସହାୟତାର ହାତ ବଢ଼ାଇ କ୍ରୀଡ଼ା ପ୍ରତି ଥିବା ରୁଚିକୁ ଦର୍ଶାଇଛନ୍ତି। ୨୦୧୮ରେ ଓଡ଼ିଶା ସରକାର ହକି ଇଣ୍ଡିଆ ସହ ୧୩୦ କୋଟି ଟଙ୍କାର ଚୁକ୍ତି କରିଥିଲେ। ୫ ବର୍ଷ ପାଇଁ ଏହି ଚୁକ୍ତି କରାଯାଇଛି। ସିନିୟର, ଜୁନିୟର, ପୁରୁଷ ଓ ମହିଳା ଟିମ୍ ପାଇଁ ପାଖାପାଖି ୧୦୦ କୋଟି ଟଙ୍କାର ଚୁକ୍ତି କରାଯାଇଛି। ଓଡ଼ିଶା ସରକାର ହକିକୁ ଏକ ନୂଆ ଜୀବନ ଦେଇଛନ୍ତି। ୨୦୧୪ରେ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ପରେ ଓଡ଼ିଶା ୨୦୧୮ରେ ହକି ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ୨୦୧୯ରେ ଏଫ୍‌ଆଇଏଚ୍ ପୁରୁଷ ସେମିଫାଇନାଲ୍ସ ଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର ଏବଂ ୨୦୨୦ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଆୟୋଜିତ ହୋଇଥିଲା। ଏସବୁ ନବୀନ ପଟ୍ଟନାୟକଙ୍କ ଯୋଗୁ ହିଁ ସମ୍ଭବ ହୋଇପାରିଛି। ୨୦୧୯ରେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନଜନକ ଏଫ୍‌ଆଇଚ୍ ପ୍ରେସିଡେଣ୍ଟ ପୁରସ୍କାରରେ ସମ୍ମାନିତ କରିଥିଲା। ୨୦୨୩ରେ ମଧ୍ୟ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସରକାର ରାଉରକେଲାରେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରିବା ସହ ହକି ଭିତ୍ତିଭୂମି ସୁଦୃଢ଼ କରିବାରେ ଲାଗିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଓ ରାଉରକେଲା ଏବଂ କଳିଙ୍ଗ ଷ୍ଟାଡିୟମ ସମ୍ପ୍ରସାରଣ ପାଇଁ ୩୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି। ଏଥିସହିତ ସୁନ୍ଦରଗଡ଼ ଜିଲାରେ ହକିକୁ ଆହୁରି ଲୋକପ୍ରିୟ କରିବା ପାଇଁ ୧୭ଟି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଛଡ଼ା ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଖେଳ ଭିତ୍ତିଭୂମି ଏବଂ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାର ୪୬୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ୪୪୫୬ କୋଟିର ...

ପ୍ରାୟ ୪୩୨ ମିଲିୟନ ଡଲାର (ପ୍ରାୟ ୩,୨୧୦ କୋଟି ଟଙ୍କା) କ୍ରିପ୍ଟୋକରେନ୍ସି ଚୋରି, ଠକେଇ ତଥା ହ୍ୟାକ୍ ହୋଇଛି। ଏବେ ବ୍ଲକ ଚେନ୍ ପ୍ରୋଟୋକଲଗୁଡ଼ିକୁ ଟାର୍ଗେଟ କରି ହ୍ୟାକର୍ସମାନେ ହ୍ୟାକିଂ କରିବା ନୂଆ ଟ୍ରେଣ୍ଡ୍ ପାଲଟିଛି। ତେବେ ବୁଧବାର ଆଶ୍ଚର୍ଯ୍ୟକର ଘଟଣା କ୍ରମେ ହ୍ୟାକର୍ସ ଚୋରି କରିଥିବା ଡିଜିଟାଲ କରେନ୍ସିରୁ କିଛି ଅଂଶ ଫେରାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସେମାନେ ପଲି ନେଟ୍‌ୱର୍କକୁ ମେସେଜ ପଠାଇଛନ୍ତି। ଅଧିକ ଲାଭ ଆଶାରେ କ୍ରିପ୍ଟୋକରେନ୍ସି ପ୍ରତି ଆକର୍ଷଣ ବଢ଼ୁଛି। ଏଲ୍ ସାଲଭେଡୋର ଭଳି ଦେଶ ବିଟ୍‌କଏନକୁ ବୈଧ ଘୋଷଣା କରିସାରିଛି। ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କଙ୍କଠାରୁ ଆରମ୍ଭ କରି ଅନେକ ବିତ୍ତଶାଳୀ ବ୍ୟକ୍ତି ବିପୁଳ ପରିମାଣର ଅର୍ଥ ଭର୍ଚ୍ଚୁଆଲ କଏନରେ ନିବେଶ କରିଛନ୍ତି। ହେଲେ ଏହାର କୌଣସି ନିର୍ଦ୍ଦିଷ୍ଟ ନିୟନ୍ତ୍ରକ ନ ଥିବାରୁ ସେଥିରେ ନିବେଶ ଓ କାରବାର କେତେ ସୁରକ୍ଷିତ ତାହା ଅନେକ ସମୟରେ ଆଲୋଚନାର ବିଷୟ ପାଲଟିଛି। ଏପରି ସ୍ଥିତିରେ ସାଇବର ଅପରାଧୀମାନେ ବ୍ଲକଚେନ୍ ପ୍ରୋଟୋକଲ ସିଷ୍ଟମ ହ୍ୟାକ୍ କରି ଟୋକେନ ବା କଏନ ଚୋରି କରିନେବା ଘଟଣା ବୃଦ୍ଧି ପୁଣି ସେହି ଆଲୋଚନା ଆଡ଼କୁ ମୁହାଁଇଛି।

#### ବ୍ଲକ୍‌ଚେନ୍ କ'ଣ

ବ୍ଲକ୍‌ଚେନ୍ ବିଭିନ୍ନ କ୍ରିପ୍ଟୋକରେନ୍ସି କାରବାର ରେକର୍ଡ କାର୍ଯ୍ୟକଳାପରେ ବ୍ୟବହୃତ ହୋଇଥାଏ। ପ୍ରତ୍ୟେକ ଡିଜିଟାଲ କଏନର ଏକ ସ୍ୱତନ୍ତ୍ର ବ୍ଲକ୍‌ଚେନ୍ ରହିଥାଏ, ଯାହା କି ପରସ୍ପରଠାରୁ ଅଲଗା। ଏହା ସୂଚନା ରେକର୍ଡିଂ କରିବାରେ ସୁରକ୍ଷିତ ପ୍ରଣାଳୀ ବ୍ୟବହାର କରିଥାଏ। ଏହି ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରିବା ତଥା ହ୍ୟାକିଂ କରାଯିବା କୌଣସି ହ୍ୟାକରଙ୍କ ପାଇଁ ବେଶ୍ କଷ୍ଟକର। ପଲି ନେଟ୍‌ୱର୍କ ବିଭିନ୍ନ ପ୍ରକାର ବ୍ଲକ୍‌ଚେନ୍‌କୁ ପରସ୍ପର ସହ ଯୋଡ଼ିଥାଏ, ଯାହାଦ୍ୱାରା କ୍ରିପ୍ଟୋକରେନ୍ସି କାରବାର ହୋଇପାରିଥାଏ।

### ଏଟିଏମ୍‌ରେ କ୍ୟାଶ୍ ନ ରହିଲେ ...

ସମୟ କ୍ୟାଶ୍ ନ ରହେ ତେବେ ବ୍ୟାଙ୍କଗୁଡିକୁ ଜରିମାନା ଲାଗୁ ହେବ। ଯଦି କୌଣସି ବ୍ୟାଙ୍କ ନିୟମ ଅନୁପାଳନ କରିବାକୁ ସକ୍ଷମ ନ ହୁଅନ୍ତି ତେବେ ଏଟିଏମ୍ ପିଛା ୧୦ ହଜାର ଟଙ୍କା ଜରିମାନା ଭରିବାକୁ ପଡିବ।

ସେହିଭଳି ହ୍ୱାଇଟଲେବଲ ଏଟିଏମ୍‌ଗୁଡିକ ଲାଗି ମଧ୍ୟ ବ୍ୟାଙ୍କ ଜରିମାନା ଭରିବେ। ଏହି କ୍ଷେତ୍ରରେ ବ୍ୟାଙ୍କ ଚାହିଁଲେ ଏଟିଏମ୍ ଅପରେଟରଙ୍କଠାରୁ ମଧ୍ୟ ଅର୍ଥ ଆଦାୟ କରିପାରିବେ। ଏଟିଏମ୍‌ଗୁଡିକରେ ପର୍ଯ୍ୟାପ୍ତ ପରିମାଣର କ୍ୟାଶ ଉପଲବ୍ଧ କରାଇବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। ଲୋକମାନେ ଏଟିଏମ୍‌ରୁ କ୍ୟାଶ୍ ଉଠାଣରେ ଯେଭଳି କୌଣସି ସମସ୍ୟା ସାମ୍ନା ନ କରନ୍ତି ତାକୁ ବ୍ୟାଙ୍କ ଏବଂ ହ୍ୱାଇଟଲେବଲ ଏଟିଏମ୍ ଅପରେଟର୍ସ(ଡବ୍ଲ୍ୟୁଏଲ୍‌ଏଓ)ମାନେ ସମୀକ୍ଷା କରିବେ। ସିଷ୍ଟମ ଦୃଢ଼ୀକରଣ ସହ ବ୍ୟବସ୍ଥାକୁ ମଧ୍ୟ ଦୃଢ଼ୀକରଣ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜୁନ୍ ସୁଦ୍ଧା ସାରା ଦେଶରେ ୨.୧୩ ଲକ୍ଷ ଏଟିଏମ୍ ରହିଛି।

### ୧୫ ସୁଦ୍ଧା ସବୁ ଜିଲାରେ...

ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ନମୁନା ପ୍ରାୟତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ବଲାଙ୍ଗୀର ଓ କୋରାପୁଟକୁ ପଠାଯାଇଥାଏ। ଆର୍‌ଟି-ପିସିଆର୍ ରିପୋର୍ଟ ପାଇଁ ୪ରୁ ୫ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲାବୋରେଟୋରି ସ୍ଥାପନ ପାଇଁ ୨୦କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏବେ ସବୁ ଜିଲାରେ ଲାବ୍ କାର୍ଯ୍ୟକ୍ଷମ ହେଲେ ଲୋକେ ରିପୋର୍ଟ ମଧ୍ୟ ଶୀଘ୍ର ପାଇପାରିବେ। ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, କରୋନା ସଂକ୍ରମଣକୁ ଟ୍ୱେଣ୍ଟି-ଟ୍ୱେଣ୍ଟି ଗେମ୍ ଭାବେ ଦେଖନ୍ତୁ ନାହିଁ। କ୍ରମାଗତ ଭାବେ ଗ୍ରାଫ୍ ଦେଖିଲେ ସଂକ୍ରମଣ କମୁଛି ବୋଲି ଜାଣିପାରିବେ। ଯେଉଁ ଜିଲାରେ ଆଗରୁ ଅଧିକ ଆକ୍ରାନ୍ତ ବାହାରୁଥିଲେ, ଏବେ ସେଠାରେ ସଂକ୍ରମଣ ଢେର୍ କମିଗଲାଣି। ଆତଙ୍କିତ ହେଲା ଭଳି କୌଣସି ଅବସ୍ଥା ନାହିଁ। ଆମର ଜିନମ୍ ସିକ୍ୱେନ୍‌ସିଂ କାମ ମଧ୍ୟ ଚାଲିଛି ବୋଲି ଡା. ମିଶ୍ର କହିଛନ୍ତି।

### ବସ୍ ଉପରେ ...

କିନ୍ନୌରର ଅନ୍ୟ ଏକ ସ୍ଥାନରେ ବିଶାଳ ପଥର ଖଣ୍ଡ କାର୍ ଉପରେ ପଡ଼ିବାରୁ ୯ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଚଳିତ ମାସ ୩ ତାରିଖରେ ସୋଲାନ ଜିଲାରେ ଭୂସ୍ଖଳନ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨ ଜଣ ଆହତ ହୋଇଥିଲେ।

### ଜଗନ୍ନାଥ ଦର୍ଶନ ...

ସେବାୟତ ପରିବାର ସଦସ୍ୟମାନେ ମଙ୍ଗଳ ଆଳତିଠାରୁ ପହଣ୍ଡି ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ପାଇବେ। ୨୦ ତାରିଖରେ ପୁରୀ ସହରବାସୀଙ୍କ ଦର୍ଶନ ସରିବା ପରେ ୨୧ ଓ ୨୨ରେ ସପ୍ତାହାନ୍ତ ଶଟଡାଉନ୍ ଯୋଗୁ ଦର୍ଶନ ବନ୍ଦ ରହିବ। ୨୩ ତାରିଖଠାରୁ ସାଧାରଣ ଦର୍ଶନ ଆରମ୍ଭ ହେବ। କୋଭିଡ୍ କଟକଣାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି। ଶ୍ରଦ୍ଧାଳୁମାନେ ଡବଲ୍ ଡୋଜ୍ କୋଭିଡ୍ ଟିକା ନେଇଥିବେ କିମ୍ବା ସାଙ୍ଗରେ ୯୪ ଘଣ୍ଟା ପୂର୍ବର ଆର୍‌ଟି-ପିଶିଆର୍ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବେ। ଦୁଇଟି ମଧ୍ୟରୁ କୌଣସି ସର୍ତ୍ତ ପାଳନ ହୋଇ ନ ଥିଲେ, ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ପ୍ରବେଶ କରିପାରିବେ ନାହିଁ। ସେହିଭଳି ସାଙ୍ଗରେ ପରିଚୟପତ୍ର ଆଣିବାକୁ ବାଧ୍ୟ। ନିଜ ଆସବାବପତ୍ରକୁ ଶ୍ରୀମନ୍ଦିର କ୍ଲକ୍ ରୁମ୍‌ରେ ରଖି ସାନିଟାଇଜ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରେ ପ୍ରବେଶ ଓ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସପ୍ତାହରେ ୫ ଦିନ ପୂର୍ବାହ୍ନ ୭ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହେବ। ସପ୍ତାହାନ୍ତ ଶଟଡାଉନ୍‌ରେ ଶ୍ରୀମନ୍ଦିର ପରିସର ଓ ବାହାର ସାନିଟାଇଜ୍ କରାଯିବ। ଆସନ୍ତା ୩୦ରେ ଜନ୍ମାଷ୍ଟମୀ ଓ ୧ତାରିଖରେ ଗଣେଶ ଚତୁର୍ଥୀରେ ଅଧିକ ଗହଳି ସମ୍ଭାବନା ଥିବାରୁ ଏହି ଦୁଇଦିନ ସାଧାରଣ ଦର୍ଶନ ବନ୍ଦ ରହିବ। ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ରଖିବେ। ଶ୍ରୀମନ୍ଦିର ପରିସରରେ ମୂର୍ତ୍ତି ଇତ୍ୟାଦିକୁ ସ୍ପର୍ଶ କରିବେ ନାହିଁ। ଫୁଲ, ଦୀପ ଓ ଭୋଗ ଇତ୍ୟାଦି ଶ୍ରୀମନ୍ଦିରକୁ ନେବା, ଦୀପ ଜାଳିବା ଓ ଆନନ୍ଦ ବଜାରରେ ମହାପ୍ରସାଦ ସେବନ ନିଷେଧ କରାଯାଇଛି। ଶ୍ରୀମନ୍ଦିର ପରିସରରେ ଗୁଟ୍‌ଖା ଓ ପାନ ଇତ୍ୟାଦି ଖାଇଲେ ୫ଶହ ଓ ପଲିଥିନ୍ ବ୍ୟାଗ୍ ବ୍ୟବହାର କଲେ ୧୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଜଗନ୍ନାଥ ବଲ୍ଲଭ ଷ୍ଟାଣ୍ଡରେ ଚାରିଚକିଆ ଯାନ ପାର୍କିଂ କରାଯିବ।

# ୧୦ ପୋଲିସ ଅଧିକାରୀଙ୍କ ବଦଳି

ଯାଜପୁର ଅଫିସ,୧୧।୮: ଓଡ଼ିଶା ପୋଲିସ ସେଣ୍ଟ୍ରାଲ ରେଞ୍ଜ କଟକ ପକ୍ଷରୁ ୧୦ ଜଣ ସବଇନ୍ସପେକ୍ଟର ଓ ଇନ୍ସପେକ୍ଟର ପାହ୍ୟା ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ହୋଇଛି। ଯାଜପୁର ରୋଡ ଥାନାଧିକାରୀ ଅନିଲ କୁମାର ମହାନ୍ତିଙ୍କୁ ପୁରୀ ଜିଲା, ସରୋଜ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଓ ଭାଗ୍ୟଶ୍ରୀ ବେହେରାଙ୍କୁ ଖୋର୍ଦ୍ଧା ଜିଲା ପୋଲିସକୁ ବଦଳି କରାଯାଇଛି। ଏହାବାଦ ଖୋର୍ଦ୍ଧା ଜିଲାର ହୃଦାନନ୍ଦ ବେହେରାଙ୍କୁ ଯାଜପୁର, ପୁରୀ ଜିଲାରୁ ତପନ କୁମାର ରାଉତଙ୍କୁ କେନ୍ଦ୍ରାପଡ଼ା ଜିଲା, କେନ୍ଦ୍ରାପଡ଼ା ଜିଲାରୁ ରାକେଶ କୁମାର ତ୍ରିପାଠୀଙ୍କୁ ଯାଜପୁର, ପୁରୀ ଜିଲାରୁ ଉପେନ୍ଦ୍ର ପ୍ରଧାନଙ୍କୁ ଯାଜପୁର, କେନ୍ଦ୍ରାପଡ଼ା ଜିଲାରୁ କାଳନ୍ଦୀ ବେହେରାଙ୍କୁ ପୁରୀ, ପୁରୀ ଜିଲାରୁ ସୁରେନ୍ଦ୍ର କୁମାର ବସ୍ତିଆଙ୍କୁ ନୟାଗଡ଼ ଓ ଦିଲୀପ କୁମାର ବେହେରାଙ୍କୁ କଟକ ଜିଲା ପୋଲିସକୁ ବଦଳି ହୋଇଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
କାର୍ଯ୍ୟଦକ୍ଷତା ହେତୁ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଏବଂ ବନ୍ଧୁଙ୍କ ସୁପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
କର୍ମକ୍ଷେତ୍ରରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହକର୍ମୀଙ୍କ ଦ୍ୱାରା ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପ୍ରତିବନ୍ଧକ ହଟିଯିବା କାରଣରୁ ଆଜିର ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**
ଆଜି ହଠାତ୍ ପରିସ୍ଥିତି ବଦଳିଯିବା କାରଣରୁ ଆଶା ଅପୂରଣ ରହିଯାଇପାରେ। ସକାଳୁ ସକାଳୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ନିଜ ଇଚ୍ଛା ଅନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**
କାମର ଚାପ ବଢ଼ିବା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ତଥାପି କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରୋକ୍ଷଭାବରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ସକ୍ରିୟତା ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ସଂଘଟିତ ହେବ।

**ସିଂହ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟରୁ ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ଦୂର ହେବ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ବହୁ ପରିମାଣରେ ବଢ଼ିବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗର ଅଭାବ ରହିବନାହିଁ। ଉତ୍ସାହିତ ହେବେ। କେତେକ କ୍ଷେତ୍ରରେ କ୍ରୋଧବଶତଃ, କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**
ପ୍ରତିବନ୍ଧକ ଆସିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ରୀଡ଼ା, ପ୍ରତିଯୋଗିତା, କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାର ସୂଚନା ରହିଛି।

**ଧନୁ**
କର୍ମକ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। ଏଜେନ୍‌ଶିପ୍, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ପାରିବାରିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**
ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ରହିବ। ଜନସମର୍ଥନ ଥିବାରୁ ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ମାନସିକ ଅସ୍ଥିରତା ସାଙ୍ଗକୁ ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ**
ସହକର୍ମୀଙ୍କ ସହଯୋଗ ହେତୁ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ**
ପଡ଼ୋଶୀଙ୍କ ସହ ସମ୍ପର୍କରେ ଉନ୍ନତି ଘଟିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଜମିଜମା, ଘରସୀମା କିମ୍ବା ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗିରହିବ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ସମାଲୋଚିତ ହୋଇପାରନ୍ତି।


# classifieds Everyday
0674-2580101, 2549302




**SALE**

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Rent for Office/ Bank/ Shop 2000sqft. area. Prime location on NH- Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401

Office/Godown space 2500 Sft. Bapujinagar, Bhubaneswar. Rs.25/30 Sft. 9556700943, 0674-2596955. D-70237




Newly open SPA offer @799/-, positively health benefits, Jaydev Bihar. 7846814019. D-60000

Refreshing your mind, your body with tha best therapy at Lotus Spa. 8018891951. D-70466

Newly open Sairkupa Panchakarma Spa positively health benefits with expert. 8984068077. D-21263

Swarna SPA newly open positively health benefits with expert therapist. 9556978408. D-71128

**AFFIDAVIT**

Virtue of an affidavit sworn before Executive Magistrate, Bhadrak Dt.3.8.21, I Udayanath Bhanja, S/o. Rabindranath Bhanja, Vill./P.O.- Atto, P.S.- Sabarang, Dist.- Bhadrak - 756123 do hereby correction the spelling of my surname wrong recording in my HSC Certificate as 'BHANJA' instead of Bahanja for all purpose. D-21320

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୫୧,୦୭,୪୦୩ | ୪୩,୩୨,୩୫୯ | ୧୮,୪୧,୯୮,୧୨୧ |
| ଭାରତ | ୩,୨୦,୫୨,୧୨୨ | ୪,୨୯,୬୬୪ | ୩,୧୨,୩୦,୩୩୨ |
| ଓଡ଼ିଶା | ୯,୯୦,୦୭୫ | ୬୬୩୦(+୫୩) | ୯,୭୩,୫୭୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟ ଦାୟିତ୍ୱ ମିଳିଲେ ମାନିବି

**୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାର ୨୧ ଲୋକ ସଭା ଆସନରୁ କଂଗ୍ରେସକୁ ମାତ୍ର ଗୋଟିଏ ଆସନ ମିଳିଛି। କୋରାପୁଟ ଲୋକ ସଭା ଆସନରୁ ବିଜୟୀ ହୋଇଛନ୍ତି ସପ୍ତଗିରି ଉଲ୍ଲାକା। ପ୍ରଥମ ଥର ଲାଗି ଲୋକ ସଭାକୁ ଯାଇଥିବା ସପ୍ତଗିରି ହେଉଛନ୍ତି ପୂର୍ବତନ ବିଧାୟକ ତଥା ଏମ୍‌ପି ଏବଂ ଆଦିବାସୀ ଅଞ୍ଚଳର ଜଣେ ଜଣାଶୁଣା ନେତା ରାମଚନ୍ଦ୍ର ଉଲ୍ଲାକାଙ୍କ ପୁଅ। ଇନ୍‌ଫୋସିସ୍‌ର ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରୁଥିବା ଉଲ୍ଲାକା ଉଚ୍ଚ ଦରମା ପାଇ ବିଦେଶରେ ରହୁଥିଲେ। ହେଲେ ପିଲାବେଳୁ ବାପାଙ୍କ ସହ ରାଜନୈତିକ ପ୍ରଚାରରେ ସାମିଲ ହେଉଥିବା ସପ୍ତଗିରି ସକ୍ରିୟ ରାଜନୀତି ପାଇଁ ମନ ବଳାଇଥିଲେ। ରାଜନୀତିରେ ରୁଚି ରଖିଥିବାରୁ ଚାକିରି ଛାଡ଼ି ବର୍ତ୍ତମାନ ପାର୍ଲାମେଣ୍ଟ ସଦସ୍ୟ ହୋଇଥିବା ସପ୍ତଗିରି ଉଲ୍ଲାକାଙ୍କ ସହ ଧରିତ୍ରୀର ସୁନୀତ୍ ମିଶ୍ରଙ୍କ ଆଳାପ।**


ସପ୍ତଗିରି ଉଲ୍ଲାକା

**ଧରିତ୍ରୀ ଆଳାପ**

**ପ୍ରଶ୍ନ – ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ସବୁଠାରେ କଂଗ୍ରେସ ପରାଜୟର ସ୍ୱାଦ ଚାଖିଥିବା ବେଳେ କେବଳ କୋରାପୁଟ ଆସନରେ ଆପଣ ଜିତିଛନ୍ତି। ଏହା ଆପଣଙ୍କ ଗୁରୁତ୍ୱ ଦଳରେ କିପରି ବଢ଼ାଇଛି?**

ଉତ୍ତର: ରାଜ୍ୟର ଗୋଟିଏ ଆସନ ସେଇଟା ପୁଣି କୋରାପୁଟରେ ମୁଁ ନିଜେ ଜିତିଛି। ଲୋକମାନେ କେବଳ ମତେ ଜିତାଇ ନାହାନ୍ତି ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହରାଇଛନ୍ତି। ନିଶ୍ଚିତ ରୂପେ ଏଥିଯୋଗୁ କେବଳ ଓଡ଼ିଶାରେ ନୁହେଁ ବରଂ ପାର୍ଲାମେଣ୍ଟରେ ମୋର ଗୁରୁତ୍ୱ ବଢ଼ିଯାଇଥିବା ଭଳି ମନେହେଉଛି। ଯଦି କଂଗ୍ରେସ ଆଉ ୩ରୁ ୪ଟି ଆସନରେ ବିଜୟୀ ହୋଇପାରି ଥାଆନ୍ତା ତେବେ ଅଧିକ ଭଲ ହୋଇଥାଆନ୍ତା।

**ପ୍ରଶ୍ନ – ରାଜ୍ୟବାସୀ ୨୦ ଆସନରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇବା ସତ୍ତ୍ୱେ ଆପଣଙ୍କ ସପକ୍ଷରେ ଜନମତ ଯିବାର କାରଣ କ'ଣ ହୋଇପାରେ ବୋଲି ଭାବୁଛନ୍ତି?**

ଉତ୍ତର: କୋରାପୁଟବାସୀ ଜଣେ ଶିକ୍ଷିତ ଆଦିବାସୀ ପିଲାଙ୍କୁ ଚାହୁଁଥିଲେ। ଏଠାରେ ମୋଦି ଏବଂ ନବୀନଙ୍କ ବିରୋଧରେ ଜନମତ ଥିଲା। ତାକୁ ନିଜ ସପକ୍ଷରେ ନେଇ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରିଲୁ। ମୋ ବାପା ରାମଚନ୍ଦ୍ର ଉଲ୍ଲାକାଙ୍କ ନାଁ ଥିଲା। ଫଳରେ ନିର୍ବାଚନର ୬ ମାସ ଆଗରୁ ଯେତେବେଳେ ଲୋକଙ୍କ ପାଖକୁ ଗଲି ଆମ କ୍ୟାଡର ସକ୍ରିୟ ହୋଇ କାମ ଆରମ୍ଭ କରିଦେଲେ।

**ପ୍ରଶ୍ନ – କଂଗ୍ରେସ ବାକି ଆସନଗୁଡ଼ିକରେ କାହିଁକି ଭଲ ପ୍ରଦର୍ଶନ କରିପାରିଲା ନାହିଁ ବୋଲି ଭାବୁଛନ୍ତି?**

ଉତ୍ତର: ସୁନ୍ଦରଗଡ଼, କଳାହାଣ୍ଡି, ନବରଙ୍ଗପୁରରେ କମ୍ ଭୋଟ ବ୍ୟବଧାନରେ ହାରିଗଲୁ। ଆଉ ଟିକେ ପରିଶ୍ରମ କରିଥିଲେ ଭଲ ହୋଇଥାଆନ୍ତା। ଟିକେଟ ଦେବାରେ ବିଳମ୍ବ ହେବା ପରାଜୟର ମୁଖ୍ୟ କାରଣ। ୬ ମାସ ପୂର୍ବରୁ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇଥିଲେ ଭଲ ଫଳ ହୋଇପାରି ଥାଆନ୍ତା। ପ୍ରାର୍ଥୀମାନେ ମଧ୍ୟ ନିଜେ ସଂଘର୍ଷ କରିପାରି ଥାଆନ୍ତେ। ନିର୍ବାଚନ ପ୍ରକ୍ରିୟା ଭୁଲ୍ ହେଲେ ସବୁ ଭୁଲ୍ ହେବ। ସେହିପରି ଦଳ ତରଫରୁ ପ୍ରଚାର ମଧ୍ୟ ବହୁ ବିଳମ୍ବରେ କରାଗଲା।

**ପ୍ରଶ୍ନ – ତେବେ ବିଜେଡି ଓ ଭାଜପା ୬ ମାସ ପୂର୍ବରୁ ଟିକେଟ ନ ବାଣ୍ଟି ନିର୍ବାଚନ ସମୟରେ ପ୍ରାର୍ଥୀ ତାଲିକା ଘୋଷଣା କଲେ, ଏହାସତ୍ତ୍ୱେ ସେମାନେ କିପରି ଭଲ ପ୍ରଦର୍ଶନ କରିପାରିଲେ?**

ଉତ୍ତର: କଥା ସେଇଆ ନୁହେଁ। କଂଗ୍ରେସ ଏକ ଗଣତାନ୍ତ୍ରିକ ଦଳ। ଏଠି ଜଣେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ପର୍ଯ୍ୟବେକ୍ଷକ ନିର୍ବାଚନମଣ୍ଡଳୀକୁ ଯାଆନ୍ତି। ତା'ପରେ ପିସିସି(ପ୍ରଦେଶ କଂଗ୍ରେସ କମିଟି) ତାଲିକା ପ୍ରସ୍ତୁତ କରି ଏଆଇସିସି ନିକଟକୁ ପଠାଇଥାଏ। ଶେଷରେ ସ୍କ୍ରିନିଂ କମିଟି ବସି ଚୂଡ଼ାନ୍ତ ତାଲିକା କରେ। ଅନ୍ୟ ଦଳଗୁଡ଼ିକର ଟିକେଟ ବଣ୍ଟନ ବ୍ୟବସ୍ଥା ଭିନ୍ନ। ବିଜେଡିରେ ନବୀନ ବାବୁ ଯାହା ନିଷ୍ପତ୍ତି ନିଅନ୍ତି ତାହା ହିଁ ଚୂଡ଼ାନ୍ତ, ଏହା ଉପରେ କେହି ପ୍ରଶ୍ନ ଉଠାଇ ନ ଥାଆନ୍ତି। ମୋଦିଙ୍କ ହାୱାରେ ଭାଜପା ଆଗକୁ ବଢ଼ିପାରିଲା। କଂଗ୍ରେସର ଟିକେଟ ବଣ୍ଟନ ପ୍ରକ୍ରିୟାରେ ପରିବର୍ତ୍ତନ ଆବଶ୍ୟକ।

**ପ୍ରଶ୍ନ – ଆପଣଙ୍କ ମତରେ ଟିକେଟ ବଣ୍ଟନ ପ୍ରକ୍ରିୟାରେ କେଉଁଭଳି ପରିବର୍ତ୍ତନ ହେବା ଆବଶ୍ୟକ?**

ଉତ୍ତର: ପ୍ରଥମ କଥା ବାରମ୍ବାର ପିସିସି ପରିବର୍ତ୍ତନ ହେବା ଠିକ୍ ନୁହେଁ। ଏହାଦ୍ୱାରା ଦଳର କ୍ଷତି ହେଉଛି। ଜଣଙ୍କୁ ୫ ବର୍ଷ ପାଇଁ ଦାୟିତ୍ୱ ମିଳିବା ଦରକାର। ଏହାଦ୍ୱାରା ଦଳର କର୍ମୀ ଦ୍ୱନ୍ଦ୍ୱରେ ପଡୁଛନ୍ତି ଏବଂ କିଏ ସେମାନଙ୍କ ନେତା ଜାଣିପାରୁ ନାହାନ୍ତି। ଯିଏ ପିସିସି ଦାୟିତ୍ୱ ନେବେ ସେ ଆଗେ ପଞ୍ଚାୟତ ସ୍ତରରେ କେତେଜଣ ନେତାଙ୍କୁ ଦାୟିତ୍ୱ ଦେବା ଦରକାର। ତୃଣମୂଳ ସ୍ତରରେ ଦଳ ପାଇଁ କିଏ କାମ କରୁଛି ସେହି ଲୋକଙ୍କୁ ଚିହ୍ନଟକରି ଟିକେଟ ମିଳିବା ଆବଶ୍ୟକ। ଏହାଦ୍ୱାରା ଜଣେ ବ୍ୟକ୍ତି ଗୋଟିଏ ନିର୍ବାଚନମଣ୍ଡଳୀରେ ସବୁ ଦାୟିତ୍ୱ ନେଇ ଯୁବ, ଛାତ୍ର, ମହିଳା ଏବଂ ଅନ୍ୟ ଭୋଟରଙ୍କ ପାଖରେ ରହି ସେମାନଙ୍କ ଆସ୍ଥାଭାଜନ ହୋଇପାରିବ।

**ପ୍ରଶ୍ନ – ଏହିସବୁ କାରଣ ଯୋଗୁ ଯୁବ, ଛାତ୍ର ଭୋଟ ଆପଣଙ୍କ ସପକ୍ଷରେ ନ ଯାଇ ମୋଦି ଓ ନବୀନଙ୍କ ସପକ୍ଷରେ ଗଲା କି?**

ଉତ୍ତର: ଯୁବ ଓ ଛାତ୍ର ବିଶେଷକରି ୧୮ରୁ ୨୫ ବର୍ଷର ନୂଆ ଭୋଟର ଆମ ବିପକ୍ଷରେ ଗଲେ। ସେମାନଙ୍କୁ ଆମେ ଟ୍ୟାଗ୍ କରିପାରିଲୁ ନାହିଁ। ଅଧିକାଂଶ ବିଜେଡି ସପକ୍ଷରେ ଏବଂ କିଛି ଭାଜପା ସପକ୍ଷରେ ରହିଲା। ହେଲେ ସେମାନଙ୍କୁ କଂଗ୍ରେସ ନିଜ ସପକ୍ଷରେ ନେଇପାରିବ। ବିଜେଡି ଜାଣିଶୁଣି କଲେଜ ନିର୍ବାଚନ ବନ୍ଦ କରି ରଖିଛି। ଏହା ବିରୋଧରେ ଆନ୍ଦୋଳନ ଆରମ୍ଭ ହେବ।

**ପ୍ରଶ୍ନ – ଯୁବଭୋଟରଙ୍କୁ ନିଜ ସପକ୍ଷରେ ନେବା ଲାଗି କଂଗ୍ରେସ କ'ଣ ସବୁ କରୁଛି?**

ଉତ୍ତର: ୧୮ରୁ ୨୫ ବର୍ଷ ଭୋଟରଙ୍କୁ ଫେରାଇବା ଆମ ସମସ୍ତଙ୍କ ଦାୟିତ୍ୱ। ସେଥିଲାଗି କଂଗ୍ରେସ ଯୁବଭୋଟରଙ୍କୁ ନିଜ ସପକ୍ଷରେ ନେବା ସକାଶେ ନିକଟରେ ତାଲିମ ଶିବିର ଆୟୋଜନ କରିବ ଏବଂ ବିଭିନ୍ନ ଯୁବ, ଛାତ୍ରଙ୍କୁ ନେଇ ବହୁ ପ୍ରସଙ୍ଗରେ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ସ୍ଥିର କରିଛି। କର୍ମୀ ଯେଉଁମାନେ ଆଶା ହରାଇ ପଳାଇଛନ୍ତି ସେମାନଙ୍କୁ ବିଶ୍ୱାସ ଦେଇ ଫେରାଇ ପାରିଲେ ଯେଉଁ ନେତାମାନେ ମଧ୍ୟ ଦଳ ଛାଡ଼ିଛନ୍ତି ସେମାନେ ଆପେ ଫେରିଆସିବେ। ଏଥିଲାଗି ଦଳକୁ ଜଣେ ଯୁବ ନେତୃତ୍ୱର ଆବଶ୍ୟକତା ରହିଛି।

**ପ୍ରଶ୍ନ – ଆପଣ ମଧ୍ୟ ଜଣେ ଯୁବନେତା, ତେଣୁ ପିସିସି ଦାୟିତ୍ୱ ମିଳିଲେ ଏହା ତୁଲାଇବାକୁ ଆଗ୍ରହ ପ୍ରକାଶ କରିବେ କି?**

ଉତ୍ତର: ମୋର କୌଣସି ଇଚ୍ଛା ଏଥିପ୍ରତି ନାହିଁ ବରଂ ମୁଁ ଜାତୀୟ ରାଜନୀତିରେ ରୁଚି ରଖୁଛି। ବର୍ତ୍ତମାନ ଏଆଇସିସିର ସମ୍ପାଦକ ଅଛି। ୨୦୨୩ରେ ଛତିଶଗଡ଼ ନିର୍ବାଚନରେ ଭଲ ଫଳ ଆଣିବା ମୋର ମୁଖ୍ୟ ଲକ୍ଷ୍ୟ। ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ କରାଇବାକୁ କାମ କରୁଛୁ। ଦଳ ଯଦି ଦାୟିତ୍ୱ ଦିଏ ନିଶ୍ଚୟ ମାନିବି। ଯୁବକମାନଙ୍କୁ ଏକାଠି କରିପାରିଲେ ଯାଇ ଓଡ଼ିଶାରେ କଂଗ୍ରେସ ଆଗକୁ ବଢ଼ିପାରିବ।

**ପ୍ରଶ୍ନ – କଂଗ୍ରେସର ଜାତୀୟ ନେତାମାନେ ଯେତେବେଳେ ଦଳର ହାଇକମାଣ୍ଡଙ୍କ ବିରୋଧରେ ମେଳି ବାନ୍ଧିଲେଣି ସେତେବେଳେ ଯୁବଭୋଟର କେଉଁ ଭରସାରେ ଆପଣଙ୍କ ସହ ଯୋଡ଼ିହେବେ ବୋଲି ଭାବୁଛନ୍ତି?**

ଉତ୍ତର: ଏହା ବିୟୁଟି ଅଫ୍ କଂଗ୍ରେସ ପାର୍ଟି। ଆମ ଦଳର ସର୍ବୋଚ୍ଚ ନେତାଙ୍କ ବିରୋଧରେ କହିବାର ମଧ୍ୟ ସୁଯୋଗ ରହିଛି, ଯାହା ଅନ୍ୟ କୌଣସି ଦଳରେ ନାହିଁ। ଯେଉଁମାନେ ମେଳି କରିଥିଲେ ସେମାନେ ଥଇଥାନ ହୋଇଛନ୍ତି। କାହାରିକୁ ମଧ୍ୟ ଦଳ କାଢ଼ି ନାହିଁ। ବିଜେଡି କିମ୍ବା ଭାଜପାରେ ଏତିକି ହୋଇଥିଲେ ସେମାନଙ୍କୁ ଦଳରୁ କାଢ଼ି ଦିଆଯାଇ ସାରନ୍ତାଣି। ଯୁବ ଭୋଟର ମଧ୍ୟ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଗ୍ରହଣ କରିବା ଆରମ୍ଭ କଲେଣି।

**ପ୍ରଶ୍ନ – ତେବେ ୨୦୨୪ ନିର୍ବାଚନରେ କଂଗ୍ରେସ ଯୁବ, ଛାତ୍ରଙ୍କୁ ନେଇ ଦେଶରେ ପୁନର୍ବାର ସରକାରକୁ ଫେରିବ ବୋଲି ଭାବୁଛନ୍ତି କି?**

ଉତ୍ତର: ଏବେଠାରୁ କିଛି କହିବା ଅସମ୍ଭବ। ନିର୍ବାଚନ ଆସିଲେ ମୋଦି ନିଶ୍ଚୟ କିଛି କରିବେ। ୨୦୧୯ ନିର୍ବାଚନ ପୂର୍ବରୁ ଯେପରି ପୁଲ୍‌ୱାମା ଆଟାକ୍ କରି ଭୋଟ ନେଇପାରିଲେ ସେହିପରି କିଛି କରିପାରନ୍ତି। ରାମମନ୍ଦିର ନିର୍ମାଣ କଥା କହିପାରନ୍ତି କିମ୍ବା ୫୪୨ ଏମ୍‌ପି ସଂଖ୍ୟା ବଢ଼ାଇ ହଜାରେ କରିଦେଇପାରନ୍ତି। ହେଲେ କଂଗ୍ରେସ ନିଶ୍ଚୟ ଏହା ବିରୋଧରେ ନିଜର ରଣନୀତି ପ୍ରସ୍ତୁତ କରି ଦେଶରେ ସରକାର କରିବାକୁ ଚେଷ୍ଟା କରିବ।

**ପ୍ରଶ୍ନ – ୨୦୧୯ ନିର୍ବାଚନରେ ଜିତିବା ପରେ ଏହା ଭିତରେ ୨ ବର୍ଷ କରୋନାରେ ଚାଲିଗଲା। ଆଦିବାସୀ ବହୁଳ ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ଭାବେ ଆପଣଙ୍କ କାର୍ଯ୍ୟକୁ ନେଇ କେତେ ସନ୍ତୁଷ୍ଟ?**

ଉତ୍ତର: ସବୁବେଳେ ଆଦିବାସୀ ଅଞ୍ଚଳର ଲୋକଙ୍କ ପାଇଁ କାମ କରୁଛି ଆଗକୁ ମଧ୍ୟ କରିବି। ଗୁଣପୁର-ଥେରୁବାଲି ରେଲୱେ ଲାଇନ କାର୍ଯ୍ୟକୁ ଗୁରୁତ୍ୱ ଦେଇଛି। ୧୨୦ ଗ୍ରାମ ପଞ୍ଚାୟତରେ ମୋବାଇଲ ସଂଯୋଗ ନାହିଁ। ଝୋଡ଼ିଆ ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ, ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଚଳାଇଛୁ, ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ସେଣ୍ଟ୍ରାଲ ୟୁନିଭର୍ସିଟି ସହ ଜୟପୁରରେ ଉଡାନ୍ ଏୟାରପୋର୍ଟ କାମ କରିବା ପାଇଁ ଚେଷ୍ଟା ଚଳାଇଛି।

**ପ୍ରଶ୍ନ – ଆପଣ ଖାଲି ସମୟରେ କ'ଣ କରିବାକୁ ଭଲ ପାଆନ୍ତି ଏବଂ ଶରୀର ପାଇଁ କ'ଣ କରନ୍ତି?**

ଉତ୍ତର: ନେଟ୍‌ଫ୍ଲିକ୍ସରେ ବିଭିନ୍ନ ସିରିଜ ଦେଖିବାକୁ ଭଲ ପାଏ। ସ୍ପୋର୍ଟ୍ସ ଫଲୋ କରିବା ପାଇଁ ଭଲ ଲାଗେ। ରାଜନୀତିକୁ ଆସିଲା ପରେ ଆଉ ସମୟ ମିଳୁନି। ଖେଳାଖେଳି କରିବା ସହିତ ସକାଳ ୫ଟାରୁ ୬ଟା ପର୍ଯ୍ୟନ୍ତ ୱାର୍କିଂ କରେ।

**ପ୍ରଶ୍ନ – ଆପଣଙ୍କୁ ଦେଶର କେଉଁ ସ୍ଥାନ ସବୁଠାରୁ ଭଲ ଲାଗେ?**

ଉତ୍ତର: ଓଡ଼ିଶାର କଶ୍ମୀର ବୋଲି କୋରାପୁଟକୁ କୁହାଯାଏ। କୋରାପୁଟ ସବୁଠୁ ଭଲ ଲାଗେ। ଦିଲ୍ଲୀ ମଧ୍ୟ ବହୁତ ଭଲ।






## ଯୁବକଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା, ୧୧।୮ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ରୋଡରେ ଏକ ଆଜବେଷ୍ଟସ ଘରେ ଭଡାରେ ରହୁଥିବା ଜଣେ ଯୁବ ଶ୍ରମିକ ଉକ୍ତ ଘରର ଲୁହା କଡ଼ିରେ ଗାମୁଛା ଦେଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ଉକ୍ତ ବିବାହିତ ଯୁବ ଶ୍ରମିକଙ୍କ ନାମ ରାଜୁ ସାହୁ(୩୫)। ତାଙ୍କ ଘର ଝାଡଖଣ୍ଡ ସିଂଭୂମ ଜିଲା ବ୍ରହ୍ମା ମାଇନ୍ସ ଅଞ୍ଚଳରେ ବୋଲି ପୋଲିସ କହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ରାଜୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଝଗଡ଼ା ଲାଗିବାରୁ ସେ ଘରର ଲୁହା କଡ଼ିରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି।


**GOLDEN JUBILEE WOMEN'S HIGHER SECONDARY SCHOOL**
Khariar Road- 766104, Dist- Nuapada, Odisha
**TEACHERS REQUIRED**
For B.M.S, B.S.M, Accountancy and F.E
For +2 Commerce
Eligibility: Candidate Must Possess M. Com
Cont. No: 9340452045, 8260343761, 8895002455, 9937692121
Sd/- Principal



**ତହସିଲ କାର୍ଯ୍ୟାଳୟ, ସବଡେଗା**
ସଂଖ୍ୟା 896 ତାରିଖ 10.08.2021
**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସବଡେଗା ତହସିଲ ଅନ୍ତର୍ଗତ ତିନି (3) ଗୋଟି ବାଲିଘାଟକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ପାଇଁ ତହସିଲଦାର, ସବଡେଗାଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ Odisha Minor Mineral Concession Rules-2016ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୪।୦୯।୨୦୨୧ ରିଖ ଅପରାହ୍ନ ୦୧.୩୦ଟା ସୁଦ୍ଧା ତହସିଲ ଅଫିସରେ ଥିବା Drop Boxରେ ପକେଇବେ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। Tender Box ତା ୧୪।୦୯।୨୦୨୧ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ୍ ଚୂଡାନ୍ତ କରାଯିବ ଏବଂ ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ। ପ୍ରଥମ ତାରିଖରେ ଲିଜ୍ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା୧୬।୦୯।୨୦୨୧ରିଖ ଓ ତୃତୀୟ ଥର ପାଇଁ ତା୧୭।୦୯।୨୦୨୧ରିଖରେ କରାଯିବ।
ଦରଖାସ୍ତ ସହିତ ସଂଲଗ୍ନ ହେବାକୁ ଥିବା ଦଲିଲ ଲିଜ୍‌ର ସର୍ତ୍ତାବଳୀ ଲଘୁ ଖଣିଜ (ବାଲି) ଉପର ବିବରଣୀ ଦରଖାସ୍ତ ଫର୍ମ-Mର ନମୁନା ତଥା ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲା ୱେବ୍‌ସାଇଟ http//:www.sundergarh.nic.inରେ ଉପଲବ୍ଧ ଅଛି।
ସ୍ୱା./- ତହସିଲଦାର, ସବଡେଗା





## ରାଜ୍ୟ ତାଲିକା ଆଧାରରେ ପଛୁଆବର୍ଗଙ୍କୁ ସଂରକ୍ଷଣ ମିଳୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷାକ୍ଷେତ୍ରରେ ୨୭% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଓଡ଼ିଶାରେ ସରକାର ଏହି ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ ଦେଇ ୫୦%ରୁ ଅଧିକ ସ୍ଥାନ ଦାବି କରିବା ଅମୂଳକ। ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ରାଜ୍ୟ ତାଲିକା ଆଧାରରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଦେଇନାହିଁ। ତେଣୁ ଓଡ଼ିଶା ସରକାର ରାଜ୍ୟ ତାଲିକା ଆଧାରରେ ସେମାନଙ୍କୁ ସଂରକ୍ଷଣ ଦିଅନ୍ତୁ ବୋଲି ରାଜ୍ୟ ସଭାରେ ୧୨୭ ତମ ସଂଶୋଧନ ବିଧେୟକ ଆଲୋଚନାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟ ସରକାର ଓବିସି ଓ ଏସ୍‌ଇବିସିଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ହାଇକୋର୍ଟରେ ଏହା ବିରୋଧରେ ଏକ ମାମଲା ଦାଏର ହୋଇଥିଲା। ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରି କରିଥିଲେ। ହାଇକୋର୍ଟଙ୍କ ରହିତାଦେଶ ବିରୋଧରେ ସୁପ୍ରିମକୋର୍ଟ ଯିବା ପାଇଁ ରାଜ୍ୟ ସରକାରଙ୍କୁ କିଏ ମନା କରିଥିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଜାତିଭିତ୍ତିକ ଜନଗଣନା ହେଉ

- ଶାହାଙ୍କୁ ଭେଟିଲେ ବିଜେଡି ଏମ୍‌ପି
- ସଂରକ୍ଷଣକୁ ୫୦%ରୁ ଅଧିକ ବଢ଼ାଇବାକୁ ଦାବି

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

ପଛୁଆ ବର୍ଗ ଗଣନାକୁ ନେଇ ରାଜନୀତି ଜୋର ଧରିଛି। ଏହି ବର୍ଗଙ୍କ ପାଇଁ ବିଭିନ୍ନ ରାଜ୍ୟରୁ ଦାବି ହେଉଥିବାବେଳେ ଓଡ଼ିଶା ପକ୍ଷରୁ ମଧ୍ୟ ଜନଗଣନାରେ ପଛୁଆବର୍ଗ ଜାତି ଗଣନା କରିବାକୁ ଦାବି କରାଯାଇଛି। ଏ ନେଇ ବିଜେଡି ସଂସଦୀୟ ଦଳ ପ୍ରତିନିଧି ମଣ୍ଡଳୀ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ପାର୍ଲାମେଣ୍ଟସ୍ଥିତ ତାଙ୍କ ଚାମ୍ବରରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏକ କେନ୍ଦ୍ରୀୟ ଆଇନ ପ୍ରଣୟନ କରି ସଂରକ୍ଷଣକୁ ୫୦%ରୁ ଅଧିକ ବୃଦ୍ଧି କରିବା ଓ ଏସ୍‌ଇବିସି/ଓବିସିଗୁଡ଼ିକୁ ଚିହ୍ନଟ ଏବଂ ଜାତିଭିତ୍ତିକ ଜନଗଣନା କରିବା ବିଷୟରେ ପ୍ରସ୍ତାବ ଦିଆଯାଇଛି। ସମଗ୍ର ଦେଶରେ ଶିକ୍ଷାଗତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡଳ କମିଶନ ପଛୁଆ ଜାତି ଓ ବର୍ଗଙ୍କର ତାଲିକା ପ୍ରକାଶ କରିଛନ୍ତି। ୧୯୯୩ରେ ଏନ୍.କେ. ଦାସ କମିଶନଙ୍କ ୧୮୧ ଜାତି ସୁପାରିସ କରିଥିବାବେଳେ ଏହି ସଂଖ୍ୟା ଏବେ ୨୦୮କୁ ବୃଦ୍ଧିପାଇଛି। ତାହାକୁ ନେଇ ଓଡ଼ିଶା ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେହିପରି କେନ୍ଦ୍ର ସରକାର ୧୯୯୪ରେ ଓଡ଼ିଶା ପାଇଁ ଓବିସି ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୮ ଜାତି, ଶ୍ରେଣୀ, ବର୍ଗର ତାଲିକା ପ୍ରକାଶ ପାଇଛି। ବିଭିନ୍ନ ରାଜ୍ୟ ମଧ୍ୟ ଓବିସି/ଏସ୍‌ଇବିସିମାନଙ୍କର ବିକାଶ ପାଇଁ ନିଜସ୍ୱ ସଂରକ୍ଷଣ ନୀତି କରିଛନ୍ତି, ଯାହାକୁ ବିଭିନ୍ନ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ବିଜେଡି ସଂସଦୀୟ ଦଳ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟ ସଂରକ୍ଷଣ ନୀତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏସ୍‌ଇବିସି/ଓବିସି ସଂରକ୍ଷଣ ନୀତି ପାଇଁ ସମ୍ପୂର୍ଣ୍ଣ ବୈଜ୍ଞାନିକ ଡାଟାବେସ୍ ପ୍ରସ୍ତୁତ ହେବା ଦରକାର। ଶାହା ସ୍ମାରକପତ୍ର ଗ୍ରହଣ କରି ବିଜେଡି ଏମ୍‌ପିଙ୍କ ସଂରକ୍ଷଣ ୫୦% ରୁ ଅଧିକ ବୃଦ୍ଧି ଏବଂ ଏସ୍‌ଇବିସି/ଓବିସି ପାଇଁ ଜାତିଭିତ୍ତିକ ଜନଗଣନା ପାଇଁ ଥିବା ଉଦ୍‌ବେଗକୁ ପ୍ରଶଂସା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।







**ଜାତୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅନୁଷ୍ଠାନ**
ବାବା ଗଙ୍ଗନାଥ ମାର୍ଗ, ମୁନିର୍କା, ନୂଆଦିଲ୍ଲୀ-୧୧୦୦୬୭
ନଂ. ବି.୧୨୦୨୮/୪/୨୦୨୧-ଏଡିଏମ୍‌ଏନ୍.II
**ଖାଲି ପଦବୀ ବିଜ୍ଞପ୍ତି**

ଜାତୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅନୁଷ୍ଠାନ (ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ), ଶିକ୍ଷା ଓ ତାଲିମ, ଗବେଷଣା ଏବଂ ମୂଲ୍ୟାୟନ, ବିଶେଷୀକୃତ ସେବା, ପରାମର୍ଶ ଓ ଉପଦେଶ ସେବା ମାଧ୍ୟମରେ ଦେଶରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ପ୍ରସାର ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପାଣ୍ଠିପ୍ରାପ୍ତ ଏକ ସ୍ୱୟଂଶାସିତ / ଶୀର୍ଷ ବୈଷୟିକ ଅନୁଷ୍ଠାନ ଅଟେ । ଦେଶରେ ଏ ସମ୍ପର୍କିତ ସମସ୍ତ ଗତିବିଧି ପାଇଁ ଏହି ଅନୁଷ୍ଠାନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଏକ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ ହୋଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର (ସ୍ୱାସ୍ଥ୍ୟ ସୂଚନାବିଜ୍ଞାନ କେନ୍ଦ୍ର (ସିଏଚ୍‌ଆଇ)ଙ୍କ ମାଧ୍ୟମରେ କୋଭିଡ୍-୧୯ ଆଇଟି ପ୍ରୟୋଗ ପ୍ରକଳ୍ପର ବିକାଶ ଓ ରକ୍ଷଣାବେକ୍ଷଣ ଲାଗି ଠିକା ଭିତ୍ତିରେ ନିମ୍ନଲିଖିତ ପଦବୀଗୁଡ଼ିକୁ ପୂରଣ କରିବାର ପ୍ରସ୍ତାବ ଆଗତ କରାଯାଇଛି । ଏହି ପ୍ରକଳ୍ପ ସମ୍ପ୍ରତି ୩୧।୦୩।୨୦୨୨ରିଖ ପର୍ଯ୍ୟନ୍ତ ତଥା ଉପରୋକ୍ତ ଆଇଟି ପ୍ରୟୋଗ ଓ କର୍ମଚାରୀଙ୍କ ସନ୍ତୋଷଜନକ କାର୍ଯ୍ୟପ୍ରଦର୍ଶନ ଆଧାରରେ ଅନୁମୋଦିତ ହୋଇଛି । ନିମ୍ନଲିଖିତ ପଦବୀଗୁଡ଼ିକର ନିଯୋଜନ (ଠିକାଭିତ୍ତିରେ) ସିଏଚ୍‌ଆଇ, ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ ଏବଂ ଏମ୍‌ଓଏଚ୍‌ଏଫ୍‌ଡବ୍ଲ୍ୟୁ, ନିର୍ମାଣ ଭବନ, ନୂଆଦିଲ୍ଲୀଠାରେ ହେବ ।

| କ୍ର. ସଂ. | ପଦବୀ | ପଦବୀ ସଂଖ୍ୟା | ଅଧିକତମ ବେତନ, ଟଙ୍କାରେ (ମାସିକ), ଟିକସ ବହିର୍ଭୂତ |
|---|---|---|---|
| ୧ | ମ୍ୟାନେଜର / ସିନିୟର ଟେକ୍ନିକାଲ ପ୍ରୋଜେକ୍ଟ ମ୍ୟାନେଜର | ୧ | ୨,୦୦,୦୦୦/- |
| ୨ | ପ୍ରଡକ୍ଟ ମ୍ୟାନେଜର / ଟେକ୍ନିକାଲ ପ୍ରୋଜେକ୍ଟ ମ୍ୟାନେଜର | ୧ | ୧,୬୭,୦୦୦/- |
| ୩ | ଟିମ୍ ଲିଡର୍ସ / ଆର୍କିଟେକ୍ଟସ୍ | ୨ | ୨,୩୨,୯୬୦/- |
| ୪ | ଡେଭ୍‌ଓପ୍‌ସ (ପିଏଚ୍‌ପି ଡେଭଲପର୍ସ) | ୬ | ୧,୦୦,୦୦୦/- |
| ୫ | ଡାଟାବେସ୍ ଆଡ୍‌ମିନ୍ | ୧ | ୧,୮୯,୧୨୪/- |
| ୬ | ଆର୍କିଟେକ୍ଟ (ସିଷ୍ଟମ୍ ଆଡ୍‌ମିନ୍) | ୧ | ୨,୩୨,୯୬୦/- |
| ୭ | ଟେଷ୍ଟର୍ସ / ଟେଷ୍ଟ ଇଞ୍ଜିନିୟର୍ | ୧ | ୯୫,୦୦୦/- |
| ୮ | ଆର୍କିଟେକ୍ଟ (ସିକ୍ୟୁରିଟି ଆଡ୍‌ମିନ୍) | ୧ | ୨,୩୨,୯୬୦/- |
| ୯ | ୱେବ୍ ଡିଜାଇନର୍ସ / ୟୁଆଇ ଡିଜାଇନର୍ | ୧ | ୯୦,୦୦୦/- |
| ୧୦ | ସିନିୟର୍ ୟୁଆଇ ଡିଜାଇନର୍ (ଟାବ୍ଲୁ ରିସୋର୍ସ) | ୧ | ୧,୧୫,୦୦୦/- |

ଆଗ୍ରହୀ ତଥା ଯୋଗ୍ୟ ପ୍ରାର୍ଥୀମାନେ ସଂଲଗ୍ନ ପ୍ରୋଫର୍ମା ଅନୁଯାୟୀ, ନିଜର ପୂରଣ ହୋଇଥିବା ଦରଖାସ୍ତ ସମେତ ସଦ୍ୟତମ ରେଜ୍ୟୁମେ ଓ ତତ୍‌ସମ୍ପର୍କିତ ଦସ୍ତାବିଜକୁ chivacancy@nihfw.orgରେ ତା୧୫.୦୮.୨୦୨୧ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପ୍ରେରଣ କରିପାରିବେ ।

ଏହି ବିଜ୍ଞାପନର ହିନ୍ଦୀ ସଂସ୍କରଣ ସମେତ ଅନ୍ୟାନ୍ୟ ସମ୍ପର୍କିତ ବିବରଣୀ ପାଇଁ ଦୟାକରି ଅନୁଷ୍ଠାନର ୱେବ୍‌ସାଇଟ୍ "www.nihfw.org" କିମ୍ବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍ "www.mohfw.gov.in" ପରିଦର୍ଶନ କରନ୍ତୁ ।

davp 17153/11/0007/2122 ନିର୍ଦ୍ଦେଶକ

ଧରିତ୍ରୀ
DHARITRI
ଗୁରୁବାର, ୧୨ ଅଗଷ୍ଟ, ୨୦୨୧



ସାଧାରଣତଃ ନାରୀକୁ ଇ ଭୌତିକ ସ୍ତରରେ ଅଧିକ ପ୍ରବୀଣ ବୋଲି କୁହାଯାଇପାରେ। କାରଣ ସେ ନିଜର ବୋଧିଶକ୍ତିକୁ ଅନୁସରଣ କରେ। ସାଧାରଣତଃ ସେ ବସ୍ତୁକୁ ସଜାଡିବା ପାଇଁ ଅଧିକ ସମର୍ଥ ହୋଇଥାଏ। କାର୍ଯ୍ୟ ଭିତରକୁ ମଧ୍ୟ ସିଧା ସଳଖ ପ୍ରବେଶ କରେ। କିନ୍ତୁ ପୁରୁଷମାନେ କେବଳ ଚିନ୍ତାଧାରା ଓ ମାନସିକ ଗଠନ ଭିତରେ ଘୂରିବୁଲୁଥାନ୍ତି। –ଶ୍ରୀଅରବିନ୍ଦ

# ଅର୍ଥନୀତିରେ ବିବିଧତା ସମସ୍ୟା



ଡ୍ୟାନି ରୋଡ୍ରିକ

ଯୋଶେଫ ଇ.ଷ୍ଟିଗ୍‌ଲାଇଜ୍ ଜଣେ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ। ତାଙ୍କ କ୍ୟାରିୟର୍ ଆରମ୍ଭରେ ସେ କେନିଆରେ ଅଧିକ ଦିନ ରହିଥିଲେ। ସେଠାରେ ସ୍ଥାନୀୟ ଅର୍ଥ ବ୍ୟବସ୍ଥାର ପରିଚାଳନାରେ ରହିଥିବା ଅନେକ ବିଚିତ୍ର ବ୍ୟବସ୍ଥା ତାଙ୍କୁ ବହୁ ମାତ୍ରାରେ ପ୍ରଭାବିତ କରିଥିଲା। ସହଭାଗିତାରେ କରାଯାଉଥିବା କୃଷି ଅବ୍ୟବସ୍ଥିତ ରହିଥିଲା। କୃଷକମାନେ ସେମାନଙ୍କ ଉତ୍ପାଦିତ ଶସ୍ୟର ଅଧା ଜମିଦାରଙ୍କୁ ଦେଉଥିଲେ। ଏହି ବ୍ୟବସ୍ଥା ଷ୍ଟିଗ୍‌ଲାଇଜ୍‌ଙ୍କୁ ବିସ୍ମିତ କରିଥିଲା। ଯଦି ଏଭଳି ବ୍ୟବସ୍ଥା ରହେ, ତାହା ଯୋଗୁ କୃଷକଙ୍କ କ୍ଷମତା ହ୍ରାସ ପାଇବନି କି? କାହିଁକି ସେଠାରେ ଏଭଳି ବ୍ୟବସ୍ଥା ରହିଥିଲା କେଜାଣି? ଏଭଳି ପରିସ୍ଥିତିର ସମାଧାନ କରିବା ଲାଗି ଷ୍ଟିଗ୍‌ଲାଇଜ କେନିଆରେ ଅନୁଧ୍ୟାନ ଚଳାଇଥିଲେ। ଅସମନ୍ୱିତ ସୂଚନାକୁ ଆଧାର କରି ମୌଳିକ ସିଦ୍ଧାନ୍ତ ବିକାଶ କରିବାକୁ ଏହା ତାଙ୍କୁ ବାଟ ଦେଖାଇଥିଲା। ପରେ ଏଥିପାଇଁ ତାଙ୍କୁ ଇକୋନୋମିକ୍ ସାଇନ୍ସ ବା ଅର୍ଥନୀତି ବିଜ୍ଞାନରେ ନୋବେଲ ମେମୋରିଆଲ ପ୍ରାଇଜରେ ସମ୍ମାନିତ କରାଯାଇଥିଲା। ସେ କେନିଆରେ ରହଣି ସମୟର କଥା ସ୍ମରଣ କରି କହନ୍ତି, ସୂଚନାଭିତ୍ତିକ ଅର୍ଥନୀତିଗୁଡ଼ିକ ଉପରେ ତାଙ୍କ ସିଦ୍ଧାନ୍ତର ବିକାଶ କରିବାକୁ ସେ ବେଶି ଗୁରୁତ୍ୱ ଦେଇଥିଲେ। ସେହିପରି ଅର୍ଥନୀତିଜ୍ଞ ଆଲବର୍ଟ ହିର୍ଶ୍ଚମ୍ୟାନ ନାଇଜେରିଆରେ ରହିଥିଲେ। ସେଠାରେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବା ପରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଦେଖିବାକୁ ପାଇଥିଲେ। ଦୀର୍ଘଦିନ ଧରି ସରକାରଙ୍କ ଇଚ୍ଛା ମୁତାବକ ରେଲ୍ କମ୍ପାନୀ ଚାଲୁଥିଲା ଓ ଏହା ଘରୋଇ ପରିବହନ ବ୍ୟବସ୍ଥାର ପ୍ରତିଯୋଗିତାମୂଳକ ସ୍ଥିତିର ସମ୍ମୁଖୀନ ହୋଇଥିଲା। କିନ୍ତୁ ଉକ୍ତ ଚାପ ଦୂର କରିବାକୁ ପଦକ୍ଷେପ ନ ନେବାରୁ କମ୍ପାନୀ ଅଧିକ କ୍ଷତିର ସମ୍ମୁଖୀନ ହୋଇଥିଲା। ସେଠାରେ ଉପଭୋକ୍ତାଙ୍କ କ୍ଷତିକୁ ପ୍ରକାଶ ନ କରିବା ପାଇଁ ଏହି ସରକାରୀ କମ୍ପାନୀ ତା'ମୂଲ୍ୟାୟନ ପ୍ରକ୍ରିୟାକୁ ଅଣଦେଖା କରୁଥିଲା। ନାଇଜେରିଆରେ ରେଳ ପରିବହନ ସମ୍ପର୍କରେ ତାଙ୍କ ଅନୁଧ୍ୟାନ ହିଁ ତାଙ୍କ ପ୍ରଭାବଶାଳୀ ବହି 'ଏକ୍ଜିଟ୍, ଭଏସ୍ ଆଣ୍ଡ ଲୟାଲଟି'ର ମୂଳ ଆଧାର ହୋଇଥିଲା। ହିର୍ଶ୍ଚମ୍ୟାନ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟଥିଲେ,କିନ୍ତୁ ତାହା ସେ ପାଇପାରି ନ ଥିଲେ।

ସମସ୍ତ ବିବିଧତା ପରିସ୍ଥିତି ମଧ୍ୟରେ ପୃଥିବୀକୁ ପରଖିବା ବା ଅନୁଧ୍ୟାନ କରିବାକୁ ସକ୍ଷମ ହେବା ଏହି ଦୃଷ୍ଟାନ୍ତମୂଳକ କଥାଗୁଡ଼ିକରୁ ପ୍ରମାଣ ମିଳେ। ଅସାମାନ୍ୟ ପରିବେଶରେ ଅସଙ୍ଗତ କାର୍ଯ୍ୟକଳାପର ସୂଚନା କିମ୍ବା ପରିଣାମକୁ ସାମ୍ନା କରି ସ୍ଥାନୀୟ ବିବିଧତାକୁ ବିଚାରକୁ ନେବା ଯୋଗୁ ସାମାଜିକ ବିଜ୍ଞାନ ସମୃଦ୍ଧ ହୋଇପାରିଛି। କିନ୍ତୁ ଅନୁଧ୍ୟାନ ନିର୍ବିବାଦୀୟ ହେବା ଉଚିତ। ତେବେ ଯେଉଁ ବାଟରେ ଅର୍ଥନୀତି ଶିକ୍ଷା ବ୍ୟବସ୍ଥା ଚାଲୁଛି, ସେଥିରୁ ଜଣେ ଏ ସମ୍ପର୍କରେ କିଛି ଜାଣିପାରିବ ନାହିଁ। ବିଶ୍ୱର ଆଗଧାଡିର ଅର୍ଥନୀତି ଜର୍ନାଲଗୁଡ଼ିକ ମୁଖ୍ୟତଃ ଧନୀ ଦେଶଗୁଡ଼ିକର ହାତଗଣତି ଲୋକଙ୍କ ଅଧୀନରେ ରହିଛି। ସେହିପରି ଏହି କାର୍ଯ୍ୟରେ ନୀତିନିର୍ଦ୍ଧାରକ ବା ରକ୍ଷକ ଭାବେ ଯେଉଁମାନେ ରହିଛନ୍ତି, ସେମାନଙ୍କୁ ମଧ୍ୟ ଏହି ସବୁ ଧନୀ ଦେଶଗୁଡ଼ିକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ସଂସ୍ଥାଗୁଡ଼ିକରୁ ଅଣାଯାଇଛି। ଏହା ଦ୍ୱାରା ଅର୍ଥନୀତି କ୍ଷେତ୍ରରେ ଅବଶିଷ୍ଟ ବିଶ୍ୱର ସ୍ୱର ନିଷ୍ପ୍ରଭ ହୋଇଯାଇଛି। ଏହା କେବଳ ଏକ ଅସମାନତା ନୁହେଁ, ବରଂ ଏହା ଅର୍ଥନୀତିଶିକ୍ଷାକୁ ଦୁର୍ବଳ କରିଦେଉଛି।

ନିକଟରେ ମୁଁ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ ଆସୋସିଏଶନ୍‌ବା ଅନ୍ତର୍ଜାତୀୟ ଅର୍ଥନୀତି ସଂଘର ସଭାପତି ଭାବେ ଦାୟିତ୍ୱ ନେଇଛି। ପରେ ଅର୍ଥନୀତି ସମ୍ପର୍କିତ ପ୍ରକାଶନଗୁଡ଼ିକରେ ଅନ୍ୟମାନଙ୍କ ଯୋଗଦାନ କ'ଣ ରହିଛି ଓ ତା'ର ଭୌଗୋଳିକ ବିବିଧତା ଉପରେ ତଥ୍ୟ ଜାଣିବାକୁ ଚାହିଁଥିଲି। ସେଥିରେ ଏ ସମ୍ପର୍କିତ ବ୍ୟାପକ ଓ ସୁନିୟୋଜିତ ପ୍ରମାଣ ପାଇଥିଲି ଓ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ଏହା ମୋତେ ବିବ୍ରତ ବି କରିଦେଇଥିଲା। ସୌଭାଗ୍ୟର କଥା, ଏବେ ଟୁରିନ୍ ୟୁନିଭର୍ସିଟିର ମାଗ୍‌ଡା ଫୋଣ୍ଟନା ଏବଂ ପାଓଲୋ ରାକ୍କା ଓ ମିଲାନର ୟୁନିଭର୍ସିଟା କାଟୋଲିକା ଡେଲ୍ ସାର୍କୋ କ୍ୟୁରେର ଫାବିଓ ମୋଣ୍ଟୋବିଓ କିଛି ବିଚିତ୍ର ତଥ୍ୟ ସଂଗ୍ରହ କରି ପ୍ରଦାନ କରିଛନ୍ତି। ସେମାନଙ୍କ ତଥ୍ୟକୁ ଦେଖି ମୁଁ ବିଶ୍ୱାସ କରିପାରି ନ ଥିଲି। ଅଗ୍ରଣୀ ଇକୋନୋମିକ ଜର୍ନାଲଗୁଡ଼ିକର ଲେଖକମାନଙ୍କୁ ଲକ୍ଷ୍ୟ କରିବାରୁ ଏହା ଅତ୍ୟଧିକ ଭୌଗୋଳିକ କୈନ୍ଦ୍ରିକ ବା କେତେକ ନିର୍ଦ୍ଦିଷ୍ଟ ଦେଶର ବୋଲି ଜଣାପଡ଼ିଥିଲା। ବିଶ୍ୱର ଶୀର୍ଷ ୮ଟି ଜର୍ନାଲର ଲେଖକମାନଙ୍କ ମଧ୍ୟରୁ ପାଖାପାଖି ୯୦% ଥିଲେ ଆମେରିକା ଓ ୟୁରୋପର। ଉକ୍ତ ପ୍ରକାଶନଗୁଡ଼ିକରେ ଥିବା ଏଡିଟୋରିଆଲ ବୋର୍ଡ ସଦସ୍ୟମାନଙ୍କ କ୍ଷେତ୍ରରେ ବି ସମାନ ପରିସ୍ଥିତି ରହିଥିବା ଜଣାପଡ଼ିଛି। ଏହିସବୁ ଧନୀ ଦେଶ ବିଶ୍ୱର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ଏକ ତୃତୀୟାଂଶର ଅଧିକାରୀ। ତେବେ ଜର୍ନାଲଗୁଡ଼ିକର ବିଭିନ୍ନ ବିଭାଗରେ ଏମାନେ ଅଧିକ ସଂଖ୍ୟାରେ ରହିବା ଯୋଗୁ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକରେ ଶିକ୍ଷା, ପ୍ରଶିକ୍ଷଣ କ୍ଷେତ୍ରରେ ସଂସାଧନ ଉପଲବ୍ଧତାର ଅଭାବ ଓ ନିବେଶରେ ହ୍ରାସ ଭଳି ପରିସ୍ଥିତିକୁ ଠିକ୍ ଭାବେ ବୁଝିହେଉନାହିଁ କି ଏ ସମ୍ପର୍କିତ ତଥ୍ୟ ହ୍ରାସ କରାଯାଇପାରୁନାହିଁ।

ବାସ୍ତବରେ କିଛି ବର୍ଷ ହେବ କେତେକ ଦେଶର ଆର୍ଥିକ ଯୋଗଦାନ ଅତ୍ୟଧିକ ରହିଥିଲେ ବି ଶ୍ରେଷ୍ଠ ଅର୍ଥନୀତି ଜର୍ନାଲଗୁଡ଼ିକରେ ସେମାନଙ୍କ ପ୍ରତିନିଧିତ୍ୱ ବହୁତ କମ୍ ରହିଆସିଛି। ବୈଶ୍ୱିକ ଆର୍ଥିକ ପରିଣାମର ପାଖାପାଖି ଏକ ତୃତୀୟାଂଶର ଅଧିକାରୀ ରହିଆସିଥିବା ପୂର୍ବ ଏସିଆର ଅର୍ଥନୀତିଜ୍ଞମାନଙ୍କର ପ୍ରମୁଖ ଜର୍ନାଲଗୁଡ଼ିକର ପ୍ରବନ୍ଧ କ୍ଷେତ୍ରକୁ ୫% ରୁ କମ୍ ଯୋଗଦାନ ରହିଛି। ସେହିପରି ଦକ୍ଷିଣ ଏସିଆ ଏବଂ ଉପ–ସାହାରା ଆଫ୍ରିକାରୁ ଅର୍ଥନୀତିଜ୍ଞମାନଙ୍କ ଭାଗୀଦାରି ବହୁତ କମ୍ । ଉଲ୍ଲେଖନୀୟ , ବିଶ୍ୱ ଅର୍ଥନୀତିରେ ଏମାନଙ୍କ ଗୁରୁତ୍ୱ ଯେତିକି କମ୍ ରହିଛି ତା'ଠାରୁ ଜର୍ନାଲରେ ଏମାନଙ୍କ ସ୍ଥିତି ଆହୁରି ନ୍ୟୂନ ହୋଇଗଲାଣି। ପ୍ରଶିକ୍ଷଣ ଓ ସଂସାଧନ ବାଦ୍ ତଥ୍ୟ ବା ସୂଚନା ଓ ଗବେଷଣାଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରି ତାହାକୁ ପ୍ରସାର କରିବାରେ ନେଟୱର୍କ ଉପଲବ୍ଧତାର ଗୁରୁତ୍ୱ ରହିଛି। କିନ୍ତୁ ଅର୍ଥନୀତିରେ ଏଭଳି ନେଟୱର୍କର ସୁବିଧା ମୁଖ୍ୟତଃ ଉତ୍ତର ଆମେରିକା ଏବଂ ପଶ୍ଚିମ ୟୁରୋପରେ ଅଧିକ ରହିଛି। ବିକାଶଶୀଳ ଦେଶଗୁଡ଼ିକରେ ଏବେ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ରହିଥିବାରୁ ଏହା ବିରୋଧରେ ସ୍ୱର ଉଠିବାର ସମ୍ଭାବନା ରହିଛି। ଏହା ସତ୍ୟ ଯେ, କୌଣସି ପ୍ରକାରେ ଅର୍ଥନୀତିର ବୈଶ୍ୱୀକରଣ ହୋଇପାରିଛି। ଉତ୍ତର ଆମେରିକା ଓ ପାଶ୍ଚାତ୍ୟ ୟୁରୋପୀୟ ଅର୍ଥନୀତି ବିଭାଗ ଓ ଗବେଷଣା ନେଟୱର୍କଗୁଡ଼ିକରେ ବିଦେଶୀ ଗବେଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମାତ୍ର ୧୮ ବର୍ଷ ବୟସରେ ଜଣେ ଛାତ୍ର ଭାବେ ମୁଁ ତୁର୍କିରୁ ଆମେରିକା ଯାଇଥିଲି ଏବଂ ଏହି ସବୁ ନେଟୱର୍କରୁ ଲାଭ ପାଇଥଲି। ଅଗ୍ରଣୀ ଅର୍ଥନୀତିରେ ଗବେଷକମାନେ ମଧ୍ୟ ବିକାଶଶୀଳ ଦେଶଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେଇ ଆସୁଛନ୍ତି। ଅର୍ଥନୀତି ଶିକ୍ଷା କ୍ଷେତ୍ରରେ ବିକାଶଭିତ୍ତିକ ଅର୍ଥନୀତିର ବହୁତ ଗୁରୁତ୍ୱ ରହିଛି ବୋଲି ସେମାନେ ପ୍ରକାଶ କରୁଛନ୍ତି। ବିକାଶଭିତ୍ତିକ ଅର୍ଥନୀତିରେ ଏକ ସ୍ନାତକ ପ୍ରୋଗ୍ରାମ ମୁଁ ହାର୍ଭାର୍ଡ ୟୁନିଭର୍ସିଟିରେ ଚଳାଉଛି। ଏଥିରେ ଆମେରିକାର ଶିକ୍ଷକ ବହୁତ କମ୍ ରହିଛନ୍ତି। ଅଧିକ ଶିକ୍ଷକ ରହିଛନ୍ତି ପେରୁ, ଭେନେଜୁଏଲା, ପାକିସ୍ତାନ, ଭାରତ, ତୁର୍କି, ଦକ୍ଷିଣ ଆଫ୍ରିକା ଏବଂ କାମେରୁନରୁ। କିନ୍ତୁ ଏହି ସବୁ ସକାରାତ୍ମକ ବିକାଶଗୁଡ଼ିକ ସ୍ଥାନୀୟ ତଥ୍ୟ ଏବଂ ଭିତିରି ରହସ୍ୟ ଜାଣିବାର ବିକଳ୍ପ ହୋଇପାରିବ ନାହିଁ। ପାଶ୍ଚାତ୍ୟରେ ଥିବା ବିଦେଶୀ ଅର୍ଥନୀତିଜ୍ଞମାନେ ବିଶେଷକରି ଧନୀ ଦେଶଗୁଡ଼ିକର ପ୍ରଭାବଶାଳୀ ବୌଦ୍ଧିକ ପରିବେଶରେ ନିଯୁକ୍ତ ହୋଇଯିବା ବାସ୍ତବରେ ସମସ୍ୟା ସୃଷ୍ଟି କରୁଛି ଓ ଏହା ମଧ୍ୟ ଚିନ୍ତାଜନକ। ଅର୍ଥନୀତି ଉପରେ ଭଲ ଫଳାଫଳ ପାଇବା ଭଳି ସ୍ଥାନୀୟ ପରିସ୍ଥିତି ବା ଘଟଣାର ବାସ୍ତବତା ପ୍ରକାଶ କରିବା ଅତିଥି ଅର୍ଥନୀତିଜ୍ଞମାନଙ୍କ ପକ୍ଷେ କମ୍ ସୁଯୋଗ ରହିଛି, ଯାହା ଷ୍ଟିଗଲିଜ୍ ଏବଂ ହିର୍ଶ୍ଚମ୍ୟାନଙ୍କ କ୍ଷେତ୍ରରେ ହୋଇଛି। ବିଭିନ୍ନ ଶୈକ୍ଷିକ ପରିବେଶରେ ରହିଥିବା ଗବେଷକମାନଙ୍କୁ ଉଚିତ ସ୍ୱୀକୃତି ମିଳି ନ ଥିବାରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଏବେ ସୁଦ୍ଧା ଅପ୍ରକାଶ୍ୟ ରହିଯାଇଛି।

ଅର୍ଥନୀତିରେ ଥିବା ଲିଙ୍ଗଗତ ଓ ଜାତିଗତ ବିଷମତାକୁ ଲକ୍ଷ୍ୟ କରି ଏହା ଏବେ ନିଜର ଆତ୍ମପରିଚୟ ଖୋଜିବାରେ ଲାଗିଛି। ଏହି ସବୁ ସମସ୍ୟାକୁ ସମାଧାନ କରିବା ଲାଗି ଉତ୍ତର ଆମେରିକା ଓ ପାଶ୍ଚାତ୍ୟ ୟୁରୋପରେ ଅନେକ ପଦକ୍ଷେପ ନିଆଯିବାର ଯୋଜନା କରାଯାଇଛି। କିନ୍ତୁ ଭୌଗୋଳିକ ବିବିଧତା ପ୍ରସଙ୍ଗଟି ଆଲୋଚନାରୁ ସମ୍ପୂର୍ଣ୍ଣ ବାହାରେ ରହିଯାଇଛି। ଯେ ପର୍ଯ୍ୟନ୍ତ ଆମେ ଏହିସବୁ ସମସ୍ୟାକୁ ସମାଧାନ ନ କରିଛେ, ସେ ଯାଏ ଅର୍ଥନୀତି ଶିକ୍ଷା ବାସ୍ତବରେ ବିଶ୍ୱସ୍ତରୀୟ ହୋଇପାରିବ ନାହିଁ।

**ପ୍ରଫେସର, ଇଣ୍ଟରନ୍ୟାଶନାଲ ପଲିଟିକାଲ ଇକୋନୋମୀ, ହାର୍ଭାର୍ଡ ୟୁନିଭର୍ସିଟି**

## ୧୦୮ର ମାହାତ୍ମ୍ୟ



ସୁମନ୍ତ କୁମାର ଭୂୟାଁ

ଗୌଡ଼ୀୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ୍ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତୀୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ୟାସୀମାନେ କଟିରେ ପିନ୍ଧୁଥିବା ଜପମାଳି ଝୁଞ୍ଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିଆନ ମତବାଦ ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ହୋଇ ନ ପାରିଲେ ସେ ଏହି ପାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର କରି ଛଡ଼ାଇନିଏ। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ X୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ ଜପ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮(୧୦୭.୫୧)ଗୁଣ। ପୃଥିବୀଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି, ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତା'ର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତା'ର ଠିକ୍ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ତ୍ୱ ବିଷୟରେ ଜାଣିବା ଉଚିତ। ଗୋଟିଏ ମିନିଟ୍‌ରେ ଆମେ ପ୍ରାୟ ୧୫ଥର ପ୍ରଶ୍ୱାସ ନେଉ। ତେଣୁ ଘଣ୍ଟାକେ ପ୍ରାୟ ୯୦୦ ଥର ଓ ୧୨ ଘଣ୍ଟାରେ ୧୦୮୦୦ଥର ଓ ଦିନରେ ୨X୧୦୮୦୦ ଥର। ଯଦି ଆମ ଦିନଚର୍ଯ୍ୟା ପାଇଁ ୧୨ ଘଣ୍ଟା ରଖି ଅନ୍ୟ୧୨ ଘଣ୍ଟାରେ ଈଶ୍ୱରଙ୍କ ନାମ ଜପ କରିବା ତେବେ ଆମେ ୧୦୮୦୦ଥର ଜପ କରିପାରିବା। ନିଜର ସମସ୍ତ ଧ୍ୟାନ ଈଶ୍ୱରଙ୍କ ନାମ ଜପ ପାଇଁ କେନ୍ଦ୍ରିତ କଲେ ଏହାର ସର୍ବାଧିକ ସୁଫଳ ମିଳେ। ସେହିପରି ଯେକୌଣସି ମନ୍ତ୍ରର ସମ୍ପୂର୍ଣ୍ଣ ସୁଫଳ ନିମନ୍ତେ ୧୦୮ଥର ଜପ କରିବା ନିତାନ୍ତ ଆବଶ୍ୟକ।

ମନୁଷ୍ୟର ୧୦୮ମାୟା ବା ଅଜ୍ଞାନତା ରହିଛି। ହିନ୍ଦୁ ମୁନିଋଷିମାନେ ୧୦୮ଟି ଉପନିଷଦ୍ ରଚନା କରିଥିଲେ। ଆମ ଶରୀରରେ ୧୦୮ଟି ମର୍ମସ୍ଥଳୀ ବା ଶକ୍ତିରେଖାଚ୍ଛେଦ ସ୍ଥଳି ରହିଛି। ମନୁଷ୍ୟ ମନରେ ସବୁବେଳେ ୧୦୮ ପ୍ରକାର ଭାବନା ଥାଏ। ବେଦରେ ମୁଖ୍ୟ ଦେବଦେବୀଙ୍କ ସଂଖ୍ୟା ୧୦୮। ଭାରତୀୟ ନୃତ୍ୟ ପରମ୍ପରାରେ ୧୦୮ପ୍ରକାର ନୃତ୍ୟ ଶୈଳୀ ରହିଛି। ଶାସ୍ତ୍ର ଅନୁଯାୟୀ ପ୍ରଶଂସନୀୟ ବ୍ୟକ୍ତିର ୧୦୮ଟି ସୁଗୁଣ ଥାଏ।

**ପଲାଇ, ଯାଜପୁର, ମୋ: ୯୯୩୭୪୭୦୯୮୦**

## ଏଇ ଭାରତରେ

ପ୍ରତିକୂଳ ପରିସ୍ଥିତିରେ ବଢ଼ି ଆସିଥିବା କେତେକ ବ୍ୟକ୍ତି ସେହି ଅନୁଭବକୁ ଆଧାର କରି ସମାଜରେ ସଂସ୍କାର ଆଣିବାକୁ ପ୍ରୟାସ କରନ୍ତି, ଯାହା କରୁଛନ୍ତି ନୀତିନ କୁମାର । ସେ ଏବେ ୨୦୦ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ନୀତିନ ରୁହନ୍ତି ଉତ୍ତରପ୍ରଦେଶର କନପୁରରେ। ପର ଘରେ କାମ କରି ତାଙ୍କ ମା' ପରିବାର ଚଳାଉଥିଲେ। ଏଥିପାଇଁ ନୀତିନ ବହୁ କଷ୍ଟ ସ୍ୱୀକାର କରି ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ଏଣୁ ଗରିବ ପିଲାମାନଙ୍କ କ୍ଷେତ୍ରରେ ଏଭଳି ପରିସ୍ଥିତି ନ ଆସୁ ବୋଲି ବିଚାର କରି ସେ ୨୦୦୯ରେ ପ୍ରଥମେ ବସ୍ତିରେ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଗଙ୍ଗାକୂଳରେ କମଳେଶ୍ୱର ଘାଟରେ ସନ୍ଧ୍ୟାବେଳେ ପିଲାଙ୍କୁ ପଢ଼ାଇଲେ। ପରେ'ଏକ୍ ନୟି ରାହା' ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ 'ଘାଟୱାଲା ସ୍କୁଲ୍' ଖୋଲିଛନ୍ତି। ନୀତିନଙ୍କ ସମେତ ସ୍ୱେଚ୍ଛାକୃତ ଭାବେ କେତେଜଣ ଶିକ୍ଷକ ଏହି ସ୍କୁଲରେ ପଢ଼ାଉଛନ୍ତି। ଏବେ ସେଠାରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ଯାଏ ମୋଟରେ ୨୦୦ ଗରିବ ପିଲା ମାଗଣାରେ ପଢୁଛନ୍ତି। ଏମାନେ ସମସ୍ତେ ବସ୍ତିବାସିନ୍ଦା, ଜରି ଗୋଟାଳି ପରିବାରର ପିଲା। କେବଳ ଏତିକି ନୁହେଁ, ଉକ୍ତ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। ସ୍କୁଲରେ ପିଲାମାନଙ୍କ ପାଠ୍ୟ ଉପକରଣ କିଣିବାଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସେ ସ୍କୁଲରେ ସଂସ୍କୃତ, ମ୍ୟୁଜିକ ଏବଂ ଫ୍ରେଞ୍ଚ ଭାଷା ଉପରେ ଶିକ୍ଷା ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୬

- ରାଷ୍ଟ୍ରପତି ବୋରିସ୍ ୟେଲଟସିନଙ୍କ ମନୋନୀତ ପ୍ରାର୍ଥୀ ଭିକ୍ଟର ଚେର୍ଣ୍ଣୋମିର୍ଦ୍ଦିନଙ୍କୁ ଦ୍ୱିତୀୟଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ରୁଷିଆ ପାର୍ଲାମେଣ୍ଟ ଅନୁମୋଦନ କରିଛି।
- ଗୃହଯୁଦ୍ଧ ବିଧ୍ୱସ୍ତ ଆଙ୍ଗୋଲାରେ ଜାତିସଂଘ ଶାନ୍ତି ଅଭିଯାନରେ ଭାଗନେବା ପାଇଁ ଭାରତୀୟ ଶାନ୍ତିରକ୍ଷା ସେନା ଦଳ ଆଙ୍ଗୋଲା ଅଭିମୁଖେ ଯାତ୍ରା କରିଛନ୍ତି।
- ତାମିଲନାଡୁର ପୂର୍ବତନ ମନ୍ତ୍ରୀ ଇନ୍ଦିରା କୁମାରୀ ଆନ୍ନା ଡିଏମ୍‌କେ ଦଳରୁ ଇସ୍ତଫା ଦେବା ସଙ୍ଗେ ସଙ୍ଗେ ରାଜନୀତିରୁ ମଧ୍ୟ ଅବସର ଘୋଷଣା କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | 5 | 3 | |
| | | 8 | | | | | | |
| 2 | 7 | | 1 | | | | | |
| | | | 2 | | | | | |
| | | | 7 | | | 3 | 2 | 4 |
| 3 | | 1 | 9 | | | | 8 | |
| | 1 | | | | | 8 | | |
| | 4 | 5 | | | | 9 | | |
| | 8 | | 3 | | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 7 | 3 | 1 | 2 | 8 | 5 |
| 3 | 2 | 7 | 8 | 5 | 9 | 4 | 1 | 6 |
| 5 | 1 | 8 | 4 | 6 | 2 | 9 | 7 | 3 |
| 6 | 3 | 4 | 1 | 7 | 5 | 8 | 9 | 2 |
| 2 | 8 | 1 | 3 | 9 | 4 | 6 | 5 | 7 |
| 9 | 7 | 5 | 6 | 2 | 8 | 3 | 4 | 1 |
| 8 | 4 | 6 | 2 | 1 | 7 | 5 | 3 | 9 |
| 7 | 9 | 2 | 5 | 8 | 3 | 1 | 6 | 4 |
| 1 | 5 | 3 | 9 | 4 | 6 | 7 | 2 | 8 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଓ ଚାରାରୋପଣ



ଡ. ସଞ୍ଜୟ କୁମାର ସାମନ୍ତରାୟ

ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରଦୂଷଣ ଏହାର ମୁଖ୍ୟ କାରଣ। ଏହା ମାନବ ସମାଜ ଓ ସମ୍ପୂର୍ଣ୍ଣ ଜୀବଜଗତ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଛି। ଆମର ଅଦୂରଦର୍ଶିତା କାର୍ଯ୍ୟଧାରା ପୃଥିବୀର ବାୟୁମଣ୍ଡଳ ପ୍ରଦୂଷଣ କରିବା ସହ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ଘଟାଉଛି। ଏହି ସମସ୍ୟାର ମୁକାବିଲା ପାଇଁ ସାରା ବିଶ୍ୱରେ ପ୍ରତିବର୍ଷ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ମାଧ୍ୟମରେ ପ୍ରଚେଷ୍ଟା ଜାରି ରହିଛି।

ପରିବର୍ତ୍ତିତ ଜଳବାୟୁରେ ଜନସଂଖ୍ୟା ବୃଦ୍ଧି ହେତୁ କୃଷି, ଶିଳ୍ପ, ପରିବହନ, ଜଳଭଣ୍ଡାର ଓ ରାସ୍ତାଘାଟ ନିର୍ମାଣ ଆଦି କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣର ଜଙ୍ଗଲ ଧ୍ୱଂସ ହେବା ସହିତ ଜଳ ଓ ଶକ୍ତିର ଚାହିଦା ବୃଦ୍ଧି ପାଇଛି। ଫଳରେ ବିଭିନ୍ନ ଉତ୍ସରୁ ଅନେକ ପରିମାଣର ସବୁଜ ଗୃହ ବାଷ୍ପ ନିର୍ଗତ ହୋଇ ବାୟୁମଣ୍ଡଳରେ ଅବିଚାରିତ ଭାବରେ ମିଶୁଛି। ବିଗତ କିଛି ବର୍ଷ ଧରି ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ମାତ୍ରା ଅତି ଦ୍ରୁତ ହାରରେ ବୃଦ୍ଧି ପାଇବାରେ ଲାଗିଛି। ଶିଳ୍ପ ବିପ୍ଳବ ପରେ ବାୟୁମଣ୍ଡଳରେ ଦୁଇ ପ୍ରମୁଖ ସବୁଜ ଗୃହ ବାଷ୍ପ ଅଙ୍ଗାରକାମ୍ଳ ଓ ମିଥେନର ଘନତା ଯଥାକ୍ରମେ ୩୬ ଓ ୧୪୮ ଭାଗ ବୃଦ୍ଧି ପାଇଛି। ୧୭୫୦ରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଘନତା ୨୮୦ ପିପିଏମ୍ (ପାର୍ଟ୍ସ ପର୍ ମିଲିୟନ) ରହିଥିବାବେଳେ ଏବେ ତାହା ୩୮୭ ପିପିଏମ୍‌ରେ ପହଞ୍ଚିଛି। ଏହା ମଧ୍ୟରେ ବାୟୁମଣ୍ଡଳର ମିଥେନର ଘନତା ୭୦୦ ପିପିବି (ପାର୍ଟ୍ସ ପର୍ ବିଲିୟନ)ରୁ ୧୭୪୫ ପିପିବି, ନାଇଟ୍ରସ୍ ଅକ୍ସାଇଡର ଘନତା ୨୭୦ ପିପିବିରୁ ୩୧୪ ପିପିବି, କ୍ଲୋରୋଫ୍ଲୁରୋ କାର୍ବନର ଘନତା ଶୂନ୍ୟରୁ ୫୩୩ ପିପିଟି (ପାର୍ଟ୍ସ ପର୍ ଟ୍ରିଲିୟନ)କୁ ବୃଦ୍ଧି ପାଇବାରେ ଲାଗିଛି।

ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ପଡୁଛି ଜୈବବିବିଧତା ଉପରେ। ଏଥିଯୋଗୁ କୃଷି ଓ ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି। ୧୯୯୧ରେ ହୋଇଥିବା ସିହ୍ନା ଓ ସ୍ୱାମୀନାଥନ ଅଧ୍ୟୟନ ଅନୁଯାୟୀ ବାୟୁମଣ୍ଡଳରେ ୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ବୃଦ୍ଧିରେ ଧାନ ଉତ୍ପାଦନ ହେକ୍ଟର ପିଛା ୦.୭୫ ଟନ୍ ହ୍ରାସ ପାଇଛି। ସେହିପରି ଶୀତଦିନେ ଗହମ ଉତ୍ପାଦନ ହେକ୍ଟର ପିଛା ୦.୪୫ ଟନ୍ ହ୍ରାସ ଘଟିଛି। ଶୀତଦିନର ଅବଧି କମ୍ ରହିବା ହେତୁ ତଥା ବଡ଼ ବାତ୍ୟା ଯୋଗୁ ଶୀତଦିନିଆ ଫସଲ ରୋଗାକ୍ରାନ୍ତ ହୋଇ ଉତ୍ପାଦନ କିଛିବର୍ଷ ଧରି ହ୍ରାସ ପାଇବାରେ ଲାଗିଛି। ତାପମାତ୍ରା ବୃଦ୍ଧି ତଥା ଭୂନିମ୍ନସ୍ଥ ଜଳର ବହୁଳ ବ୍ୟବହାର ଯୋଗୁ ମାଟିର ଜଳଧାରଣ ଶକ୍ତି ହ୍ରାସ ପାଇ ମାଟିତଳର ଜଳସ୍ତର ଦିନକୁ ଦିନ କମି କମି ଯାଉଛି। ଏହା କୃଷି ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ବଣଜଙ୍ଗଲ ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି। ଏଥିରେ ଥିବା କୋଟି କୋଟି ଜୀବଜନ୍ତୁ ବୃକ୍ଷଲତା, ମୂଲ୍ୟବାନ ଔଷଧୀୟ ବୃକ୍ଷ, ବହୁ ପ୍ରଜାତିର ଜୀବଜନ୍ତୁ ଓ ବୃକ୍ଷଲତାର ବଂଶ ବିଲୋପ ପାଇବାରେ ଲାଗିଛି। ଅଧିକନ୍ତୁ ମାଛଚାଷ, ଗୋପାଳନ, କୁକୁଡା ଓ ମହୁଚାଷ ମଧ୍ୟ ବହୁଳ ଭାବେ ପ୍ରଭାବିତ ହେଉଛି। ଜଳବାୟୁ ପରିବର୍ତ୍ତନ, ଦୂଷିତ ପରିବେଶ ଓ ତାପମାତ୍ରା ବୃଦ୍ଧି ଯୋଗୁ ମନୁଷ୍ୟ, ଗୋରୁ, ଛେଳି, ମେଣ୍ଢା, ମାଛ, କୁକୁଡ଼ା, ସରୀସୃପ, ବୃକ୍ଷଲତା, ବନ୍ୟଜନ୍ତୁ ନୂଆ ନୂଆ ରୋଗରେ ଆକ୍ରାନ୍ତ ହୋଇ ଅନେକ ମୃତ୍ୟୁବରଣ କରୁଛନ୍ତି।

ଆମ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଜୈବବିବିଧତା ସଂରକ୍ଷଣ ଅତ୍ୟନ୍ତ ଜରୁରୀ। ଏଥିପାଇଁ ବର୍ତ୍ତମାନ ବିଦ୍ୟମାନ ଥିବା ବଣଜଙ୍ଗଲର ସଂରକ୍ଷଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଗ୍ରାମ୍ୟ ଜଙ୍ଗଲ, ପଥପାର୍ଶ୍ୱ ବନୀକରଣ, ପାକଶାଳ ବଗିଚା ନୂତନ ଭାବେ ସୃଷ୍ଟି କରିବାର ସମୟ ଉପନୀତ। ଚାରା ରୋପଣର ଆବଶ୍ୟକତା ରହିଛି। ବାସ୍ତବରେ ବୃକ୍ଷ ଆମମାନଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଜୀବନ ରକ୍ଷାକାରୀ ଔଷଧ ଏବଂ ଅମ୍ଳଜାନ ଅନବରତ ଯୋଗାଇଥାଏ। ଏହା ଆମ ଜୀବନ ଓ ଜୀବିକାର ଅବିଚ୍ଛେଦ୍ୟ ଅଙ୍ଗ। ଚାରା ଲଗାଇବାର ବୈଜ୍ଞାନିକ ପ୍ରଣାଳୀ, ଏ ଅବସରରେ ଉପସ୍ଥାପନା କରିବାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଚାରା ଲଗାଇବା ପୂର୍ବରୁ ଜମି ପ୍ରସ୍ତୁତି (ଗାତ ଖୋଳିବା) ଆବଶ୍ୟକ। ବିଭିନ୍ନ ଚାରା ପାଇଁ ବିଭିନ୍ନ ସାଇଜର ଗାତ ଖୋଳାଯାଏ। ଆମ୍ବ, ପଣସ, ନଡ଼ିଆ, ଲିଚୁ, ଜାମୁକୋଳି, ବେଲ ଇତ୍ୟାଦି ବଡ଼ବଡ଼ ବୃକ୍ଷ ପାଇଁ ଗାତର ସାଇଜ ଲମ୍ବ ୩ ଫୁଟ୍, ପ୍ରସ୍ଥ ୩ ଫୁଟ୍ ଓ ଉଚ୍ଚତା ୩ ଫୁଟ୍ ହିସାବରେ ଖୋଳାଯାଏ। ୨୦ରୁ ୩୦ ଦିନ ପରେ ଗାତଟି ଭଲଭାବେ ଖରାରେ ଶୁଖିଯାଏ। ତା'ପରେ ଗାତ ମଧ୍ୟରେ ଶୁଖିଲା ଡାଳପତ୍ର ପୂରାଇ ନିଆଁ ଲଗାଇ ପୋଡ଼ି ଦିଆଯାଏ। ଫଳରେ ଗାତ ମଧ୍ୟରେ ଥିବା ଉଇ ଓ ଅନିଷ୍ଟକାରୀ କୀଟ ମରିଯାଏ। ଖୋଳାହୋଇଥିବା ଅର୍ଦ୍ଧେକ ତଳ ମାଟିରେ ୨ଝୁଡ଼ି ଶୁଖିଲା ଗୋବର ଖତ, କମ୍ପୋଷ୍ଟ କିମ୍ବା ଜିଆଖତ ସହ ୧୦ରୁ ୨୦ ଗ୍ରାମ୍ ଗାମାକ୍ସିନ (ଦିଆସିଲି ଖୋଳରେ ୧ରୁ ୨ ଡବା) ଭଲଭାବେ ମିଶାଇ ଦିଆଯାଏ। ଗଛ ଲଗାଇବା ପୂର୍ବରୁ ଉପର ଅର୍ଦ୍ଧେକ ମାଟିକୁ ଗାତର ଅଧା ପର୍ଯ୍ୟନ୍ତ ଅର୍ଥାତ୍ ୧.୫ଫୁଟ ପର୍ଯ୍ୟନ୍ତ ଗାତ ତଳେ ଭର୍ତ୍ତି କରିଦିଆଯାଏ। ତଳ ଅର୍ଦ୍ଧେକ ମାଟିରେ ମିଶିଥିବା ଖତ ଓ ଗାମାକ୍ସିନ ଗାତର ଉପର ଅର୍ଦ୍ଧେକ (୧.୫ ଫୁଟ୍)ରେ ପୂରାଇ ଗାତଟିକୁ ସମ୍ପୂର୍ଣ୍ଣ ଭାବେ ଭରି ଦିଆଯାଏ। ଏସବୁ କାମ କରିବା ପରେ ଗାତଟି ଗଛ ଲଗାଇବା ପାଇଁ ପ୍ରସ୍ତୁତ ହୋଇଯାଏ।

ବର୍ଷାଦିନେ ଅର୍ଥାତ୍ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ପ୍ରସ୍ତୁତ ହୋଇଥିବା ଗାତରେ ଚାରା ରୋପଣ କରିବାର ପ୍ରକୃଷ୍ଟ ସମୟ। ପିଜୁଳି, କମଳା, କାଗିଜି ଲେମ୍ବୁ, କଦଳୀ, ଅମୃତଭଣ୍ଡା, ସଜନା, ନିମ୍ବ ଓ ବାତାପି ବୃକ୍ଷ ପାଇଁ ଗାତର ସାଇଜ ଲମ୍ବ ୨ ଫୁଟ୍, ପ୍ରସ୍ଥ ୨ ଫୁଟ୍ ଓ ଉଚ୍ଚତା ୨ ଫୁଟ୍ ହେବା ଆବଶ୍ୟକ। ଫୁଲ ଓ ଛୋଟ ଗଛ ପାଇଁ ଗାତର ସାଇଜ ଲମ୍ବ ୧ ଫୁଟ୍, ପ୍ରସ୍ଥ ୧ଫୁଟ୍ ଓ ଉଚ୍ଚତା ୧ ଫୁଟ୍ ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଅଧିକ ଅମଳକ୍ଷମ ଓ ସୁସ୍ଥ ଚାରା ରୋପଣ କରିବା।

କରୋନା ରୋଗୀମାନେ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଯେଉଁସବୁ ବୃକ୍ଷ ବାୟୁମଣ୍ଡଳକୁ ଅଧିକ ଅମ୍ଳଜାନ ଛାଡୁଥିବ, ସେସବୁ ବୃକ୍ଷର ଚାରାରୋପଣ କରିବା ଆବଶ୍ୟକ। ସେମାନଙ୍କ ସୁସ୍ଥ ଜୀବନ ପାଇଁ ଯେଉଁ ଫଳରେ ଅଧିକ ପି.ଏଚ., ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ ଓ ମିନେରାଲ୍ସ ଥିବ ସେସବୁ ବୃକ୍ଷର ଚାରାଗୁଡ଼ିକୁ ଲଗାଇବା ଅତ୍ୟନ୍ତ ଜରୁରୀ। ବୈଜ୍ଞାନିକମାନଙ୍କ ମତରେ ଅଧିକ ଅମ୍ଳଜାନ ଦେଉଥିବା ବୃକ୍ଷଗୁଡ଼ିକ ମଧ୍ୟରେ ଅଶ୍ୱତ୍ଥ, କରଞ୍ଜ, ବରଗଛ, ନିମ୍ବ ଓ ତୁଳସୀ ମୁଖ୍ୟତଃ ପ୍ରଧାନ। ଫଳଗଛଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା: ପିଜୁଳି, ଆମ୍ବ, କମଳା, କାଗିଜି ଲେମ୍ବୁ, ବାତାପି, ବେଲ ଓ ଜାମୁକୋଳି ଇତ୍ୟାଦି। ଯେଉଁ ଲୋକଙ୍କର ଜମିବାଡ଼ି ଓ ବଗିଚା ନ ଥିବ ସେମାନେ ଘରର ଛାତ ଉପରେ, ପୋଟିକ ଉପରେ, ବାଲ୍‌କୋନିରେ ଓ ଘର ଭିତରେ ବିଭିନ୍ନ ପ୍ରକାର ଚାରା ରୋପଣ କରିପାରିବେ। ଚାରା ରୋପଣ ପାଇଁ ମାଟି ଓ ପାଣି ନିତାନ୍ତ ଆବଶ୍ୟକ। ଓଡ଼ିଶାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୫୦୦ ମିଲିମିଟର। ଆମ ରାଜ୍ୟର ୩୦ଟି ଜିଲାର ମାଟି ଓ ଜଳବାୟୁ ଚାରା ରୋପଣ ପାଇଁ ଯଥେଷ୍ଟ ଅନୁକୂଳ ରହିଛି। ଏହା ଆମ ପାଇଁ ପ୍ରକୃତିର ଏକ ବରଦାନ।

ଜଳବାୟୁ ପରିବର୍ତ୍ତନକୁ ରୋକିବା, ପ୍ରଗତି ନାମରେ ପରିବେଶକୁ ଧ୍ୱଂସ ନ କରିବା, ଅଧିକ ସଂଖ୍ୟକ ଚାରା ରୋପଣ କରିବା ଆବଶ୍ୟକ। ପରିବେଶର ଭାରସାମ୍ୟ ଓ ଜୈବବିବିଧତାର ସଂରକ୍ଷଣ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ, ପ୍ରାକୃତିକ ସମ୍ପଦର ସୀମିତ ବ୍ୟବହାର, ସାମାଜିକ ତଥା ପଥପ୍ରାନ୍ତ ବନୀକରଣ, ବନ ମହୋତ୍ସବ ପାଳନ ଉପରେ ଗୁରୁତ୍ୱ ଦେବା ଦରକାର। ଅଭୟାରଣ୍ୟ ସଂରକ୍ଷଣ, ବିଦ୍ୟୁତ୍ ଶକ୍ତିର ସୀମିତ ବ୍ୟବହାର, ସୂର୍ଯ୍ୟ ଓ ପବନ ଶକ୍ତିର ବହୁଳ ବ୍ୟବହାର, ଜୈବିକ ସାରର ଅଧିକ ଉତ୍ପାଦନ ଓ ଚାଷ କ୍ଷେତ୍ରରେ ବ୍ୟବହାର କରିବାକୁ ପଡ଼ିବ। ବାଡ଼ିବଗିଚା ଓ ଛାତ ଉପରେ ପାକଶାଳ ବଗିଚା ଏବଂ କମ୍ପୋଷ୍ଟ ପ୍ରସ୍ତୁତ କରିବା, ତ୍ରିତଳ ଚାଷ ପଦ୍ଧତିର ବହୁଳ ବ୍ୟବହାର, ଶ୍ରୀ ପ୍ରଣାଳୀରେ ଧାନଚାଷ, ଜଳ ସଂରକ୍ଷଣ, ମୋଟର ଗାଡ଼ିର ସୀମିତ ବ୍ୟବହାର ଓ ସର୍ବୋପରି ଜନସଚେତନ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ।

**ପ୍ରତିଷ୍ଠାତା ସଭାପତି, ଭାରତୀୟ ଜଳବାୟୁ କଂଗ୍ରେସ ଓ ପ୍ରାକ୍ତନ ଅଧ୍ୟକ୍ଷ ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୮୧୨୬୯୯୪**

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌କାଉଣ୍ଟର ଓ ପୋଲିସର କର୍ତ୍ତବ୍ୟପରାୟଣତା

ମହାଶୟ,

ପୋଲିସ ଏନ୍‌କାଉଣ୍ଟର୍‌ରେ ମୃତ୍ୟୁବରଣ କରିବା ଆଇନ ସମ୍ମତ। ଏଥିରେ ଆଇନର ମର୍ଯ୍ୟାଦା ଉଲ୍ଲଂଘନ ହେଉନାହିଁ। ଯଥାର୍ଥରେ, ଗ୍ୟାଙ୍ଗଷ୍ଟର୍ ହାଇଦର୍ ଏନ୍‌କାଉଣ୍ଟର୍ ବିଭାଗର କର୍ମନିପୁଣତାରେ ସ୍ୱଚ୍ଛତାର ଆଭିମୁଖ୍ୟ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ପୋଲିସଙ୍କ ଭାବମୂର୍ତ୍ତି ବୃଦ୍ଧି କରିଛି। ବିଶ୍ୱାସ ଭାଜନ ହୋଇଛି ପୋଲିସ। ତେଣୁ ଜଘନ୍ୟ ଅପରାଧରେ ସଂପୃକ୍ତ ଅପରାଧୀମାନେ ପୋଲିସ ହାତରୁ ଖସିଯିବାର ପୁନରାବୃତ୍ତି ଯେପରି ନ ହୁଏ, ସେଥିପାଇଁ ପ୍ରଶାସନିକ ଅଧିକାରୀମାନେ ଅଧିକ ସତର୍କତା ଅବଲମ୍ବନ କରିବା ପୂର୍ବକ ନିଜ ଦ୍ୱାୟିତ୍ୱ ପ୍ରତି ଯତ୍ନବାନ ହେବାରେ ଆବଶ୍ୟକତା ରହିଛି। ସଂକ୍ଷେପରେ, ନିର୍ମଳ ଏବଂ ଅପରାଧମୁକ୍ତ ସମାଜ ଗଠନ କରିବାରେ ପୋଲିସ ବିଭାଗ, ନ୍ୟାୟପାଳିକା ଓ ଅପରାଧ ନିୟନ୍ତ୍ରଣ କରିବାରେ ନିୟୋଜିତ ଅନ୍ୟାନ୍ୟ ଉଚ୍ଚପଦାଧିକାରୀମାନେ ଚେଷ୍ଟିତ ହେବା ଦରକାର।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ଯଉବନ ! ଯଉବନ ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ
ମୋର ମହାଦୀପ। –(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାନ୍ଦୁଛି ଗଜରାଜ



**ପ୍ରତିବର୍ଷ ଅଗଷ୍ଟ ୧୨କୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଉଛି ପରିବେଶ ସନ୍ତୁଳନରେ ଏହି ଅନ୍ୟତମ ବୃହତ୍ ବନ୍ୟପ୍ରାଣୀ ହାତୀ ପ୍ରମୁଖ ଭୂମିକା ନେଇଥାଏ। କିନ୍ତୁ ମନୁଷ୍ୟକୃତ ଏକାଧିକ କାରଣ ପାଇଁ ଏବେ ଏମାନଙ୍କ ବଂଶ ବିପଦରେ। ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ଜାରି ରହିଥିବାବେଳେ ଉଭୟଙ୍କ ଜୀବନ ଯାଉଛି। ଏ ପରିସ୍ଥିତିରେ ହାତୀ ସୁରକ୍ଷା ଓ ସଂରକ୍ଷଣ ଜରୁରୀ ହୋଇପଡିଛି।**

ଭୁବନେଶ୍ୱର, ୧୧।୮ (ବ୍ୟୁରୋ)

ହାତୀକୁ ଐତିହ୍ୟ ପ୍ରାଣୀ ବୋଲି ଘୋଷଣା କରାଯାଇଛି। ତେଣୁ ଏମାନଙ୍କ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହାତୀ କରିଡର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ହାତୀ-ମଣିଷ ଲଢ଼େଇ ବନ୍ଦ ହୋଇପାରୁନି। ଅନେକ କ୍ଷେତ୍ରରେ ଉଭୟ ହାତୀ ଓ ମଣିଷଙ୍କ ମୃତ୍ୟୁ ହେଉଛି। ଓଡ଼ିଶାରେ ହାତୀ ସଂରକ୍ଷଣ କେବଳ ଭାଷଣବାଜି ଓ ସଭାସମିତିରେ ସୀମିତ ରହୁଛି। ସେପଟେ ହାତୀଙ୍କୁ ବନ୍ଦୀ କରି ରଖିବାକୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶିକାର ହେଉଛି ଓଡ଼ିଶା। ଏନେଇ ବନ୍ୟପ୍ରାଣୀ ଓ ପଶୁ ସୁରକ୍ଷା କର୍ମୀ ଶତାଧିକ ପିଟିଶନ କରିଛନ୍ତି। ଓଡ଼ିଶାରେ କେତେକ ହାତୀଙ୍କୁ ଚେନରେ ବନ୍ଦୀ କରି ରଖାଯାଇଛି। ତାଙ୍କର ଦୋଷ ଥିଲା ଯେ, ସେମାନେ ମଣିଷ ମାରିଛନ୍ତି। ଚନ୍ଦକାରେ 'ନନ୍ଦନ', 'ଯଶୋଦା' ଓ 'ଶଙ୍କର', କପିଳାସରେ 'ରାକେଶ', ଶିମିଳିପାଳରେ 'ମହେନ୍ଦ୍ର' ଓ 'ଶୋଭା' ଏବଂ ଦେବ୍ରିଗଡ଼ରେ 'ଖରସେଲ' ବନ୍ଦୀ ଜୀବନ ବିତାଉଛନ୍ତି। ଏମାନଙ୍କ ମଧ୍ୟରୁ ଯଶୋଦା, ଶୋଭା ଓ ଖରସେଲ ଏବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଦନ୍ତାହାତୀ ନନ୍ଦନକୁ ନନ୍ଦନକାନନରେ ୧୦ବର୍ଷ କାଳ ବନ୍ଧାଯାଇ ରଖାଯାଇଥିଲା। ୨୦୧୦ରେ କୁମ୍କି ପ୍ରଶିକ୍ଷଣ ପାଇଁ ଚନ୍ଦକା ନିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାଯାଉ ନାହିଁ। ଦୀର୍ଘବର୍ଷ ହେବ ସେଠାରେ ବନ୍ଧା ହୋଇ ରହିଥିବାରୁ ତା'ର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଛି। ସେହିପରି 'ଶଙ୍କର' ଗୋଡ଼ରେ ଲୁହା ଚେନ ବାନ୍ଧିବା ଯୋଗୁ ହୋଇଥିବା ଘା' ଆଦୌ ଶୁଖୁନାହିଁ। ରାକେଶକୁ ୧ ଏକର ବିଶିଷ୍ଟ ଅଞ୍ଚଳରେ ବିଦ୍ୟୁତ୍ ତାର ବାଡ଼ ଘେରଦେଇ କପିଳାସ ଚିଡ଼ିଆଖାନାରେ ରଖାଯାଇଛି। ଫଳରେ ସେ ବହୁତ କଷ୍ଟ ପାଇବା ସହ ବନ୍ଦୀ ଜୀବନ କଟାଉଛି।

## ବନ୍ଧାହୋଇ ରହିଲେ କ'ଣ ସମସ୍ୟା ହେବ

❖ ଅଧିକ ସମୟ ଗୋଡ଼ରେ ଶିକୁଳି ପଡ଼ି ରହିବାରୁ କ୍ଷତ ହୁଏ ଏବଂ ସଂକ୍ରମଣ ମଧ୍ୟ ବଢ଼ିଥାଏ।

❖ ଗୋଟିଏ ପ୍ରାପ୍ତବୟସ୍କ ହାତୀକୁ ଯେତିକି ଖାଦ୍ୟ ଆବଶ୍ୟକ, ବନ କର୍ମଚାରୀ ସେତିକି ଯୋଗାଇ ପାରନ୍ତି ନାହିଁ।

❖ ହାତୀଙ୍କର ସ୍ୱେଦ ଗ୍ରନ୍ଥି ନାହିଁ, ତେଣୁ ସେମାନଙ୍କର ଝାଳ ବାହାରେ ନାହିଁ। ସେଥିପାଇଁ ହାତୀମାନେ ଦିନକୁ ଦୁଇଥର ଭଲ କରି ପାଣିରେ ବୁଡ଼ି ଗାଧୋଇ ଥାନ୍ତି। କିନ୍ତୁ ଚେନରେ ବାନ୍ଧି ରଖାଯିବା ସହ ହାତୀଙ୍କୁ ପାଇପ ପାଣିରେ ଗାଧୋଇ ଦିଆଯାଏ। କର୍ମଚାରୀଙ୍କ ଇଚ୍ଛାରେ ହାତୀର ଗାଧୁଆ କାମ ରହିଥାଏ, ଯାହା କେବେ ହେଲେ ବି ଯଥେଷ୍ଟ ହୁଏ ନାହିଁ।



❖ ବନ୍ଧା ହୋଇ ରହିବା ଦ୍ୱାରା ହାତୀର ଆଚାର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। ସୁଯୋଗ ମିଳିଲେ ହାତୀ ମାହୁନ୍ତ (ମଣିଷ)ଙ୍କ ପ୍ରତି ପ୍ରତିହିଂସା ପରାୟଣ ହୋଇଥାଏ। ସୂଚନାଯୋଗ୍ୟ, ଆସାମର ଜଣେ ପ୍ରଶିକ୍ଷଣକାରୀ ମାହୁନ୍ତ ମଦ ପିଇ 'ଶଙ୍କର' ହାତୀ ପିଠିରେ ବସିଥିବାବେଳେ ସେ ମାହୁନ୍ତକୁ ତଳକୁ ଫୋପାଡ଼ି ପାଦରେ ଦଳି ଦେଇଥିଲା।

## ସମାଧାନର ବାଟ

ବନ୍ୟପ୍ରାଣୀ ବିଶେଷଜ୍ଞ କମଳ ଲୋଚନ ପୁରୋହିତ କହିଛନ୍ତି, ହାତୀଙ୍କୁ ସଙ୍ଗେ ସଙ୍ଗେ ବେଡ଼ି ଖୋଲି ଜଙ୍ଗଲରେ ଛଡ଼ା ଯାଇପାରିବ ନାହିଁ। ହାତୀଙ୍କ ଗୋଡ଼ରେ ଅନ୍ୟୂନ୍ୟ ଓଜନିଆ ଲମ୍ବା ଲୁହା ଘୋଷରା ଶିକୁଳି ବାନ୍ଧି ଛାଡ଼ିଦେବା ଉଚିତ। ଏପରି କଲେ ହାତୀ ଯୁଆଡ଼େ ବି ଯିବ ଟ୍ରାକରମାନେ ସେହି ଚେନ୍ ଘୋଷରା ଦାଗ ଦେଖି ତା' ପାଖରେ ପହଞ୍ଚିପାରିବେ। ଯଦି କେବେ ଆବଶ୍ୟକ ହୁଏ, ହାତୀ ପାଖକୁ ନ ଯାଇ ବା ଟ୍ରାଙ୍କୁଲାଇଜ୍ ନ କରି ମଧ୍ୟ ସେହି ଚେନ୍‌ର ମୁଣ୍ଡକୁ ଏକ ଗଛରେ ବାନ୍ଧି ଦିଆ ଯାଇପାରିବ ବୋଲି କମଳ ଲୋଚନ କହିଛନ୍ତି। ତେବେ ଶଙ୍କର ବା ରାକେଶ ଗୋଡ଼ରେ ଲୁହାଚେନ୍ ଯୋଗୁ ଯେଉଁ କ୍ଷତ ସୃଷ୍ଟି ହୋଇଛି, ସେଥିରୁ ରକ୍ଷା ପାଇବା ପାଇଁ ରବର ଆବରଣଯୁକ୍ତ ଚେନ୍ ବ୍ୟବହାର କରାଯାଇପାରିବ ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ଉତ୍ପାତ କରୁଥିବା ହାତୀଙ୍କ ପାଇଁ ଚନ୍ଦକାରେ ଅତି କମ୍‌ରେ ୧୦ ଏକର ବା ଅଧିକ ଅଞ୍ଚଳକୁ ଆବଦ୍ଧ କରି ସେହି ଜାଗାରେ ତାଙ୍କୁ ରଖାଯିବା ପାଇଁ ଗତବର୍ଷ ଜଙ୍ଗଲ ମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାହା ହୋଇପାରି ନାହିଁ।

## ୯ ବର୍ଷରେ ୪୪ରୁ ଊର୍ଦ୍ଧ୍ୱ ହାତୀଦାନ୍ତ ଜବତ

ହାତୀକୁ ହତ୍ୟା କରି ଶିକାରୀମାନେ ତା'ର ଦାନ୍ତ ଚୋରା ଚାଲାଣ କରୁଛନ୍ତି। ୨୦୧୨ ଜୁଲାଇରୁ ଏପର୍ଯ୍ୟନ୍ତ ୯ବର୍ଷ ମଧ୍ୟରେ ୪୪ରୁ ଅଧିକ ହାତୀ ଦାନ୍ତ ଜବତ ହୋଇଥିବାବେଳେ ଏନେଇ



୨୯ ମାମଲା ରୁଜୁ କରାଯାଇଛି। ଗତ ଦୁଇବର୍ଷ ମଧ୍ୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବହୁ ହାତୀଦାନ୍ତ ଜବତ କରାଯାଇଛି। ଚଳିତବର୍ଷ ଜାନୁୟାରୀ ୧୪ରେ ସମ୍ବଲପୁରରୁ ୨ଟି, ଫେବୃୟାରୀ ୭ରେ କେନ୍ଦୁଝରରୁ ୨ ହାତୀ ଦାନ୍ତ ଜବତ ହେବା ସହିତ ୩ଜଣଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। ସେହିମାସ ୨୪ ତାରିଖରେ ମୟୂରଭଞ୍ଜ କପ୍ତିପଦାରେ ପ୍ରାୟ ୪୪କେଜିର ଦୁଇଟି ହାତୀ ଦାନ୍ତ ଜବତ ହୋଇଥିଲା। ସେହିଭଳି ମାର୍ଚ୍ଚ ୨୬ରେ ଦେବଗଡ଼ ଖମାର ରେଞ୍ଜ ଅଞ୍ଚଳରୁ ୨ଟି ହାତୀ ଦାନ୍ତ ଜବତ ହେବା ସହିତ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏପ୍ରିଲ ୨୪ରେ ନୟାଗଡ଼ ଗଣିଆ ରେଞ୍ଜ ଅଞ୍ଚଳରେ ୨ଟି ହାତୀ ଦାନ୍ତ ଜବତ କରାଯିବା ସହିତ ଦୁଇଜଣଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍।

## ବର୍ଷକୁ ପ୍ରାୟ ୭୬ ହାତୀଙ୍କ ମୃତ୍ୟୁ

୧୯୭୯ରେ ରାଜ୍ୟରେ ମୋଟ ୨୦୪୪ ହାତୀ ଥିଲେ। ୨୦୧୭ ଗଣନା ଅନୁଯାୟୀ ଏହି ସଂଖ୍ୟା ୧୯୭୬କୁ ଖସି ଆସିଥିଲା। ୧୯୯୦ରୁ ୨୦୦୦ ପର୍ଯ୍ୟନ୍ତ ବର୍ଷକୁ ହାରାହାରି ୩୩ ହାତୀ ମରୁଥିବାବେଳେ ୨୦୦୧ରୁ ୨୦୧୦ ମଧ୍ୟରେ ଏହା ୪୬କୁ ବୃଦ୍ଧି ପାଇଥିଲା। ୨୦୧୦ ପରଠାରୁ ବାର୍ଷିକ ମୃତ୍ୟୁ ହାର ୭୬ ରହିଛି। ମିଳିଥିବା ସୂଚନାନୁସାରେ, ୨୦୧୦ ଏପ୍ରିଲରୁ ୨୦୨୧ ଅଗଷ୍ଟ ମଧ୍ୟରେ ମୋଟ ୮୬୨ ହାତୀଙ୍କ ମୃତ୍ୟୁ ଘଟିଛି। ପ୍ରାକୃତିକ ମୃତ୍ୟୁ ୩୮୯ ଥିବାବେଳେ ୧୭୮ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସେହିପରି ଶିକାର ପାଇଁ ୮୬, ବିଷଜନିତ ୩୭, ବିଦ୍ୟୁତ୍ ତାରରେ ୧୩୫, ଟ୍ରେନ୍ ଦୁର୍ଘଟଣାରେ ୩୧, ରାସ୍ତାରେ ୬ ହାତୀଙ୍କ ମୃତ୍ୟୁ ହୋଇଛି। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ପର୍ଯ୍ୟାପ୍ତ ପାଟ୍ରୋଲିଂ ସହ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦାରଖ କାର୍ଯ୍ୟ ଠିକ୍‌ରେ ନ ହେବା ଯୋଗୁ ହାତୀ ଶିକାର ପାଇଁ ସୁଯୋଗ ମିଳୁଛି।

## ହସ ଫୁଟାଇଛି 'ପଦ୍ମା'



୨୦୨୧ ମେ ୧୩। କପିଳାସ ଚିଡ଼ିଆଖାନା ପାଇଁ ଏହି ଦିନ ଥିଲା ବେଶ୍ ଦୁଃଖଦ। କାରଣ ପର୍ଯ୍ୟଟକଙ୍କ ମନୋରଞ୍ଜନ କରୁଥିବା ହାତୀ ଶାବକ 'ହୀରୋ' ସବୁଦିନ ପାଇଁ ଆଖିବୁଜିଲା ମାରାତ୍ମକ ହର୍ପିସ୍ ରୋଗରେ। ଏହାପରେ ଜୁ'ରେ ସୃଷ୍ଟି ହୋଇଥିଲା ଶୂନ୍ୟସ୍ଥାନ। ଏହାର ଯତ୍ନ ନେଉଥିବା ମାହୁନ୍ତ 'ଦୀପୁ' ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତେବେ ଦୀପୁଙ୍କ ଖାଲିପଣକୁ ପୂରଣ କରିଛି ମାଈ ହାତୀ ଶାବକ 'ପଦ୍ମା'। ଗତ ଡିସେମ୍ବର ୩୧ରେ ବ୍ରହ୍ମପୁର ଡିଭିଜନରୁ 'ପଦ୍ମା'କୁ ଉଦ୍ଧାର କରି କପିଳାସ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ଏହାପରେ ଦୀପୁଙ୍କୁ ମିଳିଛି ଏହି ଛୁଆ ହାତୀର ତଦାରଖ ଦାୟିତ୍ୱ। ଇତିମଧ୍ୟରେ 'ପଦ୍ମା' ଏବଂ ଦୀପୁଙ୍କ ଭିତରେ ସୃଷ୍ଟି ହୋଇଛି ନିବିଡ଼ ସମ୍ପର୍କ। ହାତୀ ଶାବକ ତାଙ୍କୁ ଜମାରୁ ଛାଡୁନାହିଁ। ପାଖେପାଖେ ବୁଲୁଛି। 'ପଦ୍ମା' ସବୁଠାରୁ ଛୋଟ ହାତୀ ହୋଇଥିବାରୁ ତା'ର ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଭାବେ ଯତ୍ନ ନିଆଯାଉଛି। ଖାଦ୍ୟପେୟ ପାଇଁ ମାସକୁ ହାରାହାରି ୮୦ ହଜାର ଟଙ୍କା ଯାଏ ଖର୍ଚ୍ଚ କରାଯାଉଛି। ଦୈନିକ ଖାଦ୍ୟରେ ସେରେଲାକ୍ ଓ ଲାକ୍ଟୋଜେନ ଦିଆଯାଉଛି।

DSPL-118

ନୂତନ ଭାରତବର୍ଷର ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ଯୁବଗୋଷ୍ଠୀର ଭୂମିକା



ଏଚ.ଆଇ.ଭି. ସମ୍ପର୍କରେ ସଚେତନତା | ଯକ୍ଷ୍ମା ସଂପର୍କରେ ଅବଗତି | ନିୟମିତ ରକ୍ତଦାନ

ଆସନ୍ତୁ ଆମେ ଶପଥ ନେବା ଏଚ୍.ଆଇ.ଭି ମୁକ୍ତ ନୂତନ ଭାରତ ଗଢ଼ିବା

ଅଧିକ ଜାଣିବା ପାଇଁ 1097ରେ ଯୋଗାଯୋଗ କରନ୍ତୁ

NACO
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି OSACS
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
OIPR-10009/13/0003/2122
ୱେବସାଇଟ - www.osacs.nic.in

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-37(02)/SERIFED/2021-22/968/ DT.11.08.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 4 nos. of works at Telkoi TRCS, Bhagamunda TRCS in Keonjhar dist and Chandua TRCS, Bhuasuni TRCS in Mayurbhanj dist. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in**. during the period **dt. 14.08.2021 to 17.00 hours up to dt. 24.08.2021**. Online bids shall be received till **17.00 hours dt. 24.08.2021** & shall be opened at **11.30 AM on Dt. 25.08.2021**. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/O- DGM (ELECTRICAL), EHT O&M DIVISION, BOLANGIR
CIN:U40102OR2004SGC007553
Lifeline of Odisha

No. CAD-860

**NOTICE**

Notice is hereby given to Sri Ranjan Kumar Mishra, S/O- Budhadeb Mishra, At/PO- Gaintala, Dist-Bolangir (Odisha), through Odia newspaper that a permanent house building is constructed by him in the Corridor (Conductor Zone) of 132kV Bolangir New-Sonepur line in between Loc. No. 29-30 on Plot no.1820/3233, Khata No.271/263 of Mauza-Gaintala, PS-Bolangir, Tahasil-Puintala, Dist-Bolangir in violation of section 60(1), 63 (2), 64(1) & 65(3) of Central Electricity Authority Regulations-2010. In spite of repeated discussion & notice by our OPTCL engineer not to continue the construction work, but he continued the work & completed the work without any response which is illegal. At any time, there may be chance of Electrical Hazard/accident causing loss of human life as well as properties. So he is hereby informed to dismantle the constructed building in corridor of above said Transmission Line to avoid any Electrical accident. OPTCL will not be held responsible for any untoward incident in future. Unless dismantle work of the building is taken up immediately, further action as deemed fit shall be taken against him.

Sd/- DGM(Elect.)
FIPR-37/2021-22 OIPR-04011/11/0053/2122 EHT O&M Division, Bolangir

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସ୍ଥିତ ୧୮ଟି ଭି.ଓ.ଏଫ୍., ୪ଟି ଟ୍ରାଞ୍ଜିଟ୍ ହଲିଡେ ହୋମ୍ (ଟି.ଏଚ୍.ଏଚ୍.) ଓ ୨ ଟି ମେଡିକାଲ୍ ଫ୍ଲାଟ୍‌ର ରକ୍ଷଣାବେକ୍ଷଣ, ଖାଦ୍ୟପେୟ ଏବଂ ସଫେଇ ନିମନ୍ତେ ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥା ମାନଙ୍କଠାରୁ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଇଚ୍ଛୁକ ପ୍ରତିଷ୍ଠିତ ଏବଂ ଅନୁଭବୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ଆରବିଆଇର ୱେବସାଇଟ୍ (www.rbi.org.in) ରେ 'ଟେଣ୍ଡର' ବିଭାଗ ପରିଦର୍ଶନ କରିପାରିବେ କିମ୍ବା ଅଧିକ ବିବରଣୀ ପାଇଁ ମାନବ ସଂସାଧନ ପ୍ରବନ୍ଧ ବିଭାଗ ସହ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi) ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ୧୭ ସେପ୍ଟେମ୍ବର, ୨୦୨୧ ଦିନ ୧୨ଟା ପର୍ଯ୍ୟନ୍ତ।

କ୍ଷେତ୍ରୀୟ ନିର୍ଦ୍ଦେଶକ

**PANCHAYAT SAMITI, GUDVELLA, DIST.- BALANGIR**

**INVITATIONS FOR BIDS**

**Detail Tender Call Notice No. 01/GVL/2021-22 Dated: 11.08.2021**

The Block Dev. Officer, Gudvella on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 01/GVL/2021-22 Dated: 11.08.2021 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil works, on production of definite proof from the appropriate authority. The bidders may submit bids for the following works.

| Sl. No. | Name of Work | Amount Put to Tender (Rs.) | Bid Security 1% EMD (Rs.) | Cost of Document (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Block Level Mini Stadium, Dahimal | 1473414/- | 14800/- | 6,000/- | D & C | 6 (Six) Calendar Months |

1. The sale and receipt of the Bid document shall start from **Dt.11.08.2021 to 4.00 P.M. hours of Dt.24.08.2021 during office hour in Panchayat Samiti, Gudvella and DRDA, Balangir**.
2. Bid documents can be downloaded from official website of Government of Odisha **(http://www.balangir.nic.in)**. The bidders who have downloaded the bidding documents from the internet site will have to pay the cost of the tender document as indicated in Col No. 5 of the above table in shape of Demand Draft in favour of **Block Dev. Officer, Gudvella,** payable at **SBI, Gudvella** in a separate envelope marked **"Cost of bidding document downloaded from the internet"** with the bid document. Authority will not be held responsible, if any portion of the bid document is excluded or modified in the downloaded bid document.
3. The bids will be opened on the **Dt.25.08.2021 at 3.00 P.M.** in the office of the undersigned, in the presence of the members of tender committee of Panchayat Samiti, Gudvella, bidders or their authorized agents who wish to attend at the **Block Development Officer, Chamber of Panchayat Samiti, Gudvella**. If the office happens to be closed on the last date of receipt/opening as specified, the bids will be received/opened in the next working day at the same time and venue specified in the notification. Other details can be seen in the bidding documents.

**Sd./- Block Dev. Officer, Gudvella**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**DISTRICT PROGRAMME MANAGEMENT UNIT (DPMU) NATIONAL HEALTH MISSION (NHM)**
**Expression of Interest for Physiotherapy Services at PHC-HWC level (Puri District)**

Advt. No : 2655/DPMU Date: 10.08.2021

No.E-325:- Expressions of Interests are invited from individual for rendering Physiotherapy at PHC-HWC level. Physiotherapy services include Fixed day at PHC-HWC level & home visit to Home bound/ bed ridden cases as per guideline. The individuals will be paid session wise allowances for giving defined services. In addition to the service allowance S/he will get fixed travel allowance for field / home visit days only. S/he will provide services for 2 days in a week (1 fixed day at PHC-HWC & 1 day for field/ home visit) per PHC-HWC. S/he can be engaged to work maximum at 3 PHC-HWCs.

Interested candidates are requested to apply in the prescribed format to the CDM&PHO, Puri. The application format and details are available in the website **www.puri.nic.in** . The application should reach by Regd./Speed Post to the undersigned latest by dt. 25.08.2021 (5.00 PM). No personal query will be entertained. Incomplete application in any form is liable for rejection. The authority reserves the right of accepting/rejecting any application and modifies /cancels the advertisement without assigning any reason thereof.

**Sd./- Chief District Medical & Public Health Officer, Puri**
OIPR-10021/11/0010/2122

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, SONEPUR**
**GOVERNMENT OF ODISHA**
**TENDER CALL NOTICE**
**BID IDENTIFICATION No. Offline / SNPMI-04/2021-22**

| | | | |
|---|---|---|---|
| 1. | Name of the inviting officer | : | Executive Engineer, Minor Irrigation Division, Sonepur |
| 2. | Name of the work | : | Improvement to M.I.Ps in Ullunda Block of Subarnapur District. |
| 3 | No. of works | : | 10 (Ten) Nos. |
| 4. | Tender amount varies from | : | 3.15 lakhs to 4.29 lakhs |
| 5. | Date and time of sale of tender paper | : | Dt.18.08.2021 to Dt.26.08.2021 in M.I. Sub Division Office, BMPur and M.I. Division Office, Sonepur during office hour. |
| 6. | Date and time of receipt of bids in sealed tender box | : | 19.08.2021 to 26.08.2021 upto 5 P.M. in the above offices. |
| 7. | Date of opening of bid | : | 11.00 A.M. on 27.08.2021 in M.I. Division Office |

Name & address of the OIT : Executive Engineer, M.I. Division, Sonepur, At/PO/Dist.- Subarnapur, PIN- 767017, PH.- 06654-220516, E-Mail: eemisnp@yahoo.com

• The tender inviting authority reserves the right to reject/ cancel any or all tenders without assigning any reason thereof.

**Sd./-Executive Engineer**
**M.I. Division, Sonepur**

No.N-15:-
**Government of Odisha**
**Higher Education Department**

**Common PG Entrance Test-2021**
**For Admission into State Public Universities and Colleges with P.G. Courses**

**Entrance Examination Schedule for CPET-2021**

| Date | Session-I (10.00-11.30 A.M.) | Session-II (12.30-2.00 P.M.) | Session-III (3.00-4.30 P.M.) |
|---|---|---|---|
| 23.8.21 (Monday) | Anthropology (Arts) | Geography | MBA (Business Administration) |
| | Anthropology (Science) | Marine Science (Oceanography) | |
| 24.08.21 (Tuesday) | Physics | LLM | Commerce |
| | | Electronics & Telecommunication (ETC) | |
| 25.08.21 (Wednesday) | Microbiology | Zoology | PMIR/IRPM |
| | Hindi/English | Statistics | |
| 26.08.21 (Thursday) | Environmental Science | Life Sciences | Population Studies |
| | Sociology | Odia | Philosophy |
| 28.08.21 (Saturday) | Economics | Geology | MBA (Rural Management) |
| | Home Science | History | |
| 30.08.21 (Monday) | Public Administration | Computer Science | Public Health |
| 31.08.21 (Tuesday) | Botany | Chemistry | Library & Information Science |
| | Education | | |
| 01.09.21 (Wednesday) | Santali / Sanskrit/ Urdu | Mathematics | Journalism and Mass Communication |
| | Material Science | Linguistics | |
| 02.09.21 (Thursday) | Wildlife & Biodiversity Conservation | Bioinformatics | Biotechnology |
| | Yoga & Naturopathy | Political Science | Social Work (MSW) |
| 03.09.21 (Friday) | Women's Studies | Psychology | Marine Science (Marine Biology) |
| | Electronic Science | | |

N.B.:-1. Entrance Subjects have been mentioned in the above examination schedule. Applicants applying for different P.G. Courses can visit the SAMS website to know the subjects included under each Entrance Subject.

**2. Higher Education Department has every right to alter the timelines without mentioning reasons thereof.**

**Deputy Director, PTC**
OIPR-11001/11/0007/2122

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୨ ଅଗଷ୍ଟ, ୨୦୨୧

## ୧୧ ଲିଟର ମହୁଲି ମଦ ଜବତ

କୁତ୍ରା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡାଠାରେ ବୁଧବାର ବଡଗାଁ ଅବକାରୀ ବିଭାଗ ଓ ସୁନ୍ଦରଗଡ ମୋବାଇଲ ୟୁନିଟ ତରଫରୁ ଚଢାଉ କରାଯାଇଥିଲା। କନ୍ଦେଇମୁଣ୍ଡା ଗ୍ରାମର ତରସିଲା ଏକ୍କା (୬୧)ଙ୍କ ଘରୁ ୧୧ ଲିଟର ମହୁଲି ମଦ ଜବତ କରିବା ସହ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି। ମଦ ତିଆରି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏହି ଚଢାଉବେଳେ ସୂର୍ଯ୍ୟଜିତ ଖଟୁଆ, ହିରାଦଲ ପତି ସମେତ ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଖୃଲେଇ ଗ୍ରାମ ପଂଚାୟତ: କୋରମ ଅଭାବରୁ ଆସିପାରିଲାନି ଅନାସ୍ଥା

ଦେବଗଡ଼/ରିଆମାଲ,୧୧।୮(ଡି.ଏନ.ଏ): ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କ ଉପସ୍ଥିତି ଅଭାବରୁ ବୁଧବାର ରିଆମାଳ ବ୍ଲକ ଅନ୍ତର୍ଗତ ଖୃଲେଇ ପଞ୍ଚାୟତର ସରପଞ୍ଚ ମିନତୀ ବେହେରାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିପାରିନାହିଁ। ୧୩ଟି ୱାର୍ଡ ବିଶିଷ୍ଟ ଖୃଲେଇର କେତେକ ୱାର୍ଡ ସଦସ୍ୟ, ସଦସ୍ୟାଙ୍କ ଆବେଦନ କ୍ରମେ ଉକ୍ତ ପଞ୍ଚାୟତର ସରପଞ୍ଚ ବେହେରାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆଜିର ଦିବସ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଅନାସ୍ଥା ପ୍ରସ୍ତାବ ନିମନ୍ତେ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ ପ୍ରସ୍ତୁତ ରହିଥିଲେ । ମାତ୍ର କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ ଆସିପାରି ନ ଥିଲା । ୧୩ଟି ୱାର୍ଡ ବିଶିଷ୍ଟ ଖୃଲେଇ ଗ୍ରାମ ପଞ୍ଚାୟତର ମୋଟ ୧୩ ଜଣ ସଦସ୍ୟଙ୍କ ମଧ୍ୟରୁ ୭ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ସରପଞ୍ଚ ବେହେରାଙ୍କ ସମେତ ଅନ୍ୟ ୬ ଜଣ ସଦସ୍ୟ ଅନୁପସ୍ଥିତ ଥିଲେ । ଏଣୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନାସ୍ଥା ପାଇଁ ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କ ଅଭାବ ଯୋଗୁଁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରି ନ ଥିଲା ।

### ନବୋଦୟ ପରୀକ୍ଷା: ୩୦୯ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

କୁତ୍ରା ୧୧।୮(ଡି.ଏନ.ଏ.): ଦୀର୍ଘ ଦୁଇ ବର୍ଷ ହେବ କରୋନା ସଂକ୍ରମଣ ପାଇଁ ସମସ୍ତ ଅଫ୍‌ଲାଇନ ପରୀକ୍ଷା ବନ୍ଦ ଥିବାବେଳେ ବୁଧବାର କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜବାହାର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁତ୍ରା ବ୍ଲକର ୩୭୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ପଞ୍ଜିକରଣ କରିଥିବାବେଳେ ୩୦୯ ଜଣ ଷ୍ଟେଜ ୧ ପାଇଁ ପରୀକ୍ଷା ଦେଇଥିଲେ ଓ ୬୫ ଅନୁପସ୍ଥିତ ରହିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପରୀକ୍ଷା ପରିଚାଳକ ଥିବାବେଳେ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ପରୀକ୍ଷା ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ,ଏବିଡିଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଫ୍ଲାଇଙ୍ଗ ସ୍କ୍ୱାଡ୍ ଭାବେ କେନ୍ଦ୍ର ନିରୀକ୍ଷଣ କରିଥିଲେ। ଜେଏନଭିଟି ତରଫରୁ ସିଏଲଓ ଭାବେ ଭୂପେନ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ବିଭୀଷଣ ବାରିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କର୍ମଚାରୀ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

### ରାଜସ୍ୱ ବିଭାଗର ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୧୧।୮(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୋସଠାରେ ବୁଧବାର କୁତ୍ରା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜସ୍ୱ ବିଭାଗ ତରଫରୁ ଜମି ପଟ୍ଟା ଠାରୁ ଆରମ୍ଭ କରି ଆୟ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦାପତ୍ର ତଥା ବିଭିନ୍ନ ପ୍ରକାର ଜମିଜମା ସମ୍ବନ୍ଧିୟ ନିୟମାବଳୀ ପ୍ରଭୃତି ରାଜସ୍ୱ ବିଭାଗ ସମ୍ପର୍କିତ ବହୁ ନୀତି ନିୟମ ବାବଦରେ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହାସହ ପ୍ରଶାସନ ଓ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ହେଲେ ହିଁ ଏସବୁ ସୁବିଧାରେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଝାନପାଲି ସରପଞ୍ଚ ଇନ୍ଦ୍ରା ଖାଲଖୋ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇ ନିଜର ଜମିଜମା ସମ୍ପର୍କିତ ଅସୁବିଧା ଜଣାଇଥିଲେ।



ପୋଲିସର ଖବରଦାତା ସମ୍ମିଳନୀରେ ଟିପ୍ପର ଚୋରି ର୍‌ୟାକେଟରେ ସମ୍ପୃକ୍ତ ୭ ଗିରଫ ବ୍ୟକ୍ତି।



ପୋଲିସ ଜବତ କରିଥିବା ଟିପ୍ପର ଯନ୍ତ୍ରାଂଶ।

# ଟିପ୍ପର ଚୋରି ର୍‌ୟାକେଟ୍‌ର ୭ ଗିରଫ

ଲହୁଣୀପଡା,୧୧।୮(ଡି.ଏନ.ଏ)

- ସିସିଟିଭି ଫୁଟେଜ୍‌ରୁ ଟିପ୍ପର ଚୋରି ର୍‌ୟାକେଟର ପର୍ଦ୍ଦାଫାଶ
- ୫ ମୋବାଇଲ, ଟିପ୍ପର ଯନ୍ତ୍ରାଂଶ ଜବତ

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଭିନ୍ନଭିନ୍ନ ତାରିଖରେ ଚୋରି ହୋଇଥିବା ଟିପ୍ପର ଚୋରଙ୍କୁ ଧରିବାରେ ଲହୁଣୀପଡା ପୋଲିସ ସଫଳ ହୋଇଛି। ବରସୁଆଁ, ରାଜାମୁଣ୍ଡା ବାଇପାସ, ଉଲସୁରେଇ ଓ ଲହୁଣୀପଡାରୁ ବିଭିନ୍ନ ସମୟରେ ହୋଇଥିବା ୬ଟି ଟିପ୍ପର ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ଲହୁଣୀପଡା ପୋଲିସ ସକ୍ଷମ ହୋଇଛି ବୋଲି ବୁଧବାର ଲହୁଣୀପଡା ଥାନାରେ ହୋଇଥିବା ଖବରଦାତା ସମ୍ମିଳନୀରେ ବଣାଇ ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା, ସବଇନ୍ସପେକ୍ଟର ସୁଦର୍ଶନ ବେହେରା, ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ଉପସ୍ଥିତ ଥିଲେ। ସୂଚନାରୁ ପ୍ରକାଶ ଯେ, ଲହୁଣୀପଡାରେ ଥିବା ସୁବାସ ଗ୍ୟାରେଜରେ ଏକ ଟିପ୍ପର ମରାମତି ହେବା ପାଇଁ ଛିଡା ହୋଇଥିଲା । ୨୧ ଜୁଲାଇ, ୨୦୨୧ ରାତି ପ୍ରାୟ ୧୧ଟା ପରେ ଉକ୍ତ ଟିପ୍ପର ଚୋରି ହୋଇଯାଇଛି ବୋଲି ଟିପ୍ପର ମାଲିକ ରଣଜିତ ମାହାନ୍ତ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ କୌଣସି ସନ୍ଧାନ ପାଇ ପାରିନଥିଲେ। ଏଣୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହାର ନେତୃତ୍ୱ ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ଦାୟୀତ୍ୱ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ପୋଲିସ ଟିମ୍ ଲହୁଣୀପଡା ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଓ ଢ଼ାବାଗୁଡିକରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ସେହି ଠାରୁ ପୋଲିସକୁ ସୁରାକ ମିଳିଥିଲା। ସେହି ସୁରାକକୁ ଆଧାର କରି ପୋଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦିଗରେ ତନାଘନା ଜାରି କରିବାରୁ ଝାଡ଼ଖଣ୍ଡ ଅଞ୍ଚଳରୁ ଆସି ବରସୁଆଁରେ ରହୁଥିବା ଅନିଲ କାଣ୍ଡୁଲାନା, ବରସୁଆଁ ବଲ୍ଲି ହାଟିଂର ଜୋଶେଫ କାଣ୍ଡୁଲାନା ଓ ବରସୁଆଁ ଶସ୍ୟକଳାର ପାତ୍ରାସ ଭୂୟାଁଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପଚରାଉଚୁରା କରିବାରୁ ଟିପ୍ପର ଚୋରି କରିଥିବା ସ୍ୱୀକାର କରିଥିଲେ। ଲହୁଣୀପଡା ଅଞ୍ଚଳରୁ ଗତ ୨୦୨୦ ନଭେମ୍ବର ମାସରୁ ଅଦ୍ୟାବଧି ବିଭିନ୍ନ ସ୍ଥାନରୁ ୬ଟି ଟିପ୍ପର ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ଅଞ୍ଚଳରୁ ଟିପ୍ପର ଚୋରିକରି ନେଇ ରାଜଗାଙ୍ଗପୁର ଅଞ୍ଚଳର ଅଜୟ ଟପ୍ପୋ (ଘୋଘର), କ୍ରିଷ୍ଟା ମିଞ୍ଜ (ଲାଇଙ୍ଗ), ଫେରାରି ମାହାନ୍ତ (ରାଜଗାଙ୍ଗପୁର)ଙ୍କୁ ବିକ୍ରି କରି ଦେଉଥିଲେ । ରାଜଗାଙ୍ଗପୁର ଅଞ୍ଚଳର ଏହି ତିନି ଜଣ ରାଜନ ସନ୍ୟାସୀକୁ ନେଇ ଚୋରି ଟିପ୍ପର ଗୁଡିକୁ ଦେଉଥିଲେ। ରାଜଗାଙ୍ଗପୁର ଅଞ୍ଚଳରେ ରାଜନ ସନ୍ୟାସୀଙ୍କ ଏକ କ୍ରଶର ଅଛି। ସେହି କ୍ରଶର ପଛପଟେ ଚୋରି ଟିପ୍ପରଗୁଡିକୁ ଖଣ୍ଡଖଣ୍ଡ କରି କାଟିଦେଇ ତାର ଯନ୍ତ୍ରାଂଶଗୁଡିକୁ ନେଇ ଏକ ଢ଼ାବାରେ ରଖି ବିକ୍ରି କରୁଥିଲେ ବୋଲି ତଥ୍ୟ ପାଇବା ପରେ ପୋଲିସ ସ୍ୱତନ୍ତ୍ର ଟିମ ସେହି ଆଧାରରେ ଚଢ଼ାଉ କରି ଉକ୍ତ ୭ ଜଣଙ୍କୁ ଥାନାକୁ ଆଣି ପୁନର୍ବାର ପଚରାଉଚୁରା କରିଥିଲେ। ଘଟଣା ସମ୍ପର୍କରେ ସେମାନେ ସ୍ୱୀକାର କରିବାରୁ ରାଜଗାଙ୍ଗପୁରରେ ଥିବା ଉକ୍ତ ଢ଼ାବାରେ ଚଢ଼ାଉ କରି ପ୍ରାୟ ୨୩ ଟନ ଟିପ୍ପର ଯନ୍ତ୍ରାଂଶ ଏବଂ ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଟିପ୍ପର ଚୋରି ଘଟଣାରେ ସଂପୃକ୍ତ ଥିବା ଉପରୋକ୍ତ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏହି ଟିପ୍ପର ଚୋରି ର୍‌ୟାକେଟରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ଥିଲେ ମଧ ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଗିରଫ ଟିପ୍ପର ଚୋରମାନଙ୍କ ନାମରେ ବିଭିନ୍ନ ଥାନାରେ ଚୋରି, ଡକାୟତି, ହତ୍ୟା ଭଳି ସଙ୍ଗିନ ମାମଲା ରହିଥିବା ଜଣାପଡିଛି।

## ବିଡିଓ ବଦଳି ପାଇଁ ଭାଜପା ପକ୍ଷରୁ ରାଲି: ବ୍ଲକ ଘେରାଉ

ଦେବଗଡ଼/ରିଆମାଲ,୧୧।୮ (ଡି.ଏନ.ଏ)

ଦୀର୍ଘ ଦିନ ହେଲା ରିଆମାଳ ବ୍ଲକରେ ଅଧକ୍ଷା ରୀତାଞ୍ଜଳୀ ହାତୀ –ବିଡିଓ ଦିବ୍ୟଶଙ୍କର ଜୟପୂରିଆଙ୍କ ବିବାଦରେ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦହୋଇ ପଡିଛି। ବିଡିଓଙ୍କ ମନମୁଖୀ ଶାସନ ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏମିତି ଅଭିଯୋଗ ଆଣି ପୂର୍ବରୁ ଭାଜପା ବ୍ଲକ ଘେରାଉ କରିଥିଲା। ଗତ ୯ ଦିନ ହେଲା ତାଙ୍କୁ ଅନ୍ୟତ୍ର ବଦଳି ଦାବିରେ ଅଧକ୍ଷା ସମେତ କେତେଜଣ ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ଭାଜପା କର୍ମୀ ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ମାତ୍ର କୌଣସି ସୁଫଳ ନ ହେବାରୁ ବାଧହୋଇ ବୁଧବାର ଭାଜପା ପକ୍ଷରୁ ରାଲି କରି ଦ୍ୱିତୀୟ ବାର ବ୍ଲକ ଘେରାଉ କରାଯାଇଥିଲା। ବିଧାୟକ ପ୍ରତିନିଧି ଶରତ କୁମାର ସାହୁଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ରିଆମାଳ ସ୍ଥିତ ବାବା ସ୍ୱପ୍ନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ରାଲିରେ ବାହାରି ବ୍ଲକ ଘେରାଉ କରିଥିଲେ। ବିଡିଓଙ୍କ ମନମୁଖୀ ଶାସନ ପାଇଁ ତାଙ୍କୁ ଅନ୍ୟତ୍ର ବଦଳି ଦାବିରେ ବ୍ଲକ ସମ୍ମୁଖରେ ବହୁସମୟ ଧରି କର୍ମୀ ନାରାବାଜି ଦେଇଥିଲେ। ଶେଷରେ ବ୍ଲକ ଗେଟରେ ତାଲା ପକାଇ କାର୍ଯ୍ୟାଳୟ ବନ୍ଦ କରିବାକୁ ଉଦ୍ୟମ କଲାବେଳେ ରିଆମାଳ ପୋଲିସ ପ୍ରତିରୋଧ କରିଥିଲା। ଘଟଣାସ୍ଥଳରେ ପ୍ରକଳ୍ପ ନିର୍ଦ୍ଦେଶକ ଲୋକେସ ପ୍ରଧାନ ପହଞ୍ଚି ବୁଝାସୁଝା କରିଥିଲେ। ଘେରାଉରେ ସାଧାରଣ ସମ୍ପାଦକ ବିରେନ କୁମାର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସମିର କୁମାର ସାହୁ, ରିଆମାଳ ମଣ୍ଡଳ ସଭାପତି ସଂଜିବ ବେହେରା, ବୁଢାପାଳ ମଣ୍ଡଳ ସଭାପତି ଅଶୋକ ପ୍ରଧାନ, ମଣ୍ଡଳ ସମ୍ପାଦକ ନରେଶ ନାଥ, ପ୍ରକାଶ କୁମାର ଆଚାର୍ଯ୍ୟ, ଉଗ୍ରେସନ ପ୍ରଧାନ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଭାଜପା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

ସୁନ୍ଦରଗଡ଼,୧୧।୮(ଡି.ଏନ୍.ଏ)

**ଦଳିତଙ୍କ ଉପରେ ଆକ୍ରମଣ ଘଟଣା**

- ଭାଜପା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ

ରାଜ୍ୟର କ୍ଷମତାସୀନ ଶାସକ ଦଳର କିଛି ନେତା ଓ କର୍ମୀଙ୍କ ଦ୍ୱାରା ଦଳିତମାନଙ୍କ ଉପରେ ମାତ୍ରାଧିକ ଆକ୍ରମଣ ଓ ସମ୍ବିଧାନ ପ୍ରଣେତା ବି.ଆର ଆମ୍ବେଦକରଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ବୁଧବାର ଭାଜପା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏନେଇ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ସିମେଶ୍ୱର ଲରିଆଙ୍କ ନେତୃତ୍ୱରେ ମୋର୍ଚ୍ଚାର ଶତାଧିକ କର୍ମୀ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମାକରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଦୁର୍ଗାଚରଣ ତନ୍ତୀ, ରାଜା କାକ, ମୀନା ନାଏକ, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଜିଲା ସମ୍ପାଦିକା ସୌଦାମିନୀ ବନଛୋର, ଭାଜପା ନେତା ଭେଷଜ ରଥ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବୈରାଗୀ ତନ୍ତୀ, କାନନବାଳା ବେହେରା, ଜିଲା ପରିଷଦ ସଭ୍ୟ ଶ୍ରଦ୍ଧାକର ସାନୁଏନ, ସ୍ନେହଲତା ବେଜି, ଜିଲା ଯୁବ ମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ, ପ୍ରଦୀପ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

## ପୋଲିସ ପ୍ରଶାସନର ବୈଠକ

କୁତ୍ରା,୧୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଅପରାଧିକ ମାମଲାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସମେତ କୁତ୍ରା ଅଞ୍ଚଳରେ ଘଟିଥିବା ଅପରାଧ ବିଷୟ ବସ୍ତୁକୁ ନେଇ ପୋଲିସ ଅଧିକ କ୍ରିୟାଶୀଳ ହୋଇ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେଇପାରିବ ସେ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କୁତ୍ରା ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କୁତ୍ରା ବ୍ଲକର ଗୋମାରଡିଠାରେ ଅନୁଷ୍ଠିତ ହୋଇଥିବା ବୈଠକରେ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡ଼ିଏସ୍‌ପି, ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ଅଞ୍ଚଳକୁ ଅପରାଧ ମୁକ୍ତ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ପୋଲିସର ଭୂମିକା କିପରି ରହିବା କଥା ସେନେଇ ଆଲୋଚନା ହୋଇଥିଲା। ତେବେ ପୁରୁଣା ଅପରାଧିକ ମାମଲା ସାମ୍ଭାବ୍ୟ ଅପରାଧିକ ମାମଲା ସାଙ୍ଗକୁ ନୂଆ ମୋଟରଯାନ ଆଇନ, କରୋନା ଜନିତ କଟକଣା ଆଇନ କିପରି କାର୍ଯ୍ୟକାରୀ କରାଯିବ ସେନେଇ ଆଲୋଚନା ହୋଇଛି।

## ଟ୍ରକ୍ ଚାପାରେ ଟ୍ରଲି ଚାଳକଙ୍କ ମୃତ୍ୟୁ: ଉତ୍ତେଜନା

ରାଉରକେଲା ଅଫିସ, ୧୧।୮

ମାଲ ବୋଝେଇ ଟ୍ରକ ଚାପାରେ ଜଣେ ଟ୍ରଲି ଚାଳକଙ୍କ ମୃତ୍ୟୁକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ବୁଧବାର ରାଉରକେଲା ପାୱାର ହାଉସ ରୋଡ଼ ଛକ ନିକଟରେ ଏହି ସଡ଼କ ଦୁର୍ଘଟଣା ଘଟିଛି। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଥିବାବେଳେ ପ୍ଲାଣ୍ଟସାଇଟ ପୋଲିସ ଓ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ। ମୃତ ଟ୍ରଲି ଚାଳକ ସ୍ଥାନୀୟ ମାଲଗୋଦାମ ବସ୍ତିର ଜୁମନ ଖାନ (୬୩) ଓ ସେ ପାୱାର ହାଉସ ରୋଡ଼ ସ୍ଥିତ ବିଭିନ୍ନ ଘରୋଇ ଟ୍ରାନ୍ସପୋର୍ଟ କମ୍ପାନୀ ଗୋଦାମରୁ ମାଲ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

# କଂଗ୍ରେସର ବିକ୍ଷୋଭ, ଘେରାଉ

ରାଉରକେଲା ଅଫିସ, ୧୧।୮

ରାଉରକେଲା ସ୍ମାର୍ଟସିଟି ମିଶନ ତରଫରୁ ସହରରେ ଚାଲିଥିବା ବିଭିନ୍ନ ରାସ୍ତାକାମ ସାଙ୍ଗକୁ ନିର୍ମାଣାଧିନ ପ୍ରକଳ୍ପର କଚ୍ଛପ ଗତି ଓ ଏସବୁ ନିର୍ମାଣରେ ବ୍ୟାପକ ଅନିୟମିତତା ଚାଲିଛି । ଦୀର୍ଘ ମାସ ଧରି ସହରର ମୁଖ୍ୟ ରାସ୍ତାକୁ ଅଧପନ୍ତରିଆ କରି ଛାଡି ଦିଆଯାଇଥିବାରୁ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ରାସ୍ତା କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାରୁ ଲୋକଙ୍କ ଯାତାୟାତରେ ଘୋର ବାଧା ସୃଷ୍ଟି କରୁଛି। ବିର୍ସାମୁଣ୍ଡା ଷ୍ଟାଡିୟମ, ପାନପୋଷ ସ୍ମାର୍ଟ ମାର୍କେଟ, ବାଇପାସ୍ ରୋଡ୍ ଅଡିଟୋରିୟମ ଓ ମ୍ୟୁଜିୟମ, ଡିଏଭି ପୁଷ୍କରିଣୀ ଇତ୍ୟାଦିର ନିର୍ମାଣ କାର୍ଯ୍ୟ ଧିରେସୁସ୍ଥେ ଚାଲିଥିବା ବେଳେ ଏସବୁ ନିର୍ମାଣ କାର୍ଯ୍ୟରେ ଉପଯୁକ୍ତ ମାନ ରକ୍ଷା କରାଯାଉ ନାହିଁ । ସ୍ମାର୍ଟସିଟି ମିଶନର ବିଭିନ୍ନ କାର୍ଯ୍ୟକୁ ନେଇ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଥିବା ଜିଲା କଂଗ୍ରେସ ବୁଧବାର ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏହାର କାର୍ଯ୍ୟାଳୟକୁ ଦୀର୍ଘ ୨ ଘଣ୍ଟା ଧରି ଘେରାଉ କରିବା ସହିତ




ସ୍ମାର୍ଟସିଟି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀ ବିକ୍ଷୋଭ କରୁଛନ୍ତି।

**ରାଉରକେଲା ସ୍ମାର୍ଟସିଟି ମିଶନର ଅବହେଳାକୁ ବିରୋଧ**

ସ୍ମାର୍ଟସିଟି ମିଶନର ଅବହେଳା ଓ ନିମ୍ନମାନର କାର୍ଯ୍ୟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ଉଦିତନଗର ସ୍ଥିତ ସ୍ମାର୍ଟସିଟି କାର୍ଯ୍ୟାଳୟ ସମ୍ମୁଖରେ ସକାଳ ସାଢେ ୧୦ଟା ବେଳେ ସମବେତ ହୋଇ ପ୍ରାୟ ଘେରାଉ କରିଥିଲେ। କାର୍ଯ୍ୟକ୍ରମରେ ତିର୍କୀଙ୍କ ସମେତ ପୂର୍ବତନ ଜିଲା ସଭାପତି ବିରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, କୀର୍ତ୍ତନ ଦାସ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର ଓ ରାମାନନ୍ଦ ଶ୍ରୀଚନ୍ଦନ, କୋଷାଧକ୍ଷ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ସବୀର ହୁସେନ, ବରିୟମ ସିଂହ, ଇନ୍ଦ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ସାମିଲ୍ ହୋଇଥିଲେ ବୋଲି ଜିଲା ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ଟେନ୍‌ସା,୧୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର କ୍ରିୟାକୁଦର ଗ୍ରାମ ଦୀର୍ଘମାସହେଲା ଅନ୍ଧାର ଭିତରେ ରହିଛି। ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଯୋଗୁ ଦୀର୍ଘଦିନ ଧରି କ୍ରିୟାକୁଦର ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ରହିଛି ତିନୋଟି ଟ୍ରାନ୍ସଫର୍ମର। କିନ୍ତୁ ସମସ୍ତ ତିନୋଟି ଟ୍ରାନ୍ସଫର୍ମର ଅକାମୀ ହୋଇ ପଡିରହିଛି। ବର୍ଷକ ପୂର୍ବରୁ ଗୋଟିଏ ଟ୍ରାନ୍ସଫର୍ମର ଅଚଳ ହେବା ପରେ ଅନ୍ୟ ଦୁଇଟିରେ ବିଦ୍ୟୁତ୍ ସେବା ପାଇ ଆସୁଥିଲେ ଗ୍ରାମବାସୀ। ତେବେ ଅନ୍ୟ ଦୁଇଟି ଟ୍ରାନ୍ସଫର୍ମର ମଧ ବାତ୍ୟା 'ୟାସ' ସମୟରେ ବିଜୁଳି ଆଲୁଅରେ ପୋଡ଼ିଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଭାଗୀୟ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ତଦାରଖ କରିଥିଲେ। ବିଜୁଳି ଆଲୁଅରେ ଟ୍ରାନ୍ସଫର୍ମର ଜଳିଯାଇଛି କହି ସେଠାରୁ




ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରୁଛନ୍ତି।

ଅଧିକାରୀମାନେ ଚାଲି ଆସିଥିଲେ। ଏହା ପରଠାରୁ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗ ନିକଟରେ ଅଭିଯୋଗ କରିଆସୁଥିଲେ। ଏହା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଅଧିକାରୀ ଅଜଣା ହୋଇ ରହି ଆସୁଥିଲେ। ଶେଷରେ ବୁଧବାର ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ କୋଇଡାଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମାନ ସମସ୍ୟା ସୀମାନ୍ତବର୍ତ୍ତି ଅଞ୍ଚଳରେ ଥିବା ଚାରୋଟି ଗାଁ ତଥା କ୍ରିୟାକୁଦର,ବସର୍ଡା, ଚମ୍ପାକୁଦର, ଭୋଇଡାଡା ଗ୍ରାମରେ ଦେଖିବାକୁ ମିଳିଛି। ଯାହାକି ଉତ୍ତ୍ୟକ୍ତ ହୋଇ ଚାରୋଟି ଗ୍ରାମର ପୁରୁଷ ଓ ମହିଳାମାନେ ଆସି କାର୍ଯ୍ୟାଳୟ ଘେରାଉ କରିଥିଲେ।

## ଭିସୁଟ୍‌ରୁ କମ୍ପ୍ୟୁଟର ହାର୍ଡଡିସ୍କ ଚୋରି

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁରର ବୁର୍ଲାସ୍ଥିତ ଭିସୁଟ୍ ଇ ଲର୍ଣ୍ଣିଂ ବିଭାଗରୁ ପ୍ରାୟ ୫୦ ଗୋଟି କମ୍ପ୍ୟୁଟରର ହାର୍ଡଡିସ୍କ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁର୍ଲା ଥାନାରେ ୪୯୫/୨୧ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ କୋଭିଡ୍ କଟକଣା ଯୋଗୁ ଭିସୁଟ୍ ବନ୍ଦ ରହିଥିଲା। ଗତ ଶନିବାରଠାରୁ ଏହା ଖୋଲାଯାଇଥିବାବେଳେ ମଙ୍ଗଳବାର ଇ ଲର୍ଣ୍ଣିଂ ବିଭାଗ ଖୋଲାଯାଇଥିଲା। ବିଭାଗରେ ଥିବା ୧୮୬ କମ୍ପ୍ୟୁଟର ଯାଞ୍ଚ ପରେ ସେଥିରୁ ୫୦ଟିର ହାର୍ଡଡିସ୍କ ଚୋରି ହୋଇଥିବା ଜଣାପଡିଥିଲା। ଏହାକୁ ନେଇ ଭିସୁଟ୍ କୁଳସଚିବ ଉପମା କାଲୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପେଟପାଟଣା ଚିନ୍ତାରେ ମୂର୍ତ୍ତି କାରିଗର

ସମ୍ବଲପୁର,୧୧।୮(ବ୍ୟୁରୋ)

ମହାମାରୀ କୋଭିଡ୍ ପ୍ରାୟ ୨ବର୍ଷ ହେଲା ସମସ୍ତ ପ୍ରକାର ବ୍ୟବସାୟ, ଉନ୍ନୟନ କାମ ଉପରେ ପ୍ରଭାବ ପକାଇଛି। ମୂର୍ତ୍ତି କାରିଗର ବି ଏଥିରୁ ବାଦ୍ ପଡିନାହାନ୍ତି। ପାର୍ବଣର ଉତ୍ସାହ ସତେଯେପରି କରୋନା ସେମାନଙ୍କଠାରୁ ଛଡାଇନେଇଛି। ସମ୍ବଲପୁର ଜିଲାର କାରିଗର ପରିବାର ପ୍ରତିପୋଷଣ କିପରି କରିବେ ସେହି ଚିନ୍ତାରେ ଘାରିହେଉଛନ୍ତି।

କଟକଣା ଯୋଗୁ ମୂର୍ତ୍ତି ଚାହିଦା ଓ ବିକ୍ରି କମିଯାଇଛି। ମାତ୍ର ହାତଗଣତି ୨ରୁ ୪ ପୂଜା କମିଟି ମୂର୍ତ୍ତି ତିଆରି କରିବାକୁ ଅଗ୍ରିମ ଦେଇଥିବା ସମ୍ବଲପୁର ମହାନଗର ନିଗମ ଚାଆଁରପୁର ଗ୍ରାମର କାରିଗର ଶ୍ୟାମ ସୁନ୍ଦର ରଣା କହିଛନ୍ତି। ସେ ଆହୁରି କହିଛନ୍ତି, କୋଭିଡ୍ କଟକଣା ଜାରିହେବା ଦିନଠାରୁ ବ୍ୟବସାୟ ମାନ୍ଦା ହୋଇପଡିଛି। ଏବେ ସରକାର ୪ ଫୁଟ ଉଚ୍ଚତା ମୂର୍ତ୍ତି କରି ପୂଜା କରିବାକୁ କହିଛନ୍ତି। ଏହା ସହ ସାମାଜିକ ଦୂରତା, ଭକ୍ତଙ୍କ ଭିଡ଼ ଉପରେ ରୋକ ଲଗାଇଛନ୍ତି। ଏଥିପାଇଁ ଅନେକ ପୂଜା କମିଟି ପୂଜା କରୁନାହାନ୍ତି। ହାତଗଣିତ କେତେକ କମିଟି ନିରାଡମ୍ବର ଭାବେ ପୂଜା ଆୟୋଜନ କରୁଛନ୍ତି। ପୂର୍ବରୁ ଯେଉଁ ପରିମାଣ ମୂର୍ତ୍ତି ବିକ୍ରି କରାଯାଉଥିଲା ତା'ଠାରୁ କମିଯାଇଛି। ଚାହିଦା କମିଯାଇଥିବାରୁ ମୂର୍ତ୍ତି ଦାମ୍ କମ୍ କରି ବିକ୍ରି କରିବାକୁ ପଡୁଛି। ପୂର୍ବରୁ ୪ ଫୁଟ ଉଚ୍ଚର ମୂର୍ତ୍ତି ୬ରୁ ସାଢେ ୬ ହଜାର ଟଙ୍କାରେ ବିକ୍ରି ହେଉଥିଲା। ଏବେ ୨୫ ଶହ କିମ୍ବା ୩ ହଜାର ଟଙ୍କାରେ ବାଧ ହୋଇ ବିକ୍ରି କରାଯାଉଛି। ସେହି ତୁଳନାରେ ଖର୍ଚ୍ଚ କିନ୍ତୁ ବୃଦ୍ଧି ପାଇଛି। ଗାଡ଼ି ଭଡାଠାରୁ ଶ୍ରମିକମାନଙ୍କୁ ଦୈନିକ ମଜୁରି ବାବଦରେ ଟଙ୍କା ଦେବାକୁ ପଡୁଛି। ଏପରି କି ମାଟି ମଧ୍ୟ କିଣିବାକୁ ପଡୁଛି। ମାଟି ପ୍ରସ୍ତୁତ କରି ମୂର୍ତ୍ତି ତିଆରି କରିବାରେ ପ୍ରାୟ ଗୋଟିଏ ମୂର୍ତ୍ତିକୁ ୫ଦିନ ଲାଗିଥାଏ। ପରିଶ୍ରମ ତୁଳନାରେ ପ୍ରାପ୍ୟ ମିଳିପାରୁ ନାହିଁ। ଏପଟେ ପରିବାରର ୫ଜଣ ସଦସ୍ୟ ଏହି ବ୍ୟବସାୟ ଉପରେ ନିର୍ଭର କରୁଛୁ। ସମସ୍ତେ ଏହି କାମ କରିଥାଉ। ଏଭଳି ସମୟରେ ପରିବାର ପ୍ରତିପୋଷଣ କରିବା ଚିନ୍ତାର ବିଷୟ ହୋଇଛି। କେବେ ମହାମାରୀ ଦୂର ହୋଇ ସ୍ୱାଭାବିକ ପରିସ୍ଥିତ ଆସିବ ତାହାକୁ ଅପେକ୍ଷା କରିଛି ବୋଲି କହିଥିଲେ। କେବଳ ଶ୍ୟାମସୁନ୍ଦର ନୁହନ୍ତି, ଜିଲାରେ ଥିବା ପ୍ରାୟ ୨ ଶହରୁ ଅଧିକ ମୂର୍ତ୍ତି କାରିଗରଙ୍କ ସମାନ ଅବସ୍ଥା।


ମୂର୍ତ୍ତି ତିଆରିରେ ମଗ୍ନ ଚାଆଁରପୁରର ଶ୍ୟାମସୁନ୍ଦର ରଣା।

### ପାର୍ବଣର ଉତ୍ସାହ ଛଡ଼ାଇନେଲା କରୋନା

## ପ୍ରଧାନମନ୍ତ୍ରୀଙ୍କୁ ଦାବି ଜଣାଇଲା ଜିଲା ଓକିଲ ସଂଘ

### ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ନିର୍ମାଣ ପ୍ରସଙ୍ଗ

ସମ୍ବଲପୁର,୧୧।୭(ବ୍ୟୁରୋ)

ସୁନ୍ଦରଗଡ ଜିଲାରେ ରାଜ୍ୟର ଦ୍ୱିତୀୟ ଏମ୍ସ ନିର୍ମାଣ ପାଇଁ ସମ୍ବଲପୁର ଜିଲା ଓକିଲ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି କରି ଅନୁରୋଧ କରିଛି। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ମଧ୍ୟ ଅନୁରୋଧ କରାଯାଇଛି। ପଶ୍ଚିମ ଓଡିଶାର ସୁନ୍ଦରଗଡ ଜିଲାରେ ସମସ୍ତ ସୁବିଧା ରହିଛି। ଝାରସୁଗୁଡା ବିମାନବନ୍ଦର, ବିଜୁ ଏକ୍ସପ୍ରେସ ଭଳି ଗମନାଗମନ ସୁବିଧା ରହିଛି। ଏହା ହେଲେ ପଶ୍ଚିମ ଓଡିଶା ସହିତ ପଡୋଶୀ ରାଜ୍ୟ ଛତିଶଗଡ, ଝାଡଖଣ୍ଡ ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦର୍ଶାଇଛନ୍ତି। ଅନୁରୋଧପତ୍ରରେ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ସାଧାରଣ ସମ୍ପାଦକଙ୍କ ସ୍ୱାକ୍ଷର ରହିଛି।

## ସଂକ୍ଷେପରେ

### ପ୍ରତାରଣା କରି ଜେଲ ଗଲେ ଯୁବକ

**କୁଚିଣ୍ଡା,୧୧।୮(ଡି.ଏନ.ଏ.):** ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ କୁଚିଣ୍ଡା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମହୁଲପାଲି ଥାନା ଭୁଲୁପଡା (ବାଉରୀଗୋଡା) ଗ୍ରାମର ବୃନ୍ଦାବନ ନାଏକ (୨୨)। ସୂଚନା ଅନୁଯାୟୀ କୁଚିଣ୍ଡା ଥାନା ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବୃନ୍ଦାବନ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ ପାଇଁ ମନା କରିବାରୁ ଯୁବତୀଙ୍କ ପରିବାର ପକ୍ଷରୁ ଗତ ୧୦ ତାରିଖରେ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତଦନ୍ତ ପରେ ପୋଲିସ ବୃନ୍ଦାବନଙ୍କୁ ଗିରଫ କରି ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ଏ ନେଇ ଥାନା କେସ୍ ନଂ.୧୪୭/୨୧ରେ ମାମଲା ରୁଜୁ କରି ପୋଲିସ ବୁଧବାର ବୃନ୍ଦାବନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଘର ଭିତରୁ ଅଳଙ୍କାର ଚୋରି ଅଭିଯୋଗ

**ସମ୍ବଲପୁର,୧୧।୮(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ଗୋବିନ୍ଦତୋଲାରୁ ଚିନ୍ତାମଣି ପ୍ରଧାନଙ୍କ ଘରୁ ୨ଭରି ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ଚିନ୍ତାମଣି ପରିବାର ସହ ଦେବଗଡ ଜିଲା ନିଜ ଘରକୁ ଯାଇଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଫେରିଥିଲେ। ଘର ପଛପଟ କବାଟ ଭାଙ୍ଗି ଚୋରମାନେ ପ୍ରବେଶ କରି ଆଲମିରା ଭାଙ୍ଗି ପ୍ରାୟ ଦେଢ଼ଲକ୍ଷ ଟଙ୍କାର ଅଳଙ୍କାର ନେଇଯାଇଥିବା ଚିନ୍ତାମଣି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଚୋରି ବୋଲେରୋ ଜବତ

**ବ୍ରଜରାଜନଗର,୧୧।୮(ଡି.ଏନ.ଏ.):** ବ୍ରଜରାଜନଗର ଥାନା ବାଲିପୁଟ ଗ୍ରାମର ସଞ୍ଜୟ ନାୟକଙ୍କ ଓଆର୍୧୫ଏସ୍-୫୭୮୭ନଂ. ବୋଲେରୋଟି ତାଙ୍କ ଘର ସମ୍ମୁଖରୁ ଗତମାସ ୧୬ ତାରିଖରେ ଚୋରି ହୋଇଯାଇଥିଲା। ସଞ୍ଜୟଙ୍କ ଅଭିଯୋଗ ଆଧାରରେପୋଲିସ ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବୈକୁଣ୍ଠ ବିହାରୀ ସେଠ୍ ବୁଧବାର ବୋଲେରୋକୁ ରେଙ୍ଗାଲି ଥାନା ଅଞ୍ଚଳରୁ ଠାବ କରିଥିଲେ। ସଞ୍ଜୟ ରେଙ୍ଗାଲି ଥାନାକୁ ଯାଇ ବୋଲେରୋ ତାଙ୍କର ବୋଲି ଚିହ୍ନଟ କରିଛନ୍ତି। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଧରାପଡି ନାହାନ୍ତି।

### ରେଢ଼ାଖୋଲରେ ନୂତନ ଏସ୍‌ଡିପିଓ

**ରେଢାଖୋଲ,୧୧।୮(ଡି.ଏନ.ଏ.):** ରେଢାଖୋଲରେ ପ୍ରଶାନ୍ତ କୁମାର ମେହେର ନୂତନ ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଚାକିରିରୁ ଅବସର ନେବା ପରେ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଦାୟିତ୍ୱରେ ଥିଲେ। ଏହା ପୂର୍ବରୁ ସେ ସୁନ୍ଦରଗଡ ଜିଲାରେ କାର୍ଯ୍ୟରତ ଥିବାବେଳେ ପଦୋନ୍ନତି ପାଇ ରେଢାଖୋଲରେ ଏସ୍‌ଡିପିଓ ଭାବେ ଯୋଗ ଦେଇଛନ୍ତି।

### ଡ୍ରାଇଭର ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ନାକଟିଦେଉଳ,୧୧।୮(ଡ଼ି.ଏନ.ଏ.):** ଓଡ଼ିଶା ଡ୍ରାଇଭର ମହାସଂଘ ନାକଟିଦେଉଳ ବ୍ଲକ ଶାଖାର ନୂତନ କାର୍ଯ୍ୟାଳୟ ବୁଧବାର ବ୍ଲକ ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଡ୍ରାଇଭର ଭୁବନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶାଖା ସଭାପତି ରଞ୍ଜିତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସଦସ୍ୟ ଗୋଲେଖ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସଂଘ ସମ୍ପାଦକ ଗୌର ସ୍ୱାଇଁ, କୋଷାଧକ୍ଷ ପ୍ରାଣବନ୍ଧୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଉନ୍ନୟନ କାର୍ଯ୍ୟ ଆରମ୍ଭ

**ସମ୍ବଲପୁର,୧୧।୮(ବ୍ୟୁରୋ):** ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି। କତରବଗା ମୁଖ୍ୟ ରାସ୍ତାରୁ ଜଙ୍ଗଲା ପଞ୍ଚାୟତ ଲୁଥାପାଲି ଆର୍ ଆଣ୍ଡ ଆର୍ କଲୋନୀ ରାସ୍ତା କଂକ୍ରିଟକରଣ ସକାଶେ ଶିଳାନ୍ୟାସ କରାଯାଇଛି। ସେହିପରି କତରବଗା ଗ୍ରାମରେ ସିଲେଇ କେନ୍ଦ୍ର ଓ ଶିବ ମନ୍ଦିରର ଉଦ୍‌ଘାଟନ ହୋଇଛି। ମାନବସମ୍ବଳ ମୁଖ୍ୟ ଡ. ବିକାଶ ନନ୍ଦ ମିଶ୍ର, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

## ଜିଲାପାଳଙ୍କୁ ପାଲାଗାୟକଙ୍କ ଦାବିପତ୍ର

ସମ୍ବଲପୁର,୧୧।୮(ବ୍ୟୁରୋ)

କରୋନା କଟକଣାରେ ପାଲା ଗାୟକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ସେମାନେ ପାଲଶକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି। କିନ୍ତୁ ସେମାନଙ୍କୁ ରାଜ୍ୟ ସରକାର କୌଣସି ପ୍ରକାର ସହଯୋଗ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହାମଧ୍ୟରେ କୋଭିଡ୍-୧୯ କଟକଣା ଯୋଗୁ ଜୀବିକା ହରାଇଥିବା କଳାକାରଙ୍କୁ ୨୦ ହଜାର ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ରାଶି, କଳାକାର ଭତ୍ତା ରାଶି ୩ ହଜାର ଟଙ୍କାକୁ ବୃଦ୍ଧି, ସଂକ୍ରମଣ ରୋକିବା ଦିଗରେ ସଚେତନତା ଲାଗି ପାଲା ପ୍ରଦର୍ଶନ, ପାଲା କଳାକାରଙ୍କୁ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଭୃତି ଦାବି କରିଛନ୍ତି। ପ୍ରତିନିଧି ଦଳ ସଂସ୍କୃତି ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ। ପ୍ରତିନିଧି ଦଳରେ ଜିଲା ସଭାପତି ମହେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ପି. ନାୟକ, ସାଲେଗ୍ରାମ ନାୟକ, ନବୀନ ଚନ୍ଦ୍ର ନାୟକ, କରୁଣାକର ପ୍ରଧାନ, ଫକିରମୋହନ ପ୍ରଧାନ, କୁମୁଦିନୀ ପଟେଲ, ପ୍ରଫୁଲ୍ଲ ସାହୁ, ବାସନ୍ତି ନାୟକ, ଦମୟନ୍ତି ମହାପାତ୍ର, ରୀନା ଦାଶ ପ୍ରମୁଖ ସାମିଲ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପାଲା ଗାୟକ।

## ଭାଜପା ଜିଲା ଏସ୍‌ଟି ମୋର୍ଚ୍ଚା କର୍ମକର୍ତ୍ତା ଘୋଷଣା

ଝାରସୁଗୁଡ଼ା ଅଫିସ,୧୧।୮

ଝାରସୁଗୁଡ଼ା ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା କର୍ମକର୍ତ୍ତାଙ୍କ ନାମ ବୁଧବାର ଜିଲା ସଭାପତି ମଙ୍ଗଳ ସାହୁ ଘୋଷଣା କରିଛନ୍ତି। ସଭାପତି ଉତ୍ତମ ନେଗୀ, ଉପସଭାପତି ବିଭୂତି ଭୂଷଣ ଧୁରୁଆ, ରୋହିତ କୌର, ରୋହିତ କିଷାନ, ରସିକ ଆଡେ, ସାଧାରଣ ସମ୍ପାଦକ ବାସୁଦେବ ପ୍ରଧାନ, ମୋହନ ଖଡିଆ, ସମ୍ପାଦକ ନକୁଳ ଖଡିଆ, ଦୁଷ୍ମନ୍ତ ବେରିହା, ମୁକ୍ତେଶ୍ୱର କିଷାନ, କୁବେର କିଷାନ, ଯୋଗେନ୍ଦ୍ର କିଷାନ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ମାଝିଙ୍କ ସମେତ ୨୬ଜଣ ଏକଜିକ୍ୟୁଟିଭ୍ ମେମ୍ବର ରହିଛନ୍ତି। ଏହା ସହିତ ଜିଲା ଏସ୍‌ଟି ମୋର୍ଚ୍ଚାର ୧୨ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ପଞ୍ଚଗା ମଣ୍ଡଳ ସଭାପତି ଗୌତମ ସାମ୍ରଥ, ଲଖନପୁର ମଣ୍ଡଳ ସଭାପତି ନିର୍ମଳ ମାଝି, ବନ୍ଧବାହାଲ ମଣ୍ଡଳ ସଭାପତି ଦୁର୍ଯ୍ୟୋଧନ ଗନିକ, ବେଲପାହାଡ ମଣ୍ଡଳ ସଭାପତି ରାମଲାଲ୍ ଖଡିଆ, ବ୍ରଜରାଜନଗର ମଣ୍ଡଳ ସଭାପତି କୁମର କିଷାନ, ରାଜପୁର ମଣ୍ଡଳ ସଭାପତି ଯୋଗେନ୍ଦ୍ର କିଷାନ, ଝାରସୁଗୁଡା ଟାଉନ ମଣ୍ଡଳ ସଭାପତି ନରୋତ୍ତମ କିଷାନ, ଲଇକେରା ମଣ୍ଡଳ ସଭାପତି ଦୁର୍ଗା ଭୋଇ, କିର୍ମିରା ମଣ୍ଡଳ ସଭାପତି ରାଜେନ୍ଦ୍ର ଛତ୍ରିଆ, କୋଲାବିରା ମଣ୍ଡଳ ସଭାପତି ଧନମନ୍ତ ଅମାତ, ପାକେଲପଡା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ବାଗ୍ ରହିଛନ୍ତି।

## ଚୋରି ଅଭିଯୋଗରେ ୨ ଗିରଫ

ଝାରସୁଗୁଡ଼ା ଅଫିସ,୧୧।୮

ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରୁ ଚୋରି କରିବା ଅଭିଯୋଗରେ ବଡମାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରିତୁ କୁମ୍ଭାର ଓ ଆକାଶ ରାଓ। ଏମାନଙ୍କୁ ପୋଲିସ୍ ବୁଧବାର କୋର୍ଟ ଚାଲାଣ କରିଛି। ଏ ନେଇ ପ୍ରକଳ୍ପ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ସିଂହଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବଡମାଲ ଥାନା କେସ୍ ନଂ.୧୫୨/୨୧ରେ ମାମଲା ରୁଜୁ କରିଛି। ଚୋରି ହୋଇଥିବା ୧୦ କୁଇଣ୍ଟାଲ ଲୁହା ଆଙ୍ଗଲ ପୋଲିସ ଉଦ୍ଧାର କରିଛି।


ଗିରଫ ୨ ଅଭିଯୁକ୍ତ।

## ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଲେ ପୌରାଞ୍ଚଳବାସୀ


କ୍ରୀଡାବିତ୍‌ଙ୍କୁ ସମ୍ମାନିତ କରୁଛନ୍ତି ବିଧାୟକ।

ବ୍ରଜରାଜନଗର,୧୧।୮(ଡି.ଏନ.ଏ.)

ବ୍ରଜରାଜନଗର ପୌରାଞ୍ଚଳରେ ୯ କୋଟି ବ୍ୟୟ ଅଟକଳରେ ଏକ ଇନ୍‌ଡୋର ଷ୍ଟାଡିୟମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ସଭାରେ ପୌରାଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଖେଳୁଆଡ ମନୋଭାବର ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ କ୍ରୀଡାବିତ୍ ସୁଜିତ ମହାନ୍ତିଙ୍କୁ ବିଧାୟକ ସମ୍ମାନିତ କରିଥିଲେ। ଭଳି, ଫୁଟବଲ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ଝାରସୁଗୁଡା ଜିଲା ବିଜେଡି ସମ୍ପାଦକ ବିଶ୍ୱନାଥ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ଉପନଗରପାଳ ଜୟନ୍ତ ଦିକ୍ଷିତ ମଞ୍ଚାସୀନ ଥିଲେ। ନଗର ସଭାପତି ରାଧାକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଇଁଠାପାଲି ବସ୍‌ଷ୍ଟାଣ୍ଡରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୮ (ବ୍ୟୁରୋ)

ପ୍ରୋଗ୍ରେସିଭ ସମ୍ବଲପୁର ଓ ବୀର ସୁରେନ୍ଦ୍ର ସାଏ ଅଟୋ ଚାଳକ ସଂଘ ମିଳିତ ଆନୁକୂଲ୍ୟରେ କରୋନା ସଂକ୍ରମଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅଇଁଠାପାଲି ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଅଇଁଠାପାଲି ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ ଅଟୋ ଚାଳକ ସମ୍ବଲପୁର ବାହାରକୁ ଯିବା ଆସିବା କରୁଛନ୍ତି। ସେମାନେ ବିଭିନ୍ନ ଲୋକଙ୍କ ସହ ସିଧାସଳଖ ସଂସ୍ପର୍ଶରେ ଆସୁଛନ୍ତି। ଏହି ସମୟରେ ସେମାନେ କିପରି ମାସ୍କ ପରିଧାନ କରିବେ ଓ ହାତ ସାନିଟାଇଜ କରିବେ ସେ ନେଇ ବୁଝାଯାଇଥିଲା। ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତି, ସହ ଆବାହକ ମିଳନ ହୋତା, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ବିଜେଡି ଜିଲା ଉପସଭାପତି ଉମାଚାନ୍ଦ ରାଉତ, ଅଟୋ ଚାଳକ ସଂଘ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ଉପସଭାପତି ବୀରେନ୍ଦ୍ର ସାହୁ ବକ୍ତା ଭାବେ ଯୋଗଦେଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## ଟ୍ୟାଙ୍କରକୁ ପିଟିଲା କାର୍, ପରିବାରର ୩ ଗୁରୁତର

ସମ୍ବଲପୁର,୧୧।୮(ବ୍ୟୁରୋ)

ସମ୍ବଲପୁର ସଦର ଥାନା ୫୫ନଂ. ଜାତୀୟ ରାଜପଥ ହାଲିପାଲି ଗ୍ରାମ ନିକଟରେ ଟ୍ୟାଙ୍କରକୁ କାର୍ ଧକ୍କା ଦେଇଥିଲା। ଫଳରେ ଗୋଟିଏ ପରିବାରର ୫ବର୍ଷ ପୁଅ ସହ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ମିଳିପାରି ନାହିଁ। ସନ୍ଧ୍ୟା ୬ଟା ସମୟରେ ହାଲିପାଲି ଗ୍ରାମ ନିକଟରେ ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ଓଡି୨୯ଏଫ-୯୩୬୦) ଛିଡା ହୋଇଥିଲା। ଏହି ସମୟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍ (ଓଡି୦୨ଏଡବ୍ଲ୍ୟୁ-୮୪୧୬) ଟ୍ୟାଙ୍କର ପଛପଟେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ କାର୍ ଭିତରେ ଚାପି ହୋଇଥିବା ଗୁରୁତରମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ମେଡିକାଲ ପଠାଇଥିଲେ।


ଟ୍ୟାଙ୍କରରେ ପିଟି ହୋଇଥିବା କାର୍।

### ରାସ୍ତା ନିର୍ମାଣରେ ଅନିୟମିତତା

## ତଦନ୍ତ କଲେ ଅଧିକାରୀ

ନାକଟିଦେଉଳ,୧୧।୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର କ୍ଷେତ୍ରପୁର ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ବୁଧବାର ବ୍ଲକ ପ୍ରଶାସନିକ ଅଧିକାରୀ ତଦନ୍ତ କରିଛନ୍ତି। ସୂଚନା ଅନୁସାରେ କ୍ଷେତ୍ରପୁର ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ୧ଲକ୍ଷ ୯୦ହଜାର ଟଙ୍କା ଅନୁଦାନରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ତେବେ ଏହି ରାସ୍ତା ଯେଉଁଠି ହେବା କଥା ସେଠାରେ ହୋଇନାହିଁ। ଜଣେ କନିଷ୍ଠ ଯନ୍ତ୍ରୀ ନିଜ ସ୍ୱାର୍ଥ ସକାଶେ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରି ଏହାକୁ ଅନ୍ୟତ୍ର ନିର୍ମାଣ କରାଇଥିଲେ। ଏହାକୁ ବିରୋଧ କରିବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମଙ୍ଗଳବାର ଘୋଷରାମାଳ ସରପଞ୍ଚ ଅମ୍ରିତ ପାନ୍ନାଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ବୁଧବାର ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ବ୍ଲକର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ପଞ୍ଚାୟତ ପିଇଓ ଅମୂଲ୍ୟ ଭୋଇ ପ୍ରମୁଖ କ୍ଷେତ୍ରପୁର ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ସହ କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଏଥିରେ ଲିପ୍ତ ଥିବାରୁ ଖର୍ଚ୍ଚ ହୋଇଥିବା ସମସ୍ତ ଅନୁଦାନ ଟଙ୍କା ତାଙ୍କଠାରୁ ରିକଭରି କରାଯିବା ସହ ତାଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ବାଧ ହେବେ ବୋଲି ସରପଞ୍ଚ ପାନ୍ନା ଚେତାବନୀ ଦେଇଛନ୍ତି।


ରାସ୍ତାକାମ ତଦନ୍ତ କରୁଛନ୍ତି ଅଧିକାରୀମାନେ।

**ଚନ୍ଦ୍ରପୃଷ୍ଠରେ ଜଳ ଅଣୁ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ଚନ୍ଦ୍ରୟାନ-୨ ମିଶନ ଅର୍‌ବିଟର ଚନ୍ଦ୍ରପୃଷ୍ଠରେ ଜଳ ଓ ହାଇଡ୍ରୋକ୍ସିଲ ଅଣୁକୁ ଖୋଜିବାରେ ସଫଳ ହୋଇଛି। ଚନ୍ଦ୍ର ଚାରିପଟେ ପରିକ୍ରମା କରୁଥିବା ଏହି ଅର୍‌ବିଟରର ଇମେଜିଂ ଇନ୍‌ଫ୍ରାରେଡ୍ ସ୍ପେକ୍ଟ୍ରୋମିଟର(ଆଇଆଇଆର୍‌ଏସ୍)ରୁ ଏ ବାବଦରେ ତଥ୍ୟ ମିଳିଛି। ଇସ୍ରୋ ୨୦୧୯ରେ ଚନ୍ଦ୍ରୟାନ-୨ ମିଶନ ଲଞ୍ଚ୍ କରିଥିଲା। ଚନ୍ଦ୍ରପୃଷ୍ଠରେ ଏହାର ରୋଭର ସୁରକ୍ଷିତ ଅବତରଣ କରିପାରି ନ ଥିବାବେଳେ ଅର୍‌ବିଟର ଚନ୍ଦ୍ର କକ୍ଷପଥରେ ପରିକ୍ରମା ଜାରି ରଖିଛି।



## ସଂକ୍ଷେପରେ

**ପୂର୍ବତନ ମୁଖ୍ୟ ସଚିବଙ୍କୁ ଆକ୍ରମଣ ମାମଲା**

### କେଜ୍‌ରିୱାଲ ଦୋଷମୁକ୍ତ

ନୂଆଦିଲ୍ଲୀ, ୧୧।୮: ଦିଲ୍ଲୀର ପୂର୍ବତନ ମୁଖ୍ୟ ସଚିବ ଅଂଶୁ ପ୍ରକାଶଙ୍କ ଉପରେ ଆକ୍ରମଣ ମାମଲାରେ ଏକ ସ୍ୱତନ୍ତ୍ର କୋର୍ଟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ସମେତ ଏଏପିର ୯ ନେତାଙ୍କୁ ବୁଧବାର ଦୋଷମୁକ୍ତ କରିଛନ୍ତି। ତେବେ ଏଏପିର ବିଧାୟକ ଅମନତୁଲ୍ଲା ଏବଂ ପ୍ରକାଶ ଜରୱାଲଙ୍କ ନାମରେ ମାମଲା ରୁଜୁ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରାଉସ୍ ଆଭେନ୍ୟୁ କୋର୍ଟରେ ଅତିରିକ୍ତ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ସଚିନ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଏମ୍‌ପି/ବିଧାୟକ କୋର୍ଟ ଏହି ରାୟ ଦେଇଛନ୍ତି। ସତ୍ୟର ବିଜୟ ହୋଇଛି ବୋଲି କେଜ୍‌ରିୱାଲ ଓ ସିସୋଡିଆ କହିଛନ୍ତି। ୧୯ ଫେବୃୟାରୀ ୨୦୧୮ରେ କେଜ୍‌ରିୱାଲଙ୍କ ବାସଭବନରେ ଏକ ବୈଠକକୁ ପ୍ରକାଶଙ୍କୁ ଡକାଯାଇଥିଲା। ସେଠାରେ ତାଙ୍କୁ ଏଏପି ନେତାମାନେ ମାଡ଼ ମାରିଥିବା ନେଇ ପ୍ରକାଶ ଅଭିଯୋଗ କରିବା ପରେ କେଜ୍‌ରିୱାଲଙ୍କ ସମେତ ୧୨ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା।

### 'ବିଦେଶୀ ମୁଦ୍ରା ଚୋରାଚାଲାଣ କରୁଥିଲେ କେରଳ ମୁଖ୍ୟମନ୍ତ୍ରୀ'

ଥିରୁଭାନନ୍ତପୁରମ, ୧୧।୮: କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ବିଧାନସଭାର ପୂର୍ବତନ ବାଚସ୍ପତି ପି. ଶ୍ରୀରାମକ୍ରିଷ୍ଣନ୍ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ବିଦେଶୀ ମୁଦ୍ରା ଚୋରା ଚାଲାଣ କରୁଥିଲେ। ସୁନା ଚୋରା ଚାଲାଣ ମାମଲାରେ ଧରାପଡ଼ିଥିବା ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶ ସୀମା ଶୁଳ୍କ ଅଧିକାରୀଙ୍କ ନିକଟରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ସ୍ୱପ୍ନା ସୁରେଶଙ୍କ ଅଭିଯୋଗ ଅନୁଯାୟୀ ବିଜୟନ ଏବଂ ଶ୍ରୀରାମକ୍ରିଷ୍ଣନ କନ୍‌ସଲ ଜେନେରାଲ ଅଫିସର ଅହମଦ ଅଲ୍ ଡୌଖି ଏବଂ କନ୍‌ସଲ ଜେନେରାଲ ଜମାଲ ଅଲ୍ ଜାବିଙ୍କ ଜରିଆରେ ବିଦେଶୀ ମୁଦ୍ରା ଚୋରା କାରବାର କରୁଥିଲେ। ତେବେ ତାଙ୍କର ଅଭିଯୋଗକୁ ଆଇନ ଅଦାଲତରେ ଦାଖଲ କରାଯାଇନାହିଁ। ୧୬୭ କିଲୋଗ୍ରାମ ସୁନା ବେଆଇନ ରପ୍ତାନି ମାମଲାରେ ସ୍ୱପ୍ନା ମୁଖ୍ୟ ଅଭିଯୁକ୍ତ ଅଛନ୍ତି।

### ସୀମା ବିବାଦ ତୁଟାନ୍ତୁ ପ୍ରଧାନମନ୍ତ୍ରୀ: ଅଜିତ ପାୱାର

ମୁମ୍ବାଇ, ୧୧।୮: ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ସୀମା ବିବାଦର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରନ୍ତୁ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଦାବି କରିଛନ୍ତି। ଏ ନେଇ ସେ ମୋଦିଙ୍କ ନିକଟକୁ ଚିଠି ଲେଖିଛନ୍ତି। ମରାଠୀ ଭାଷା କହୁଥିବା ଲୋକଙ୍କ ଉପରେ କର୍ଣ୍ଣାଟକ ସରକାର 'ଅତ୍ୟାଚାର' କରୁଛନ୍ତି। ଏହାକୁ ରୋକିବା ସହ ମହାରାଷ୍ଟ୍ରର ବିବାଦୀୟ ଅଞ୍ଚଳକୁ ମହାରାଷ୍ଟ୍ରରେ ସାମିଲ କରିବାକୁ ପ୍ରଧାନମନ୍ତ୍ରୀ ପଦକ୍ଷେପ ନିଅନ୍ତୁ। ବେଲ୍‌ଗମ, କରୱାର, ନିପ୍ପାନି ଅଞ୍ଚଳକୁ ମହାରାଷ୍ଟ୍ର ନିଜର ବୋଲି ଦାବି କରୁଛି। ଏହି ଅଞ୍ଚଳ କର୍ଣ୍ଣାଟକର ଅଂଶ ହୋଇଥିବାବେଳେ ଏଠାକାର ଅଧିକାଂଶ ଲୋକ ମରାଠୀ ଭାଷା କହିଥାନ୍ତି। ବେଲ୍‌ଗମ୍‌କୁ ନେଇ ଉଭୟ ଦେଶ ମଧ୍ୟରେ ଉପୁଜିଥିବା ବିବାଦ ମାମଲା ଦୀର୍ଘ ବର୍ଷ ହେଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।

# ତାଲିବାନ୍ ଦଖଲରେ ୯ ପ୍ରାଦେଶିକ ରାଜଧାନୀ

## ମଜାର-ଇ-ସରିଫ୍‌ରେ ରାଷ୍ଟ୍ରପତି ଗନି

କାବୁଲ, ୧୧।୮

ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ତାଲିବାନ ଆତଙ୍କବାଦୀମାନେ ଅଧିକାଂଶ ଗ୍ରାମାଞ୍ଚଳକୁ ଅକ୍ତିଆର କରିବା ପରେ ଏବେ ବିଭିନ୍ନ ପ୍ରାଦେଶିକ ରାଜଧାନୀ କବ୍‌ଜା କରିବା ଆରମ୍ଭ କରିଛନ୍ତି। ସପ୍ତାହେରୁ କମ୍ ସମୟ ମଧ୍ୟରେ ସେମାନେ ୯ ପ୍ରାଦେଶିକ ରାଜଧାନୀ ଦଖଲ କରିସାରିଲେଣି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି ବୁଧବାର ମଜାର-ଇ-ସରିଫ୍‌ରେ ପହଞ୍ଚି ସଙ୍କଟଗ୍ରସ୍ତ ସୈନ୍ୟବାହିନୀକୁ ଏକାଠି କରିବା ପାଇଁ ଉଦ୍ୟମ କରୁଛନ୍ତି। ଦେଶର ଏକ-ଚତୁର୍ଥାଂଶରୁ ଉର୍ଦ୍ଧ୍ୱ ପ୍ରାଦେଶିକ ରାଜଧାନୀ ତାଲିବାନ ଆତଙ୍କବାଦୀଙ୍କ କବଳକୁ ଯାଇସାରିଲାଣି। କୁଣ୍ଡୁଜ୍‌ରେ ଶତାଧିକ ଆଫଗାନ ସୈନ୍ୟ ଗଣଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଆତ୍ମସମର୍ପଣ କରିବା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ ଉପାୟ ନାହିଁ ବୋଲି ଜଣେ ସେନା ଅଧିକାରୀ ନିଜର ପରିଚୟ ନ ଦେଇ ଗଣମାଧ୍ୟମକୁ କହିଛନ୍ତି।

ମଜାରରେ ପହଞ୍ଚି ଗନି ସହରଗୁଡ଼ିକର ସୁରକ୍ଷା ପାଇଁ ସ୍ଥାନୀୟ ଷ୍ଟ୍ରଙ୍ଗ୍‌ମ୍ୟାନ ଆଟ୍ଟା ମହମ୍ମଦ ନୂର୍ ଏବଂ ଦୁର୍ଦ୍ଧର୍ଷ ସେନାପତି ଅବ୍‌ଦୁଲ୍ ରଶିଦ୍ ଡୋଷ୍ଟୁମଙ୍କ ସହ ଆଲୋଚନା ଚଳାଇଛନ୍ତି। ତାଲିବାନ ବିରୋଧୀ ମିଲିସିଆଙ୍କ ଆଡ୍ଡା କୁହାଯାଉଥିବା ମଜାର ଯଦି ଆତଙ୍କବାଦୀଙ୍କ ଦଖଲକୁ ଚାଲିଯାଏ, ତେବେ ଆଫଗାନ୍ ସରକାରଙ୍କ ପାଇଁ ମରଣାନ୍ତକ ଝଟ୍‌କା ହେବ ଏବଂ ଉତ୍ତର ଆଫଗାନିସ୍ତାନ ଉପରୁ ସରକାରଙ୍କ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ।

ଆମେରିକା ଓ ନାଟୋ ସେନା ପ୍ରତ୍ୟାହାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନ ଆତଙ୍କବାଦୀ ଦେଶର ପ୍ରାୟ ଦୁଇତୃତୀୟାଂଶକୁ ନିଜ ନିୟନ୍ତ୍ରଣକୁ ନେଇସାରିଲେଣି। ସେମାନେ ଆଉ ୩ଟି ପ୍ରାଦେଶିକ ରାଜଧାନୀ ସମେତ ଉତ୍ତରପୂର୍ବାଞ୍ଚଳରେ ଥିବା ସ୍ଥାନୀୟ ସେନା ମୁଖ୍ୟାଳୟକୁ କବ୍‌ଜା କରିଥିବା ଜଣେ ଅଧିକାରୀ ବୁଧବାର କହିଛନ୍ତି। ବଡ଼ଖଶାନ, ବାଘଲାନ ଏବଂ ଫାରାହ ପ୍ରଦେଶର ରାଜଧାନୀ ତାଲିବାନ ଦଖଲକୁ ଯିବା ପରେ ତାଲିବାନ ସରକାରଙ୍କ ଉପରେ ଅଧିକ ଚାପ ପଡ଼ିଛି। ଆତଙ୍କବାଦୀଙ୍କଠାରୁ କାବୁଲ ପ୍ରତି ସିଧା ବିପଦ ସୃଷ୍ଟି ହୋଇ ନ ଥିଲେ ମଧ୍ୟ ସେମାନେ ଯେଉଁଭଳି ଗୋଟିଏ ପରେ ଗୋଟିଏ ପ୍ରାଦେଶିକ ରାଜଧାନୀ ଦଖଲ କରିଚାଲିଛନ୍ତି, ଆଫଗାନ ସରକାର ଦେଶକୁ କେତେଦିନ ନିଜ ନିୟନ୍ତ୍ରଣରେ ରଖିପାରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଲିବାନ ଆତଙ୍କବାଦୀଙ୍କ ମୁକାବିଲା କରି ନ ପାରି ନିୟମିତ ସୈନ୍ୟ ଯୁଦ୍ଧକ୍ଷେତ୍ରରୁ ଛତ୍ରଭଙ୍ଗ ଦେଉଛନ୍ତି। ହିଂସାକାଣ୍ଡ ଭୟରେ ହଜାର ହଜାର ସାଧାରଣ ଜନତା ରାଜଧାନୀକୁ ପଳାଇଯାଉଛନ୍ତି। ଆମେରିକା ପକ୍ଷରୁ କେତେକ ଏୟାରଷ୍ଟ୍ରାଇକ୍ କରାଯାଇଥିଲେ ମଧ୍ୟ ଏହାର ସୈନ୍ୟ ପ୍ରତ୍ୟକ୍ଷ ଲଢ଼େଇରେ ସାମିଲ ହେଉନାହାନ୍ତି।

ଫାରାହ ସହରରେ ତାଲିବାନ ଆତଙ୍କବାଦୀମାନେ ରାସ୍ତାରେ ଜଣେ ଆଫଗାନ ସୈନ୍ୟଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଘୋଷାଡୁଥିବା ଦେଖାଯାଇଛି। ଆତଙ୍କବାଦୀମାନେ ଏମ୍-୧୬ ରାଇଫଲ, ହମ୍‌ଭି ଏବଂ ଫୋର୍ଡ ପିକ୍‌ଅପ୍ ଟ୍ରକ୍ ବ୍ୟବହାର କରୁଛନ୍ତି। ଏଗୁଡ଼ିକୁ ଆମେରିକା ଆଫଗାନିସ୍ତାନକୁ ଯୋଗାଇଥିଲା।

ଆଫଗାନିସ୍ତାନରେ ମୋଟ ୩୪ ପ୍ରଦେଶ ରହିଥିବାବେଳେ ସେଥିରୁ ୯ଟିର ରାଜଧାନୀକୁ ତାଲିବାନ ଦଖଲ କରିନେଇଛି। ମେ' ମାସରୁ ତାଲିବାନ ଆତଙ୍କବାଦୀ ସୀମାନ୍ତ ଗ୍ରାମାଞ୍ଚଳଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିବାବେଳେ ଗତ ୬ ତାରିଖରେ ନିମ୍ରୁଜ୍ ପ୍ରଦେଶର ରାଜଧାନୀ ଜରଙ୍ଗ ଦଖଲ କରିଥିଲେ। ତାଲିବାନ କବଳକୁ ଯିବାରେ ଏହା ଥିଲା ପ୍ରଥମ ପ୍ରାଦେଶିକ ରାଜଧାନୀ। ୭ ତାରିଖରେ ସେମାନେ ଜଜାନ୍ ପ୍ରଦେଶର ରାଜଧାନୀ ଶେବେରଘାନ ଦଖଲ କରିଥିବା ଘୋଷଣା କରିଥିଲେ। ୮ ତାରିଖରେ ଶେର୍-ଇ-ପୁଲ୍ ତାଲିବାନ ଅକ୍ତିଆରକୁ ଯାଇଥିଲା। ସେହିଦିନ କୁନ୍ଦୁଜ୍ ପ୍ରଦେଶ ରାଜଧାନୀ କୁନ୍ଦୁଜ୍ ସହର ଏବଂ ତଖର ପ୍ରଦେଶ ରାଜଧାନୀ ତାଲୁକାନ୍ ସହରକୁ ତାଲିବାନ ଦଖଲ କରିଥିଲା। ୯ରେ ଆତଙ୍କବାଦୀମାନେ ସାମଙ୍ଗାନ ପ୍ରଦେଶ ରାଜଧାନୀ ଆଏବାକ୍‌କୁ କବ୍‌ଜା କରିଥିବାବେଳେ ୧୦ରେ ଫାରାହ ପ୍ରଦେଶ ରାଜଧାନୀ ଫାରାହ ସହର ଏବଂ ବାଘଲାନ୍ ପ୍ରଦେଶ ରାଜଧାନୀ ପୁଲ୍-ଇ-ଖୁମ୍ରି ସେମାନଙ୍କ ନିୟନ୍ତ୍ରଣକୁ ଯାଇଥିଲା। ୧୧ ତାରିଖରେ ବଡ଼ଖ୍‌ଶାନ ପ୍ରଦେଶ ରାଜଧାନୀ ଫଇଜାବାଦକୁ ତାଲିବାନ ଦଖଲ କରିଛି। ଏହା ବ୍ୟତୀତ ହାରାତ, ଲଶ୍କର ଗାହ ଏବଂ କାନ୍ଦାହାର ଦଖଲ ପାଇଁ ଆତଙ୍କବାଦୀମାନେ ଲଢ଼େଇ ଜାରି ରଖିଛନ୍ତି।



ଆଫଗାନିସ୍ତାନର ଫାରାହ ସହରରେ ଆତଙ୍କବାଦୀମାନେ ପୋଡ଼ି ଦେଇଥିବା ଗାଡିକୁ ଲୋକେ ଦେଖୁଛନ୍ତି।



ଅଶ୍ରଫ୍ ଗନି

## ୫୦ ନାଗରିକଙ୍କୁ ଫେରାଇ ଆଣିଲା ଭାରତ

ନୂଆଦିଲ୍ଲୀ, ୧୧।୮

ତାଲିବାନ ଏବଂ ସୈନ୍ୟବାହିନୀ ମଧ୍ୟରେ ସଂଘର୍ଷ ଯୋଗୁ ଆଫଗାନିସ୍ତାନ ସ୍ଥିତି ଅଧିକରୁ ଅଧିକ ଖରାପ ଆଡ଼କୁ ଗତି କରୁଥିବାବେଳେ ଭାରତ ସେଠାର ମଜାର-ଇ-ସରିଫ୍‌ରୁ ଏହାର କୂଟନୀତିଜ୍ଞଙ୍କ ସମେତ ୫୦ ନାଗରିକଙ୍କୁ ଫେରାଇ ଆଣିଛି। ସେମାନେ ବୁଧବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏକ ସ୍ୱତନ୍ତ୍ର ବିମାନ ସେମାନଙ୍କୁ ଆଣି ବୁଧବାର ସକାଳେ ନୂଆଦିଲ୍ଲୀରେ ଅବତରଣ କରିଛି। ମଜାର-ଇ-ସରିଫ୍‌ରେ ଥିବା କନ୍‌ସୁଲେଟ୍ ଜେନେରାଲଙ୍କ କାର୍ଯ୍ୟାଳୟକୁ ଭାରତ ସାମୟିକ ଭାବେ ବନ୍ଦ କରିଦେଇଛି। ସେଠାରେ ଥିବା ଅନ୍ୟ ଭାରତୀୟମାନେ ନୂଆଦିଲ୍ଲୀ ଫେରିବାକୁ ଚାହୁଁଥିଲେ ସେମାନଙ୍କ ଠିକଣା ଓ ସବିଶେଷ ବିବରଣୀ ଦେବାକୁ ବାଣିଜ୍ୟିକ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବଳପୂର୍ବକ ଶାସନକୁ ସ୍ୱୀକୃତି ଦିଆ ନ ଯାଉ

**ଦୋହା ବୈଠକରେ ଆମେରିକାର ଦାବି**

ନୂଆଦିଲ୍ଲୀ, ୧୧।୮

ଆଫଗାନିସ୍ତାନରେ ଯଦି ବଳପୂର୍ବକ କୌଣସି ସରକାରକୁ ଲଦିଦିଆଯାଏ ତେବେ ଏହାକୁ ପଡୋଶୀ ଦେଶଗୁଡ଼ିକ ସମର୍ଥନ ନ ଦେବା ଆବଶ୍ୟକ ବୋଲି ଆମେରିକା କହିଛି। ବୁଧବାର ଦୋହାଠାରେ ଅନୁଷ୍ଠିତ ଟ୍ରୋଇକା ପ୍ଲସ୍ ରାଷ୍ଟ୍ର ବୈଠକରେ ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ଏହି ଦାବି କରାଯାଇଛି। ଉକ୍ତ ରାଷ୍ଟ୍ରସଂଘରେ ଆମେରିକା, ରୁଷିଆ, ଚାଇନା ଏବଂ ପାକିସ୍ତାନ ରହିଛନ୍ତି। ଆଫଗାନିସ୍ତାନ ସମସ୍ୟାର ସ୍ଥାୟୀ ରାଜନୈତିକ ସମାଧାନ ବାହାର କରିବା ଉକ୍ତ ସଂଗଠନର ଲକ୍ଷ୍ୟ। ବୈଠକରେ ଅସ୍ତ୍ରବିରତି ଏବଂ ହିଂସା ରୋକିବା ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଚାପ ପକାଇଥିଲେ। କାତାର ରାଜଧାନୀରେ ଅନୁଷ୍ଠିତ ବୈଠକରେ ୱାଶିଂଟନ ପକ୍ଷରୁ ଆଫଗାନିସ୍ତାନ ପାଇଁ ଥିବା ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜାଲମେ ଖଲିଲଜାଦ୍ ପ୍ରତିନିଧିତ୍ୱ କରିଥିଲେ। ପାକିସ୍ତାନ ଏହାର ସ୍ୱତନ୍ତ୍ର ପ୍ରତିନିଧି ମହମ୍ମଦ ସାଦିକ୍ ଏବଂ କାବୁଲ୍‌ରେ ଥିବା ରାଷ୍ଟ୍ରଦୂତ ମନ୍‌ସୁର ଖାନ୍‌ଙ୍କୁ ପଠାଇଥିଲା।

## ପ୍ରିୟା ରମାନୀଙ୍କୁ ହାଇକୋର୍ଟ ନୋଟିସ

**ମିଟୁ ମାମଲା**

ନୂଆଦିଲ୍ଲୀ, ୧୧।୮

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ଏକ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ବୁଧବାର ଖବରଦାତା ପ୍ରିୟା ରମାନୀଙ୍କୁ ନୋଟିସ ଜାରି କରିଛନ୍ତି। ଆକବରଙ୍କ ବିରୋଧରେ ପ୍ରିୟା ରମଣୀ ଯୌନ ନିର୍ଯାତନ ଅଭିଯୋଗ ଆଣିଥିଲେ। ଏହା ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ତଳକୋର୍ଟ ପ୍ରିୟା ରମାନୀଙ୍କୁ ଉକ୍ତ ମାମଲାରେ ଦୋଷମୁକ୍ତ କରିଥିବାରୁ ଆକବର ଏହା ବିରୋଧରେ ହାଇକୋର୍ଟରେ ଆବେଦନ କରିଥିଲେ। ଆକବରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରାଜୀବ ନାୟାର ଏବଂ ଗୀତା ଲୁଥ୍ରାଙ୍କ ଜବାବ ଶୁଣିବା ପରେ ଜଷ୍ଟିସ ମୁକ୍ତା ଗୁପ୍ତା ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୩କୁ ଧାର୍ଯ୍ୟ କରିଛନ୍ତି। ଭାରତରେ ମିଟୁ ଅଭିଯାନ ଜୋର୍ ଧରିଥିବାବେଳେ ରମାନୀ ଆକବରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହାକୁ ଆକବର ଖଣ୍ଡନ କରିବା ସହ ରମାନୀଙ୍କ ବିରୋଧରେ ୨୦୧୮ରେ ମାନହାନି ମାମଲା ଦାଏର କରିଥିଲେ। ତଳକୋର୍ଟ ଚଳିତ ବର୍ଷ ଫେବୃୟାରୀ ୧୭ରେ ରମାନୀଙ୍କୁ ଦୋଷମୁକ୍ତ କରିଥିଲେ।



## ଟିକା ନେଇଥିବା ୪୦ ହଜାରଙ୍କୁ କରୋନା

ନୂଆଦିଲ୍ଲୀ, ୧୧।୮(ପି.ଟି.)

କେରଳରେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପୁଣିଥରେ କରୋନାରେ ସଂକ୍ରମିତ ହୋଇଛନ୍ତି। ସମସ୍ତ ମାମଲାର ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଇବାକୁ କେନ୍ଦ୍ର ସରକାର କେରଳକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଭୂତାଣୁ ଅଧିକ ନୂଆ ରୂପ ନେଉଥାଏ, ତେବେ ଏହା ବାସ୍ତବରେ ଚିନ୍ତାର କାରଣ। ତେବେ ଏହି ସଂକ୍ରମଣ ଡେଲ୍ଟା ଭାରିଆଣ୍ଟ ଯୋଗୁ ହୋଇଛି କି ନାହିଁ ତାହା ଜଣାପଡ଼ିନାହିଁ। ଟିକା ନେବା ପରେ କରୋନାରେ ସଂକ୍ରମଣ ହେବା ମାମଲା କେରଳର ପଥନମ୍‌ଥିଟ୍ଟାରେ ସର୍ବାଧିକ ଦେଖାଯାଇଛି। ଉକ୍ତ ଜିଲାରେ ପ୍ରଥମ ଡୋଜ୍ ନେଇଥିବା ୧୪,୯୭୪ ଜଣ ଏବଂ ଦ୍ୱିତୀୟ ଡୋଜ୍ ନେଇଥିବା ୫,୦୪୨ ଜଣ ସଂକ୍ରମିତ ହୋଇଛନ୍ତି।



ହିମାଚଳ ପ୍ରଦେଶ କିନ୍ନୌର ଜିଲାରେ ଭୂସ୍ଖଳନ: ମାଟି ଅତଡ଼ା ତଳେ ଫସି ରହିଥିବା ଲୋକଙ୍କୁ ଆଇଟିବିପି ଯବାନ ଉଦ୍ଧାର କରୁଛନ୍ତି।

## କୋଭିଶିଲ୍ଡ-କୋଭାକ୍ସିନ୍ ମିଶ୍ରଣର ପରୀକ୍ଷାକୁ ଡିସିଜିଆଇର ମଞ୍ଜୁରୀ

**ଇମ୍ୟୁନିଟି ବଢ଼ାଇବ ମିଶ୍ରିତ ଡୋଜ୍**

ନୂଆଦିଲ୍ଲୀ, ୧୧।୮

ଭାରତର କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦୁଇ ପ୍ରମୁଖ ଟିକା କୋଭିଶିଲ୍ଡ ଏବଂ କୋଭାକ୍ସିନର ମିଶ୍ରଣ ଉପରେ ଅଧ୍ୟୟନ ପ୍ରସ୍ତାବକୁ ଦେଶର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ମଞ୍ଜୁରୀ ପ୍ରଦାନ କରିଛି। ତାମିଲନାଡୁର ଭେଲୋରସ୍ଥିତ କ୍ରିଷ୍ଟିୟାନ ମେଡିକାଲ କଲେଜ (ସିଏମ୍‌ସି)ରେ ଏହାର ଗବେଷଣାତ୍ମକ ଅଧ୍ୟୟନ ସହ କ୍ଲିନିକାଲ ପରୀକ୍ଷା କରାଯିବ। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଏହି ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ସବ୍‌ଜେକ୍ଟ ଏକ୍ସପର୍ଟ କମିଟି ଗତ ମାସ ୨୯ରେ ଏଥିପାଇଁ ସୁପାରିସ କରିଥିଲା। ପୂର୍ବରୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଦୁଇ ଟିକାର ମିଶ୍ରଣ ଉପରେ ଅଧ୍ୟୟନ କରି ଏହା ସୁରକ୍ଷିତ ଏବଂ ଇମ୍ୟୁନିଟି ବଢ଼ାଇବାରେ ଅଧିକ ସହାୟକ ହେଉଥିବା କହିଥିଲା। ଉତ୍ତରପ୍ରଦେଶରେ କେତେଜଣଙ୍କୁ ପ୍ରଥମ ଡୋଜ୍‌ରେ କୋଭିଶିଲ୍ଡ ଏବଂ ଏହାର ୬ ସପ୍ତାହ ପରେ ଦ୍ୱିତୀୟ ଡୋଜ୍‌ରେ କୋଭାକ୍ସିନ ଦିଆଯାଇଥିଲା। ଏଥିରେ ୧୮ ଜଣ ଭାଗ ନେଇଥିଲେ।




# ଲୋକ ସଭା ସାଇନ୍-ଏ-ଡାଏ



ନୂଆଦିଲ୍ଲୀ, ୧୧।୮(ପି.ଟି.)

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ଯାଏ ଚାଲିବାକୁ ଥିବାବେଳେ ଏହାର ଦୁଇଦିନ ପୂର୍ବରୁ ବୁଧବାର ଲୋକ ସଭାକୁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଜୁଲାଇ ୧୯ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲାବେଳେ ପେଗାସସ୍ ଗୁପ୍ତଚରଗିରି ବିବାଦ, କୃଷି ଆଇନ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ଉଭୟ ଗୃହକୁ ଅଚଳ କରି ରଖିଥିଲେ। ଅଧିକାଂଶ ଦିନ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର କାଳ ବାଧାପ୍ରାପ୍ତ ହୋଇଥିଲା। ଏହା ମଧ୍ୟରେ ଓବିସି ତାଲିକା ପ୍ରସ୍ତୁତି ଲାଗି ରାଜ୍ୟକୁ ଅନୁମତି ଦେବା ନିମନ୍ତେ ସମ୍ବିଧାନ ସଂଶୋଧନ ବିଲ୍ ସମେତ ମୋଟ ୨୦ଟି ବିଲ୍ ଗୃହୀତ ହୋଇଛି। ବିରୋଧୀ ଦଳଗୁଡିକର ଅସହଯୋଗକୁ ନେଇ ବାଚସ୍ପତି ଓମ୍ ବିର୍ଲା ଗଣମାଧ୍ୟମ ଆଗରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିରୋଧୀ ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ସ୍ଲୋଗାନ ଜାରି ରଖିଥିଲେ। ସମୁଦାୟ ଅଧିବେଶନ କାଳରେ ଲୋକ ସଭା ମାତ୍ର ୨୧ ଘଣ୍ଟା ଚାଲିଥିଲା ଏବଂ ଏହାର ଫଳପ୍ରଦତା ୨୨ ପ୍ରତିଶତ ଥିଲା ବୋଲି ବିର୍ଲା କହିଛନ୍ତି। ଲୋକ ସଭା ସାଇନ୍-ଏ-ଡାଏ ଘୋଷଣା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହରେ ଉପସ୍ଥିତ ଥିଲେ।

## ଓବିସି ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ, ୧୧।୮(ପି.ଟି.)

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତାଲିକା ପ୍ରସ୍ତୁତିରେ ରାଜ୍ୟଗୁଡ଼ିକର କ୍ଷମତା ବଜାୟ ରଖିବା ପାଇଁ ଅଣାଯାଇଥିବା ସମ୍ବିଧାନ ସଂଶୋଧନ ବିଲ୍‌କୁ ବୁଧବାର ପାର୍ଲାମେଣ୍ଟ ଅନୁମୋଦନ କରିଛି। ସମ୍ବିଧାନର ୧୨୭ତମ ସଂଶୋଧନ ବିଲ୍, ୨୦୨୧ ରାଜ୍ୟ ସଭାରେ ଗୃହୀତ ହୋଇଛି। ୧୮୭ ସଦସ୍ୟ ଏହା ସପକ୍ଷରେ ଭୋଟ ଦେଇଥିଲେ। ବିଲ୍ ବିରୋଧରେ ଗୋଟିଏ ହେଲେ ଭୋଟ ପଡ଼ି ନ ଥିଲା। ଦିନକ ପୂର୍ବରୁ ଉକ୍ତ ବିଲ୍ ଲୋକ ସଭାର ଅନୁମୋଦନ ଲାଭ କରିଥିଲା। ଉଚ୍ଚ ସଦନରେ କେତେଜଣ ବିରୋଧୀ ସଦସ୍ୟ ଉକ୍ତ ବିଲ୍ ଉପରେ କେତେକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ମଧ୍ୟ ତାହା କାଟ୍ ଖାଇଯାଇଥିଲା।

ରାଜ୍ୟ ସଭାରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର ଓବିସି ଉପରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ପୂର୍ବରୁ ସୁପ୍ରିମକୋର୍ଟ ଓବିସି ତାଲିକା ପ୍ରସ୍ତୁତିରେ ରାଜ୍ୟଗୁଡ଼ିକର କ୍ଷମତାକୁ ରଦ୍ଦ କରିଥିଲା। ଉଚ୍ଚ ସଦନରେ ବିଲ୍ ଉପରେ ୫ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ବିଲ୍ ରାଜ୍ୟଗୁଡ଼ିକର ଓବିସି ତାଲିକା ପ୍ରସ୍ତୁତି କ୍ଷମତା କାଏମ ରଖିବ ବୋଲି ମନ୍ତ୍ରୀ କହିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନାରେ ଭାଗ ନେଇଥିବାରୁ ସେ ସବୁ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ଦ୍ୱାରା ୬୭୧ ନୂତନ ଜାତି ଉପକୃତ ହେବେ, ଯାହାକି ଦେଶର ମୋଟ ଓବିସିର ଏକ-ପଞ୍ଚମାଂଶ। ସେମାନଙ୍କୁ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ମିଳିପାରିବ ବୋଲି ମନ୍ତ୍ରୀ ବୀରେନ୍ଦ୍ର କୁମାର କହିଥିଲେ।

## ରାଜ୍ୟ ସଭାରେ କାନ୍ଦିଲେ ଭେଙ୍କାୟା

ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ବୁଧବାର ଗୃହରେ କେତେଜଣ ବିରୋଧୀ ସଦସ୍ୟଙ୍କ ବ୍ୟବହାରକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ କାନ୍ଦି ପକାଇଥିଲେ। ବିରୋଧୀ ଏମ୍‌ପିଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ପାର୍ଲାମେଣ୍ଟର ପବିତ୍ରତା ନଷ୍ଟ କରୁଥିବାରୁ ସେ ରାତିରେ ଶୋଇ ପାରୁ ନ ଥିବା କହିଥିଲେ। ମଙ୍ଗଳବାର ଚାଷୀ ଆନ୍ଦୋଳନ ଉପରେ ଆଲୋଚନା ବେଳେ ରାଜ୍ୟ ସଭାରେ ଉତ୍ତେଜନା ରୋକିବା ପାଇଁ ସେ ଯଥାସାଧ୍ୟ ଉଦ୍ୟମ କରି ବିଫଳ ହୋଇଥିଲେ। ସଦସ୍ୟମାନଙ୍କ ଆଚରଣକୁ ନିନ୍ଦା କରିବା ପାଇଁ ତାଙ୍କ ପାଖରେ ଭାଷା ନାହିଁ ବୋଲି ସେ କହିଛନ୍ତି।

# ଘୋଡ଼ା ଚଢ଼ା ପାଇଁ...



ଜାହ୍ନବୀ

ଜାହ୍ନବୀ କପୁର ଏବେ ଟେନ୍‌ସନରେ। ଫିଲ୍ମଟିରେ ସିନା ଅଭିନୟ କରିବାକୁ ରାଜି ହୋଇଗଲେ, ହେଲେ ଗୋଟିଏ କଥା ପାଇଁ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଏହି ଅନଟାଇଟଲ୍‌ଡ ଫିଲ୍ମରେ ଏକ ଘୋଡ଼ା ଚଢ଼ା ସିକୁଏନ୍ସ ରହିଛି। କାହାଣୀ ଅନୁସାରେ ଘୋଡ଼ାରେ ଚଢ଼ି ଜାହ୍ନବୀ ଜଣେ ବାଳକକୁ ବଞ୍ଚାଇବେ। ତେଣୁ ଏବେଠାରୁ ଏ ନେଇ ଟ୍ରେନିଂ ନେବାକୁ ସ୍ଥିର କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଘୋଡ଼ା ଚଢ଼ିବା ଏତେ ସହଜ କଥା ନୁହେଁ। ଅବଶ୍ୟ ଏହାପୂର୍ବରୁ ଗୁଞ୍ଜନ ସାକ୍‌ସେନା ବାୟୋପିକ୍‌ରେ ମୁଁ ପାଇଲଟ୍ ଭଳି ଚ୍ୟାଲେଞ୍ଜିଂ ରୋଲକୁ ତୁଲାଇ ସାରିଛି। ହେଲେ ସତ କଥା କହିବାକୁ ଗଲେ ଘୋଡ଼ା ଉପରେ ବସିବାକୁ ମୋତେ ଟିକେ ଡର ଲାଗେ। ତଥାପି ସାହସର ସହ ହର୍ସ ରାଇଡିଙ୍ଗ ଟ୍ରେନିଂ ନେଇ ତାହାକୁ ସୀମିତ ସମୟ ଭିତରେ ଶେଷ କରିବି। କେବଳ ସେତିକି ନୁହେଁ, ନିଜର ଫିଟ୍‌ନେସ୍ ପ୍ରତି ମଧ୍ୟ ଧ୍ୟାନ ଦେଉଛି। ସକାଳୁ ଦୁଇ ଘଣ୍ଟା ଜିମ୍‌ରେ କରୁଛି। ତା'ସହ ଯୋଗ, ପ୍ରାଣାୟାମ କରୁଛି। ଖାଦ୍ୟପେୟକୁ ମଧ୍ୟ ପ୍ରାଥମିକତା ଦେଉଛି।' କେବଳ ସେତିକି ନୁହେଁ, ଏହି ଫିଲ୍ମରେ ଜାହ୍ନବୀଙ୍କୁ ଫାଇଟ୍ କରୁଥିବାର ମଧ୍ୟ ଦେଖିବାକୁ ମିଳିବ।

## ପରଦାରେ



ଦେବାଶିଷ-କାବ୍ୟା

## ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏହି ଫିଲ୍ମଟି ଚଳିତ ମାସ ୧୬ ତାରିଖରେ ପରଦା ଉପରକୁ ଆସୁଛି। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର ଏବଂ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ପ୍ରଯୋଜକ। 'ମୋ ପୂର୍ବ ସିନେମାଗୁଡ଼ିକ ଭଳି ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି ଚିତ୍ରର ସବୁ ଦିଗ ପ୍ରତି ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି।'

## ସତ ହେଲା ମନ କଥା



ରଞ୍ଜିତ କୁମାର ସାହୁ

ବେଳେବେଳେ ମନ ଯାହା ଭାବୁଥାଏ ତାହା ସତରେ ପରିଣତ ହୋଇଥାଏ। ଆଉ ସେତେବେଳେ ସଂପୃକ୍ତ ବ୍ୟକ୍ତିଙ୍କର ଖୁସି କହିଲେ ନ ସରେ। ଆଉ ସେଥିରୁ ରଞ୍ଜିତ କୁମାର ସାହୁ ବାଦ୍ ପଡ଼ିବେ କିପରି? କଥା କ'ଣ କି କରୋନା ପାଇଁ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ତାଙ୍କୁ ପ୍ରଭାବିତ କରିଥିଲା। ଆଉ ସେପରି ଏକ ବିଷୟବସ୍ତୁକୁ ନେଇ ଓଡ଼ିଆ ସିନେମାଟିଏ ନିର୍ମାଣ କରିବାକୁ ମନ ବଳାଇଥିଲେ ରଞ୍ଜିତ। ଏହାର କାହାଣୀ ଏବଂ ସଂଳାପ ପ୍ରସ୍ତୁତ କରିବା ପରେ ସେ ଏ ନେଇ ଅଣ୍ଟା ଭିଡିଥିଲେ। ବାସ୍, ତା'ପରେ ନିର୍ଦ୍ଦେଶକ ପିନୁ ନାୟକ ତାଙ୍କର ଏହି ଆଶାକୁ ଦ୍ୱିଗୁଣିତ କରିଥିଲେ। ଆଉ ଏବେ ତାହା ସତରେ ପରିଣତ ହୋଇଛି। ରଞ୍ଜିତଙ୍କ ପ୍ରଯୋଜିତ ଓଡ଼ିଆ ସିନେମା 'ଲଗାମ୍'ର ଶୁଟିଂ ନିକଟରେ ଶେଷ ହୋଇଛି। ଏ ସମ୍ପର୍କରେ ନରସିଂହପୁରସ୍ଥିତ କମଳାଡିହରେ ଜନ୍ମିତ ରଞ୍ଜିତ କହନ୍ତି, 'ଜଣେ ପ୍ରବାସୀ ଶ୍ରମିକ ଲକ୍‌ଡାଉନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଏହି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଫ୍ୟାମିଲି ଡ୍ରାମା, କମେଡି, ଲଭ୍, ଇମୋଶନ ରହିଛି। ନିଜସ୍ୱ କାହାଣୀ ଉପରେ ଯଥେଷ୍ଟ ଭରସା ରହିଛି ଏବଂ ତାହାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଦୃଢ଼ ଆଶା ଅଛି।' ଏହାର କାହାଣୀ, ପ୍ରଯୋଜନା ସହ ସଂଳାପ ରଚନା କରିଛନ୍ତି ରଞ୍ଜିତ। ସୂଚନାଯୋଗ୍ୟ ଏହି ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଳାନ କୁମାର ଏବଂ ତମନ୍ନା।

## ବଲିଉଡ୍ ହାଲ୍‌ଚାଲ୍

- ଅକ୍ଷୟ କୁମାର ଏବଂ କ୍ୟାଟ୍ରିନା କୈଫଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ' ଓଟିଟି ଫର୍ମାଟରେ ରିଲିଜ ହେବାରେ ଯୋଜନା ରହିଛି।
- ସ୍ୱାଧୀନତା ଦିବସ ଅବସରରେ ଟାଇଗର ଶ୍ରଫଙ୍କର ଏକ ଭିଡିଓ ଆଲବମ୍ 'ବନ୍ଦେ ମାତରମ୍' ରିଲିଜ ହୋଇଛି। କୌଶଲ କିଶୋରଙ୍କ ରଚିତ ଏବଂ ବିଶାଲ ମିଶ୍ରଙ୍କ ସ୍ୱର ସଂଯୋଜିତ ଏହି ଦେଶାତ୍ମବୋଧକ ଗୀତ ପାଇଁ କଣ୍ଠଦାନ କରିଛନ୍ତି ନିଜେ ଟାଇଗର। ବାସୁ ଭଗନାନୀ ଏହି ଆଲବମ୍‌ର ପ୍ରଯୋଜନା କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ରେମୋ ଡିସୌଜା।
- ବିଶିଷ୍ଟ ଗାୟକ କିଶୋର କୁମାରଙ୍କ ଜୀବନୀକୁ ନେଇ ତାଙ୍କ ପରିବାର ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି ଅମିତ କୁମାର।
- ସଞ୍ଜୟ ଲୀଳା ଭଁସାଲୀଙ୍କ ଆଗାମୀ ଫିଲ୍ମ 'ବୈଜୁ ବାୱାରା'ରେ ରଣବୀର ସିଂଙ୍କ ଅପୋଜିଟ୍‌ରେ ଦୀପିକା ପାଦୁକୋନ୍ ଅଭିନୟ କରିବାର ଯୋଜନା ଥିଲା। କିନ୍ତୁ ପାରିଶ୍ରମିକକୁ ନେଇ ଦୀପିକା ଏହାର କାଷ୍ଟିଂରୁ ଆଉଟ୍ ହୋଇଛନ୍ତି ବୋଲି ଜଣାପଡ଼ିଛି।
- କୁନାଲ କପୁରଙ୍କ ଆଗାମୀ ସିନେମା 'ଦି ଏମ୍ପାୟର୍ସ'ରେ ଫରହାନ ଅଖତର, ଆଲିୟା ଭଟ୍ଟ, ଅର୍ଜୁନ କପୁର ଅଭିନୟ କରିବେ।

## ପ୍ରତିଟି ନିର୍ଦ୍ଦେଶନା ମୋ ପାଇଁ ଚ୍ୟାଲେଞ୍ଜ



ମୋ କଥା/ନିରଞ୍ଜନ ବେହେରା

ନିର୍ଦ୍ଦେଶକ ନିରଞ୍ଜନ ବେହେରା। ମାତ୍ର ବର୍ଷ କେଇଟା ଭିତରେ ସେ ବେଶ୍ କେତୋଟି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ରେଞ୍ଜ ରୟାଲ ସିନେ ଲ୍ୟାବ ବ୍ୟାନରରେ ତଥା ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ 'ଯୋଗୀ'ରୁ ବଡ଼ ପରଦାରେ ନିରଞ୍ଜନ ତାଙ୍କର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ 'ପ୍ରେମ ପାଇଁ ମହାଭାରତ'ର ସଫଳତା ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏ ସମ୍ପର୍କରେ ସେ କହନ୍ତି, 'ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ମୋତେ ଏ ପର୍ଯ୍ୟନ୍ତ ଯେଉଁ ସିନେମାଗୁଡ଼ିକର ନିର୍ଦ୍ଦେଶନା ଦେବାର ସୁଯୋଗ ମିଳିଛି ତାକୁ ମୁଁ ବେଶ୍ ଗମ୍ଭୀରତାର ସହ ନେଇଛି। କାରଣ ପ୍ରତିଟି ନିର୍ଦ୍ଦେଶନା ମୋ ପାଇଁ ଚ୍ୟାଲେଞ୍ଜ। ମୁଁ ସବୁବେଳେ ମୌଳିକ କାହାଣୀ ଉପରେ ଗୁରୁତ୍ୱ ଦିଏ। ତାହା 'ଯୋଗୀ' ହେଉ ଅବା 'ପ୍ରେମ ପାଇଁ ମହାଭାରତ'-ଏହାର କାହାଣୀରେ ନୂତନତ୍ୱ ଥିଲା। ଦର୍ଶକ କିପରି ପ୍ରତିଟି ସିନେମାର ଭିନ୍ନ ଭିନ୍ନ ଚାର୍ମ ପାଇବେ ତାହା ଉପରେ ମୁଁ ଗୁରୁତ୍ୱ ଦିଏ।' ଓଡ଼ିଆ ସିନେମା ପ୍ରତି ଦର୍ଶକ ପୂର୍ବଭଳି ଆକର୍ଷିତ ହେଉନାହାନ୍ତି। ଏହାର କାରଣ କ'ଣ ପ୍ରଶ୍ନର ଉତ୍ତରରେ ନିରଞ୍ଜନ କହନ୍ତି, 'ଦିନ ଥିଲା ଓଡ଼ିଆ ସିନେମା ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ଗତ କିଛି ବର୍ଷ ହେବ କେତେକ ଓଡ଼ିଆ ସିନେମା ସେମାନଙ୍କୁ ପ୍ରଭାବିତ କରିପାରିନାହିଁ-ଏକଥା ସତ। ହେଲେ ଦିନ ଆସିବ ପୁଣି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଓଡ଼ିଆ ସିନେମା ନିଶ୍ଚୟ ନିର୍ମାଣ ହେବ। ଗୋଟିଏ କଥା-ମୁଁ ସବୁବେଳେ ପରୀକ୍ଷା ନିରୀକ୍ଷା କରିବାକୁ ଭଲ ପାଏ।' ନିରଞ୍ଜନଙ୍କ ନିର୍ଦ୍ଦେଶିତ 'ପ୍ରେମ ଲୀଳା', 'ହିରୋ ନଂ. ଜିରୋ', 'ଫ୍ଲପ୍ ସିନେମା' ଏବଂ 'ତୋ ପାଇଁ କିଛି ବି' ରିଲିଜ ଅପେକ୍ଷାରେ ଅଛି। ଏବେ ସେ ଛୋଟ ପିଲାଙ୍କୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ସିନେମା 'ରାମ ରାଜ୍ୟ'ର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି।

## ନର୍ଗିସଙ୍କୁ ଦେଖିବା ପରେ..

ବଲିଉଡ୍‌ରେ ଲୋକପ୍ରିୟ ଯୋଡ଼ି ଭିତରେ ସୁନୀଲ ଦତ୍ତ-ନର୍ଗିସ ଅନ୍ୟତମ। ନିଜ ନିଜ ଅଭିନୟ ବଳରେ ସେମାନେ ଦର୍ଶକଙ୍କ ହୃଦୟରେ ଅଧିକାର କରିଥିଲେ ସ୍ୱତନ୍ତ୍ର ସ୍ଥାନ। ଯୁବାବସ୍ଥାରେ ସୁନୀଲ ରେଡିଓ ସିଲୋନ୍‌ରେ ରେଡିଓ ଜକି (ଆରଜେ) ଭାବରେ କାମ କରୁଥିଲେ। ସେତେବେଳେ ତାଙ୍କର ମନ ପସନ୍ଦର ନାୟିକା ଥିଲେ ନର୍ଗିସ। ହେଲେ ଯେତେବେଳେ ତାଙ୍କୁ ପ୍ରଥମେ ସେ ଦେଖିଲେ ତାଙ୍କ ପାଟିରୁ କଥା ବାହାରି ନ ଥିଲା। ଥରେ ରେଡିଓ ସିଲୋନ୍‌ରେ ନର୍ଗିସଙ୍କ ସାକ୍ଷାତକାର ନେବାକୁ ସୁନୀଲଙ୍କୁ କୁହାଯାଇଥିଲା। କିନ୍ତୁ ଯେତେବେଳେ ତାଙ୍କୁ ସୁନୀଲ ଦେଖିଲେ ସେ ଏତେ ଖୁସି ହୋଇଯାଇଥିଲେ ଯେ ତାଙ୍କ ପାଟିରୁ କଥା ବାହାରି ନ ଥିଲା। ଏପରି କି ପରିସ୍ଥିତି ଏମିତି ହେଲା ଯେ ସେହି ସାକ୍ଷାତକାରକୁ ବାତିଲ କରିବାକୁ ପଡ଼ିଥିଲା। ୧୯୫୭ରେ ରିଲିଜ ହୋଇଥିବା ସୁପରହିଟ୍ ସିନେମା 'ମଦର ଇଣ୍ଡିଆ'ରେ ଦୁହେଁ ଏକତ୍ର ଅଭିନୟ କରିଥିଲେ। ସେଇଠୁ ହିଁ ନର୍ଗିସଙ୍କ ପ୍ରେମରେ ପଡ଼ିଥିଲେ ସୁନୀଲ। ପରବର୍ତ୍ତୀ ସମୟରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

## ଦୀପକଙ୍କ ହ୍ୟାଟ୍ରିକ



ସସ୍ମିତା-ଦୀପକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, କେମିତି ପଛକୁ ପଛ ତିନୋଟି ସିନେମା ପରଦା ଉପରକୁ ଆସିବାକୁ ପ୍ରସ୍ତୁତ ହୋଇ ରହିଛି। ଆଉ ଏହି ତିନୋଟି ସିନେମାର ନାୟକ ସାଜିଛନ୍ତି ଦୀପକ। ପୁଣି ଏପରି ସଂଯୋଗ ତିନୋଟି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଦୀପକଙ୍କ ଅଭିନୀତ ତଥା ରିଲିଜ ଅପେକ୍ଷାରେ ଥିବା ପ୍ରଥମ ସିନେମା ହେଲା 'ଏଇ ବୋଧେ ଭଲ ପାଇବା'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅନୁଭା ସୌର୍ଯ୍ୟା। ଏହାବ୍ୟତୀତ 'ଧଡକନ୍‌ରେ ତୁ' ଚିତ୍ରରେ ତାଙ୍କର ନାୟିକା ସାଜିଛନ୍ତି ସସ୍ମିତା। ସବୁଠାରୁ ଖାସ୍ କଥା ହେଲା, ଏଥର ଦୀପକ ପ୍ରଯୋଜକ ସାଜିଛନ୍ତି। ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ସେ ପ୍ରସ୍ତୁତ କରିଥିବା ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ ରହିଛି 'ପଲ୍ ପଲ୍ ତତେ ଚାହେଁ'। ଏଥିରେ ଫିମେଲ୍ ଲିଡ୍‌ରେ ଅଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଏ ସମ୍ପର୍କରେ ଦୀପକ କହନ୍ତି, 'ମାଷ୍ଟରଜୀ (ସୁଧାକର ବସନ୍ତ) ମୁଁ ଅଭିନୟ କରିଥିବା ତିନୋଟି ସିନେମା 'ଏଇ ବୋଧେ ଭଲ ପାଇବା', 'ଧଡକନ୍‌ରେ ତୁ' ଏବଂ 'ପଲ୍ ପଲ୍ ତତେ ଚାହେଁ'ର ନିର୍ଦ୍ଦେଶନା ଦେଇଛନ୍ତି। ସତ କଥା କହିବାକୁ ଗଲେ ତାଙ୍କ ସହ କାମ କରିବାର ଚାର୍ମ ଅଲଗା। ଏହ ତିନୋଟି ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।'

## ଯଦି ରାଜି ହୋଇଥାଆନ୍ତେ



କରୀନା

ବେଳେବେଳେ ନିଜର ନିଷ୍ପତ୍ତିକୁ ନେଇ ପରେ ଅନୁତାପ କରିବାକୁ ପଡ଼ିଥାଏ। ହେଲେ ସେତେବେଳକୁ ଜିନିଷଟି ହାତରୁ ଖସିଯାଇଥାଏ। କେବଳ ଭାବିବା ହିଁ ସାର। ଦେଖୁନାହାନ୍ତି, ନିଜ କ୍ୟାରିୟର ବିଷୟରେ ଚିନ୍ତା କଲା ବେଳକୁ ସେ କେମିତି ହାତଛଡ଼ା କରିଥିବା କେତୋଟି ସିନେମା ବିଷୟରେ ଭାବୁଛନ୍ତି। ହଁ, ସେ ହେଲେ କରୀନା କପୁର। ଅଭିନୟକୁ ପେସା ଭାବରେ ଗ୍ରହଣ କରିଥିବା କପୁର ପରିବାରରେ ଜନ୍ମିତା ଏହି ଅଭିନେତ୍ରୀ 'ଜବ୍ ଉଇ ମେଟ୍'ର ସଫଳତା ପରେ ନିଜ କ୍ୟାରିୟରକୁ ନେଇ ଅଧିକ ସଚେତନ ହୋଇଥିଲେ। ସେତେବେଳେ ତାଙ୍କୁ କେତୋଟି ଭଲ ଭଲ ଅଫର ମିଳିଥିଲା। ରାକେଶ ରୋଶନ ଏବଂ ସଞ୍ଜୟ ଲୀଳା ଭଁସାଲି ପରି ନାମୀ ନିର୍ଦ୍ଦେଶକଙ୍କ ସିନେମାରେ ଅଭିନୟ କରିବାକୁ ମନା କରିଦେଇଥିଲେ। ରାକେଶଙ୍କ ନିର୍ଦ୍ଦେଶିତ ତଥା ହ୍ରିତିକ ରୋଶନଙ୍କ ପ୍ରଥମ ସିନେମା 'କହୋ ନା ପ୍ୟାର ହୈ'ରେ ନାୟିକା ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। ହେଲେ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ। ପରବର୍ତ୍ତୀ ସମୟରେ ଅମୀଷା ପଟେଲଙ୍କୁ ଏଥିପାଇଁ ସାଇନ୍ କରାଯାଇଥିଲା, ଆଉ ସିନେମାଟି ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା। ଠିକ୍ ସେହିପରି 'ହମ୍ ଦିଲ୍ ଦେ ଚୁକେ ସନମ'ରେ ସଲମାନ ଖାଁଙ୍କ ଅପୋଜିଟ୍‌ରେ ତାଙ୍କୁ କାଷ୍ଟି କରାଯାଇଥିଲା। ହେଲେ ଏପରି ସୁଯୋଗକୁ ମଧ୍ୟ ସେ ହାତଛଡ଼ା କରିଥିଲେ। ଶେଷରେ ଏହି ଭୂମିକାରେ ଐଶ୍ୱର୍ଯ୍ୟା ରାୟ କେତେ ମାଇଲେଜ ନେଇଥିଲେ ତାହା କହିବା ଅନାବଶ୍ୟକ। ସେହିପରି 'କୁଇନ୍' ସିନେମାର ଟାଇଟଲ ଭୂମିକା ପାଇଁ କରୀନାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ମନା କରିବାରୁ କଙ୍ଗନା ରାଣାୱତଙ୍କୁ ନିଆଯାଇଥିଲା ଏବଂ ଫିଲ୍ମଟି ମଧ୍ୟ ହିଟ୍ ସାବ୍ୟସ୍ତ ହୋଇଥିଲା।

## ୩୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ରାୟଗଡ଼ା ଅଫିସ:** ରାୟଗଡ଼ା ସହର ପ୍ରେମ ନଗରସ୍ଥିତ ଏକ ଘରୁ ଅବକାରୀ ବିଭାଗ ପକ୍ଷରୁ ବୁଧବାର ୩୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ଗୁଣପୁର ଏନ୍‌ଏସି ଅଧୀନ ବାଘଛାଲ ଗ୍ରାମର ନୀଳାଞ୍ଚଳ ସୁନାମୁଦି(୪୧)। ସେ ଗଞ୍ଜେଇରେ ସିଗାରେଟ ପ୍ରସ୍ତୁତ କରି ରାଜ୍ୟ ବାହାରକୁ ପଠାଉଥିଲେ। ସୂଚନା ଅନୁଯାୟୀ, ନୀଳାଞ୍ଚଳ ଏହି ଗଞ୍ଜେଇରୁ ପ୍ରସ୍ତୁତ ସିଗାରେଟ ଚଢ଼ାଦରରେ କାରବାର କରୁଥିଲେ। ଅବକାରୀ ଅଧୀକ୍ଷକଙ୍କ ନେତୃତ୍ୱରେ ୧୧ ଜଣିଆ ଟିମ୍ ଚଢ଼ାଉ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୬୦ ହଜାର ହେବ ବୋଲି ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ନଂ. ୧୩୧/୨୧ ରେ ଏକ ମାମଲା ରୁଜୁ କରାଯାଇଛି।

**ସଂକ୍ଷେପରେ**

### ଏଣିକି ରାୟଗଡ଼ାରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

#### ପଡ଼ିଆ ଅନୁଧ୍ୟାନ କଲେ ଓସିଏ ବୈଷୟିକ କମିଟି ଟିମ୍

**ରାୟଗଡ଼ା ଅଫିସ,୧୧।୮:** ରାୟଗଡ଼ା ଜିଲାର କ୍ରିକେଟ ଖେଳାଳି ଓ କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଖୁସି ଖବର। ଏଣିକି ସଦରସ୍ଥିତ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ଅନୁମୋଦିତ କ୍ରିକେଟ ପଡ଼ିଆରେ ଜିଲା ଓ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ଜଣାପଡ଼ିଛି। ରାୟଗଡ଼ା ସହର ଉପକଣ୍ଠସ୍ଥ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଓସିଏ ସ୍ୱୀକୃତିପ୍ରାପ୍ତ ମ୍ୟାଚ୍ ଖେଳାଯିବା ନେଇ ନିଷ୍ପତ୍ତି ହୋଇଛି। ଏଥିପାଇଁ ବୁଧବାର ଓସିଏ ଗ୍ରାଉଣ୍ଡ ବୈଷୟିକ କମିଟି ସଭ୍ୟ ଖେଳ ପଡ଼ିଆର ଅନୁଧ୍ୟାନ କରିଛନ୍ତି। ପଡ଼ିଆରେ ୪ ନୂତନ ପିଚ୍ ପ୍ରସ୍ତୁତ ହେବାକୁ ଥିବାବେଳେ ରାଜ୍ୟସ୍ତରୀୟ ଖେଳାଳି ଏଠାରେ ପ୍ରଶିକ୍ଷଣ ମ୍ୟାଚ ଓ ଟୁର୍ନାମେଣ୍ଟ ଆଦି ଖେଳିପାରିବେ ବୋଲି ଜଣାପଡ଼ିଛି। ଓସିଏର ୭ଜଣିଆ ଟିମ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଖେଳ ପଡ଼ିଆର ଅନୁଧ୍ୟାନ କରିଥିଲେ। ଓସିଏ ପିଚ୍ ପରୀକ୍ଷକ ଧୀରେନ୍ ପଲେଇଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ରେ ଓସିଏ ସଭ୍ୟ ଦେବାଶିଷ ପାଢ଼ୀ, ରାୟଗଡ଼ା ଜିଲା କ୍ରିକେଟ ସଂଘର ସଭାପତି ନିରଞ୍ଜନ ବକ୍ସିପାତ୍ର, ଉପସଭାପତି ଗୋପସୁନ୍ଦର ସାହୁ, ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ରାଜେଶ ପାଢ଼ୀଙ୍କ ସମେତ ଜିଲା ସଂଯୋଜକ କେ. କଲ୍ୟାଣୀ ଆଚାରୀ, ଉମା ପଟ୍ଟନାୟକ ଓ ଦିନେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ତେବେ କମିଟି ସଭ୍ୟ ପଡ଼ିଆ ପରିଦର୍ଶନ ପରେ ଆଗାମୀ ଦିନରେ ଓସିଏ ପକ୍ଷରୁ ଏଠାରେ ମ୍ୟାଚ୍ ଖେଳାଯିବା ନେଇ ସବୁଜ ସଙ୍କେତ ଦେଇଥିବା ଜଣାପଡ଼ିଛି।

### ଭର୍ଚୁଆଲରେ ବୁଣାକାରଙ୍କୁ ତାଲିମ

**ଜୁନାଗଡ,୧୧।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଟାକୁଟ୍ରା କର୍ତ୍ତବ୍ୟ ଅନୁଷ୍ଠାନ ପରିସରରେ ବୁଧବାର ଜାତୀୟ ହସ୍ତତନ୍ତ ଅବସରରେ ନାବାର୍ଡ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଛୋରିଆଗଡ ଗ୍ରାମର ୪୨ ବୁଣାକାରଙ୍କୁ ତାଲିମ ପ୍ରଦାନ କରାଯାଇଛି। ପଶ୍ଚିମ ଓଡିଶାରେ ଲୋପ ପାଇବାକୁ ବସିଥିବା ପାରମ୍ପରିକ ହସ୍ତତନ୍ତକୁ ପୁନରୁଦ୍ଧାର କରି ବୁଣାକାରମାନଙ୍କୁ ନୂତନ ଓ ଆଧୁନିକମାନ ଡିଜାଇନ ଉପରେ ବୈଷୟିକ ପ୍ରଣାଳୀରେ ବୁଣିବା ତାଲିମ ଓ ଏହାର ବଜାରୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଅତିଥିଭାବେ ଡିଡିଏମ୍ କଳାହାଣ୍ଡି ମଳୟ କୁମାର ମେହେର, ଏଲବିଏମ୍ କଳାହାଣ୍ଡି ଡିପି ସିଂହ ପ୍ରମୁଖ ଯୋଗଦେଇଥିଲେ। ଆମ ଅଞ୍ଚଳର ପାରମ୍ପାରିକ ହସ୍ତତନ୍ତକୁ କିପରି ବଞ୍ଚାଇ ପାରିବା ଓ ଉତ୍ପାଦନକୁ ରାଜ୍ୟ, ଦେଶ କିମ୍ବା ବାହାର ଦେଶକୁ କିପରି ଭାବେ ବଜାରକରଣ କରିପାରିବା ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କର୍ତ୍ତବ୍ୟର ମୁଖ୍ୟ ପରିଚାରକ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ।

### ଧାନବସ୍ତା ବାବଦରେ ସରକାର ୨୨୦୬ କୋଟି ଲୁଟିଛନ୍ତି: କଂଗ୍ରେସ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ):** କଥା କଥାରେ ୫-ଟି ଓ ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଗତ ୧୦ ବର୍ଷରେ ଧାନବସ୍ତା ବାବଦରେ ୨୨୦୬ କୋଟି ଟଙ୍କା ହରିଲୁଟ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ କହିଛନ୍ତି, ରାଜ୍ୟର ଜଣେ ହେଲେ ଚାଷୀ ଏ ବାବଦରେ ଟଙ୍କାଟିଏ ପାଇନାହାନ୍ତି। ମୁଖ୍ୟମନ୍ତ୍ରୀ ନିଜ ମୁହଁରେ ଏହାର ଉତ୍ତର ରଖନ୍ତୁ। ଚାଷୀ ବସ୍ତା ବାବଦରେ ଟଙ୍କା ପାଇ ନ ଥିବାବେଳେ ବର୍ଷକୁ ବର୍ଷ ବସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯିବା ପଛରେ କାରଣଟି କ'ଣ। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଅବଗତି ଅଛନ୍ତି କି ନାହିଁ ବୋଲି ସେ ପ୍ରଶ୍ନ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ବିଭାଗୀୟ ମନ୍ତ୍ରୀ, ସଚିବ, ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ, ମିଲ୍‌ମାଲିକ ଏବଂ ସିଏସ୍‌ଓ ପ୍ରଭୃତିଙ୍କ ଅସାଧୁ ମେଣ୍ଟ ଚାଷୀଙ୍କୁ ଏମିତି ବର୍ଷ ବର୍ଷ ଧରି ଲୁଟୁଥିବାରୁ ଏହା ବିରୋଧରେ କଂଗ୍ରେସ ପକ୍ଷରୁ ଗୃହରେ ଏବଂ ଗୃହ ବାହାରେ ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ରିଜର୍ଭ ବ୍ୟାଙ୍କର ଗାଇଡ୍‌ଲାଇନ ଅନୁସାରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କଲାବେଳେ ଅଗ୍ରିମ ଅର୍ଥ ପ୍ରଦାନ ପାଇଁ ସୁପାରିସ ଥିଲେ ମଧ ଓଡ଼ିଶାରେ କାହିଁକି ଏ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ପରିବାର ସହ ଭଙ୍ଗାଘରେ ବିତୁଛି ଦିନ

**ବିନିକା,୧୧।୮(ଡି.ଏନ୍.ଏ.)**


ଭଙ୍ଗାଘର ଆଗରେ ଅଶ୍ୱିନୀ ଓ ତାଙ୍କ ପରିବାର।

ନିକଟରେ ହୋଇଥିବା ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଅନେକ ଗରିବ ଲୋକଙ୍କ କଚ୍ଚା ଘର ଭାଙ୍ଗିଯାଇଛି। କେହି ନିଜ ଉଦ୍ୟମରେ ଘର ସଜାଡି ନେଇଥିବା ବେଳେ ଅନ୍ୟ କେହି ଅର୍ଥାଭାବରୁ ଭଙ୍ଗା ଘରେ ଭାଗ୍ୟକୁ ଆଦରି ପଡି ରହିଛି । ଏହାର ଉଦାହରଣ ଦେଖିବା ପାଇଁ ମିଳିଛି ବ୍ଲକ ଅନ୍ତର୍ଗତ ଭଣ୍ଡାର ପଞ୍ଚାୟତର ପିତେଇପାଳି ଗାଁ ଦଳିତ ସାହିରେ। ଉକ୍ତ ସାହିର ଶେଷ ମୁଣ୍ଡରେ ରୁହନ୍ତି ଅଶ୍ୱିନୀ ଦୀପ (୪୨)। ନିଜର ଝାଟି ମାଟି ଚାଳଘରେ ସ୍ତ୍ରୀ ରାଜେଶ୍ୱରୀ, ବୃଦ୍ଧ ପିତା ବେନାର ଦୀପ ଓ ଦୁଇପୁଅଙ୍କୁ ନେଇ ତାଙ୍କ ପରିବାର । ଅଶ୍ୱିନୀ କାମକୁ ଯାଇ ଯାହା ଆଣନ୍ତି ସେଥିଲେ ଘର ଚଳେ । ତେବେ କିଛି ଦିନ ପୂର୍ବରୁ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇ ହୋମ କ୍ୱାରେଣ୍ଟାଇନରେ ଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଅସୁସ୍ଥତା କାରଣରୁ ଦୁର୍ବଳ ହୋଇ ପଡିବା ହେତୁ ପୂର୍ବରୁ ଯାହା କିଛି ଅର୍ଥ ଅର୍ଜନ କରି ସଞ୍ଚିତ ରଖିଥିଲେ ସେହି ଟଙ୍କା ଘର ଚଳାଇବାରେ ବ୍ୟୟ ହୋଇଗଲା । ଏଭଳି ପରିସ୍ଥିତିରେ ଜୁଲାଇରେ ହୋଇଥିବା ଲଗାଣ ବର୍ଷା ଦାଉ ସାଧିଥିଲା । ଅଶ୍ୱିନୀଙ୍କ ମାଟି ଘର ବର୍ଷାରେ ଭାଙ୍ଗିଗଲା । ଏବେ ସେ କିଭଳି ଘର ସଜାଡିବେ ସେହି ଚିନ୍ତା ତାଙ୍କୁ ଘାରିଛି । ଅର୍ଥାଭାବରୁ ଅଧିକାଂଶ ସମୟ

**ବର୍ଷାରେ ଭାଙ୍ଗିଲା ଘର**

ଭୋକ ଓପାସରେ ଦିନ କାଟିବାକୁ ପଡୁଛି। ଏଣେ ବର୍ଷା ଦିନେ ଘର ଭାଙ୍ଗିବା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ବର୍ତ୍ତମାନ ଭଙ୍ଗା ଘରେ ପଲିଥିନ ଟାଣି ପରିବାର ସହ ସେ ଦୟନୀୟ ଭାବେ ଦିନ କାଟୁଛନ୍ତି । ସେ ଅତ୍ୟନ୍ତ ଗରିବ ହୋଇଥିବା ବେଳେ ସରକାରୀ ଆବାସ ଯୋଜନାରେ ଅଦ୍ୟାବଧି ସାମିଲ ହୋଇ ପାରିନାହାନ୍ତି । ଏଥିପାଇଁ ଆବେଦନ କରି ବହୁବାର ବ୍ଲକ ଅଫିସକୁ ଦୌଡିଥିଲେ ହେଁ ସୁଫଳ ମିଳିନାହିଁ । ଫଳରେ ବର୍ଷା ହେଲେ ଅଶ୍ୱିନୀଙ୍କ ପରବାର ଆଖିରୁ ନିଦ ହଜି ଯାଉଛି । ଏପଟେ ଘର ଭାଙ୍ଗିଥିବା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତଦାରଖ କରିନାହାନ୍ତି। ଯଥାଶୀଘ୍ର ଘରଭଙ୍ଗା ସହାୟତା ସହିତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଅଶ୍ୱନୀଙ୍କ ପରିବାର ଲୋକେ ନିବେଦନ କରିଛନ୍ତି ।

# ୨ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ଗୋଲାମୁଣ୍ଡା,୧୧।୮(ଡି.ଏନ.ଏ.)**

- ଉଭୟ ମହିଳାଙ୍କ ଜନ୍ମିତ ଶିଶୁଙ୍କୁ ଅଭିଯୁକ୍ତ ତଣ୍ଟିଚିପି ହତ୍ୟା ଅଭିଯୋଗ
- ରିମାଣ୍ଡରେ ଆଣି ଅଭିଯୁକ୍ତଙ୍କୁ ପଚରାଉଚରା କଲା ପୋଲିସ
- ଗୋଆରୁ ଗୋଟିଏ ଶିଶୁର କଙ୍କାଳ ଉଦ୍ଧାର

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଏକ ଅଭାବନୀୟ ଘଟଣା ଏବେ ସାମନାକୁ ଆସିଛି। ପେଟପାଟଣା ପାଇଁ ଗୋଆ ଦାଦନ ଖଟିଯିବା ଅବସରରେ ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଦୁଇଜଣ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ସେମାନଙ୍କଠାରୁ ଜନ୍ମିତ ୨ ଶିଶୁଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟାଇବା ପରେ ସମ୍ପୃକ୍ତ ଯୁବକ ଦୁଇ ପୀଡିତାଙ୍କ ମଧ୍ୟରୁ ଜଣଙ୍କୁ ନେଇ ପୁଣି ଅନ୍ୟତ୍ର ପଳାଇବା ଓ ପୁଣି ଛାଡିଦେବା ପରେ ଘଟଣା ଚର୍ଚ୍ଚାକୁ ଆସିଛି। ମଙ୍ଗଳବାର ଅଭିଯୁକ୍ତ ଜୟପାଟଣା ଥାନା ବେହେରନସିଲ ଗ୍ରାମର ତ୍ରିପାଲ ନାଏକଙ୍କୁ ଧର୍ମଗଡ ଥାନା ପୋଲିସ ଧର୍ମଗଡ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ବର୍ଷକ ତଳେ ଜୟପାଟଣା ଥାନା ବେହେରନସିଲର ତ୍ରିପାଲଙ୍କ ସହ ଉଭୟ ମହିଳା ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। କିଛି ଦିନ ସେଠାରେ ରହିବା ପରେ ଉଭୟଙ୍କ ସହ ତ୍ରିପାଲଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତ୍ରିପାଲ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ମାସ ପରେ ଉଭୟେ ୨ଶିଶୁ ଜନ୍ମ ଦେଇଥିଲେ। ଏହାପରେ ତ୍ରିପାଲ ଛଳନା କରି ୨ଶିଶୁଙ୍କୁ ତଣ୍ଟି ଚିପି ମାରିଦେଇଥିବା ଅଭିଯୋଗ ହୋଇଥିଲା।

ଗତ ଜୁଲାଇ ୪ ତାରିଖରେ ତ୍ରିପାଲ ଉଭୟ ଯୁବତୀଙ୍କୁ ସେମାନଙ୍କ ଗାଁ ବୋରଗୁମାରେ ଆଣି ଛାଡି ଦେବା ପରେ ନିଜ ଗାଁ ବେହେରନସିଲ ଚାଲିଯାଇଥିଲା। ଏହାର କିଛିଦିନ ପରେ ତ୍ରିପାଲ ପୁଣିଥରେ ବୋରଗୁମା ଆସି ଜଣେ ପୀଡିତଙ୍କୁ ନେଇ ପୁଣି କୁଆଡେ ଚାଲିଯାଇଥିଲେ। ଏହାପରେ ଅନ୍ୟ ପୀଡିତା ମହିଳା ଜଣଙ୍କ ତ୍ରିପାଲଙ୍କ ନାମରେ ୨୦୨୧ ଜୁଲାଇ ୨୭ରେ ଦଶପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୯୦/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ୨ ଶିଶୁଙ୍କୁ ହତ୍ୟା କରିବା ଅଭିଯୋଗରେ ତ୍ରିପାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୧ ତାରିଖରେ ପୋଲିସ ଅଭିଯୁକ୍ତ ତ୍ରିପାଲଙ୍କୁ ରିମାଣ୍ଡରେ ଆଣିଥିଲା। ଅଧିକ ତଦନ୍ତ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଗୋଆ ଯାଇଥିଲା। ସେଠାରେ ତନାଘନା ପରେ ଗୋଟିଏ ଶିଶୁର କଙ୍କାଳ ଜବତ କରିଥିବା ସୂଚନା ମିଳିଛି।

## ଦ୍ୱାରଶୁଣୀ ଘାଟିରେ ଟ୍ରକ୍ ଓଲଟି ୨ ମୃତ

**ବାଙ୍ଗିରିପୋଷି,୧୧।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ଏକ ପିଆଜ ବୋଝେଇ ଟ୍ରକ୍ ଓଲଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମହାରାଷ୍ଟ୍ରର ନାଶିକରୁ ପିଆଜ ନେଇ ଟ୍ରକ୍‌ଟି କୋଲକାତା ଅଭିମୁଖେ ଯାଉଥିବା ବେଳେ ଦ୍ୱାରଶୁଣି ଘାଟି ରାସ୍ତାର ଡେଞ୍ଜର ଜୋନ୍‌ଠାରେ ଭାରସାମ୍ୟ ହରାଇ ପ୍ରାୟ ଶହେ ଫୁଟ ତଳକୁ ଖସି ପଡ଼ିଥିଲା। ଟ୍ରକରେ ଡ୍ରାଇଭର ସମେତ ମୋଟ ୩ଜଣ ଥିଲେ। ଦୁର୍ଘଟଣା ସମୟରେ ଖଲାସୀ ୱାସିମ୍ ଗାଡ଼ିରୁ ଡେଇଁପଡ଼ି ଗୁରୁତର ହୋଇଥିଲେ। ଚାଳକ ଏବଂ ତାଙ୍କର ଜଣେ ବନ୍ଧୁ ଟ୍ରକ ତଳେ ଚାପି ହୋଇ ରହି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ଦମକଳବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚାଳକ ଇନସ ଏବଂ ତାଙ୍କ ବନ୍ଧୁ ଜାୱାଇଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ତେବେ ଦୁର୍ଘଟଣା ପରେ ଶହଶହ ଲୋକ ସେଠାରେ ପହଞ୍ଚି ପିଆଜ ଲୁଟି ନେଇଥିବା ଦେଖିବାକୁ ମିଳିଥିଲା।

# ହାଇକୋର୍ଟରେ ସ୍ତ୍ରୀଙ୍କ ଆଗୁଆ ଜାମିନ ଆବେଦନ

**କଟକ ଅଫିସ, ୧୧।୮**

**ଓଏସ୍‌ଏସ୍‌ସି ସଦସ୍ୟଙ୍କ ପିଏସ୍ ବିରଞ୍ଚି ସାହୁ ଗିରଫ ଘଟଣା**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟାରି(ପିଏସ୍) ବିରଞ୍ଚି ନାରାୟଣ ସାହୁ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଘଟଣାରେ ବିରଞ୍ଚିଙ୍କୁ ସାହାଯ୍ୟ କରିଥିବା ନେଇ ସ୍ତ୍ରୀ ସୁଧାଂଶୁବାଳା ସାହୁ ଓ ସଢୁ ମନୋରଞ୍ଜନ ସାହୁଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିଥିଲା। ଏବେ ସ୍ତ୍ରୀ ଓ ସଢୁ ଫେରାର ଥିବାବେଳେ ଭିଜିଲାନ୍ସ ସେମାନଙ୍କୁ ଖୋଜୁଛି। ସମ୍ଭାବ୍ୟ ଗିରଫଦାରିକୁ ଏଡାଇବା ପାଇଁ ବୁଧବାର ସୁଧାଂଶୁବାଳା ତାଙ୍କ ଓକିଲଙ୍କ ଜରିଆରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିରଞ୍ଚିଙ୍କର ଭୁବନେଶ୍ୱର ବାସଭବନ, କଟକସ୍ଥିତ ଶ୍ୱଶୁର ଘର ଓ ସମ୍ପର୍କୀୟଙ୍କ ଘରକୁ ମିଶାଇ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଗତ ୩୧ ତାରିଖରେ ଭିଜିଲାନ୍ସ ବିରଞ୍ଚିଙ୍କୁ ଗିରଫ କରି ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଚାକିରି ବ୍ୟତୀତ ବିରଞ୍ଚି ୨୦୦୯ରୁ ତାଙ୍କ ସ୍ତ୍ରୀଙ୍କ ନାଁରେ ଇନ୍‌ସ୍ୟୁରାନ୍ସ ବ୍ୟବସାୟ ଚଳାଉଥିଲେ। ସ୍ତ୍ରୀଙ୍କ ନାଁରେ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଥିବାବେଳେ ସଢୁଙ୍କ ଘରୁ ୧୩ ଲକ୍ଷ ଟଙ୍କା ମିଳିଥିଲା। ସମ୍ଭାବ୍ୟ ଗିରଫଦାରିକୁ ଏଡାଇବା ପାଇଁ ମନୋରଞ୍ଜନ ତାଙ୍କ ଓକିଲଙ୍କ ଜରିଆରେ ଗତ ୪ ତାରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

## ୧୦୦ ଜଣଙ୍କୁ ମିଳିବ ଡିଜିପି ଡିସ୍କ ଆୱାର୍ଡ

**କଟକ ଅଫିସ,୧୧।୮**

ଡିଜିପି ଡିସ୍କ ଆୱାର୍ଡ ପାଇବା ପାଇଁ ୧୦୦ଜଣ ପୋଲିସ ଅଧିକାରୀ, କର୍ମଚାରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ବଲାଙ୍ଗୀର ଏସ୍‌ପି କୁଶଲକର ନିତିନ ଦଗୁଡୁ, କଳାହାଣ୍ଡି ଏସ୍‌ପି ଡ. ସର୍ବଣ ବିବେକ ଏମ୍, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଏଆଇଜି ଅନିଲ କୁମାର ପାତ୍ର, ମାଲକାନଗିରି ୪ର୍ଥ ଏସ୍‌ଏସ୍ ବାଟାଲିୟନର କମାଣ୍ଡାଣ୍ଟ ଦୁର୍ବାସା ନାୟକ ପ୍ରମୁଖ ରହିଛନ୍ତି। ସମସ୍ତଙ୍କୁ ଆସନ୍ତା ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଡିଜିପି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ରେଢ଼ାଖୋଲ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି କଲା ଜିଲା ଓକିଲ ସଂଘ

**ବୌଦ୍ଧ,୧୧।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ରେଢାଖୋଲ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଦାବି କରାଯାଇଛି । ଏ ନେଇ ଏକ ଦାବିପତ୍ର ଓକିଲ ସଂଘ ପକ୍ଷରୁ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ଜରିଆରେ ରେଳମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ବୌଦ୍ଧ ଜିଲାବାସୀ ରେଳଯାତ୍ରା ପାଇଁ ୩୦ କିଲୋମିଟର ଦୂର ରେଢାଖୋଲ ଷ୍ଟେଶନ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି। କିନ୍ତୁ ଏହି ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନଗୁଡିକର ରହଣି ନ ଥିବାରୁ ରେଳଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବୌଦ୍ଧ ଠାରେ ମହାନଦୀ ସେତୁ ନିର୍ମାଣ ପରେ ରେଳଯାତ୍ରା ପାଇଁ ବୌଦ୍ଧ ଜିଲାବାସୀ ମୁଖ୍ୟତଃ ରେଢାଖୋଲ ଷ୍ଟେଶନ ଉପରେ ନିର୍ଭର କରି ଆସୁଛନ୍ତି। କେବଳ ବୌଦ୍ଧ ନୁହେଁ ସୁବର୍ଣ୍ଣପୁର, ଆଠମଲ୍ଲିକ ଓ କନ୍ଧମାଳ ଅଞ୍ଚଳର ଯାତ୍ରୀମାନେ ରେଳଯାତ୍ରା ପାଇଁ ଏହି ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ତେଣୁ ବାରମ୍ବାର ଦାବି ପରେ ରେଢାଖୋଲ ଷ୍ଟେଶନଠାରେ ବୌଦ୍ଧ ପଟକୁ ପ୍ଲାଟଫର୍ମ ନିର୍ମାଣ କରାଯିବା ସହିତ ରାସ୍ତା ମଧ ନିର୍ମାଣ କରାଯାଇଛି। ରେଢାଖୋଲ ଠାରୁ ଟ୍ରେନ ଯୋଗେ ଭୁବନେଶ୍ୱର, ରାଉରକେଲା ଭଳି ସହରକୁ ସକାଳେ ଯାଇ କାମ ସାରି ପୁଣି ସନ୍ଧ୍ୟା ସୁଦ୍ଧା ଲୋକମାନେ ଫେରି ପାରୁଛନ୍ତି। କିନ୍ତୁ ଦେଶର ବିଭିନ୍ନ ସ୍ଥାନକୁ ଏହି ରାସ୍ତା ଦେଇ ଯାଉଥିବା ସମସ୍ତ ଦ୍ରୁତଗାମୀ ଟ୍ରେନର ରହଣି ରେଢାଖୋଲ ଷ୍ଟେଶନରେ ନ ଥିବାରୁ ଯାତ୍ରୀମାନଙ୍କୁ ହଇରାଣ ହୋଇ ସମ୍ବଲପୁର ପର୍ଯ୍ୟନ୍ତ ଯିବାକୁ ପଡୁଛି। ତେଣୁ ରେଢାଖୋଲ ଦେଇ ଯାଉଥିବା ୪ ଗୋଟି ଦ୍ରୁତଗାମୀ ଟ୍ରେନ ରେଢାଖୋଲ ଷ୍ଟେଶନଠାରେ ରହଣି ପାଇଁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ଓକିଲ ସଂଘ ପକ୍ଷରୁ ରେଳମନ୍ତ୍ରୀଙ୍କ ନିକଟକୁ ପଠା ଯାଇଥିବା ଦାବିପତ୍ରରେ ପୁରୀ -ସୁରଟ୍(୦୨୮୨୭) ଓ ସୁରଟ୍-ପୁରୀ (୦୨୮୨୮),ଭୁବନେଶ୍ୱର-ଏଲଟିଟି(୦୨୮୮୦) ଓ ଏଲଟିଟି-ପୁରୀ(୦୨୮୭୯),ଭୁବନେଶ୍ୱର-ନୂଆଦିଲ୍ଲୀ(୦୨୮୫୫) ନୂଆଦିଲ୍ଲୀ-ଭୁବନେଶ୍ୱର(୦୨୮୫୬), ପୁରୀ-ସାଇନଗର(୧୮୪୦୮) ଓ ସାଇନଗର-ପୁରୀ(୧୮୪୦୭) ଆଦି ଦ୍ରୁତଗାମୀ ଟ୍ରେନର ରେଢାଖୋଲ ଷ୍ଟେଶନରେ ରହଣି ଦାବି ଉଲ୍ଲେଖ ରହିଛି। ଜିଲା ଓକିଲ ସଂଘର ସଭାପତି ତାରିଣୀ ମହାପାତ୍ର ଏହି ଦାବି ସଂପର୍କରେ ସୂଚନା ଦେଇଛନ୍ତି । ଏହି ଦ୍ରୁତମାଗୀ ଟ୍ରେନଗୁଡିକର ରହଣି ହେଲେ ଚାରିଗୋଟି ଜିଲାର ରେଳଯାତ୍ରୀମାନେ ସୁବିଧାରେ ଏଠାରୁ ରେଳଯାତ୍ରା କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ଓକିଲ ସଂଘର ଏହି ଦାବିକୁ ଜିଲାର ବୁଦ୍ଧିଜିବୀ ମହଲରେ ସ୍ୱାଗତ କରାଯାଇଛି।

**ଆଜାଦୀ କା ଅମୃତ ମହୋତ୍ସବ**

# ବର୍ଷବ୍ୟାପୀ ହେବ ବିଭିନ୍ନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**


ବୈଠକରେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ପରିପ୍ରେକ୍ଷୀରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ବିଭିନ୍ନ ବିଭାଗର ପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଭବାନୀପାଟଣା, ସମ୍ବଲପୁର ଓ କୋରାପୁଟଠାରେ ଦେଶାତ୍ମବୋଧକ ଶିଶୁ ନାଟକ, ଲୋକନୃତ୍ୟ, ଲୋକସଙ୍ଗୀତ, ନୃତ୍ୟ-ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ-ସଙ୍ଗୀତ ଆଦି ପରିବେଷଣ କରାଯିବ। ଏହାଛଡ଼ା ସ୍ମରଣୀୟ ଘଟଣାକ୍ରମକୁ ପୁନଃସୃଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିରେ ଲବଣ ସତ୍ୟାଗ୍ରହ, ଦାଣ୍ଡିଯାତ୍ରା ଭଳି କାର୍ଯ୍ୟକ୍ରମ ସାମିଲ କରାଯାଇଛି। ସେହିଭଳି ପଥପ୍ରାନ୍ତ ନାଟକ ପରିବେଷଣ ସହ ଲଳିତକଳା ଏକାଡେମୀ ତରଫରୁ ଶିଳ୍ପୀ ଶିବିରରେ ବହୁସଂଖ୍ୟାରେ ଛାତ୍ରୀଛାତ୍ରଙ୍କୁ ସାମିଲ କରିବାକୁ ସ୍ଥିର କରାଯାଇଥିଲା। ତା'ଛଡ଼ା ଜନସାଧାରଣ ଏହି ମହୋତ୍ସବରେ କିପରି ନିଜକୁ ସାମିଲ କରିପାରିବେ ସେ ଦିଗରେ କେତେକ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହା ମାଧ୍ୟମରେ ଦେଶମାତୃକା ପାଇଁ ପ୍ରାଣବଳୀ ଦେଇଥିବା ଅନାଲୋଚିତ ମହାନାୟକଙ୍କୁ ଲୋକଲୋଚନକୁ ଅଣାଯିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯିବା ଉପରେ ଅଧିକ ଦୃଷ୍ଟି ଦେବାକୁ ସଚିବ ପ୍ରକାଶ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏହା କେବଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କାର୍ଯ୍ୟ ନୁହେଁ, ଏଥିରେ ସମସ୍ତ ବିଭାଗ ସାମିଲ ନ ହେଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ନାହିଁ ବୋଲି କହିବା ସହ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ଏହି ବୈଠକରେ ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟ, ସଞ୍ଜୟ ମିଶ୍ର, ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ।

# 'ପୂର୍ବତଟ ରେଳପଥ ଜୋନ୍‌ରୁ ୱାଲ୍‌ଟିୟର ଡିଭିଜନ ଅଲଗା ନ ହେଉ'

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ**

- ଚକ୍ରଧରପୁର ଓ ଖଡଗପୁର ଡିଭିଜନର ଓଡିଶା ଅଞ୍ଚଳକୁ ଇଷ୍ଟ କୋଷ୍ଟ ଜୋନ୍‌ରେ ମିଶାଇ ମିଶାଯାଉ

୨୦୧୯ରେ ରେଳ ମନ୍ତ୍ରଣାଳୟ ପୂର୍ବତଟ ରେଳପଥ ଜୋନ୍‌ରୁ ୱାଲ୍‌ଟିୟର ଡିଭିଜନ ଅଲଗା କରିନେଇ ଆନ୍ଧ୍ରପ୍ରଦେଶ ପାଇଁ ଏକ ସ୍ୱତନ୍ତ୍ର ରେଳ ଜୋନ୍ ପ୍ରତିଷ୍ଠାର ଘୋଷଣା କରିଛି। ଏହି ନିଷ୍ପତ୍ତି ଯୋଗୁ ଇଷ୍ଟକୋଷ୍ଟ ଜୋନ୍‌ର ବଡ଼ କ୍ଷତି ହେବାକୁ ଯାଉଛି। ଏହାଦ୍ୱାରା ଇଷ୍ଟ କୋଷ୍ଟ ବାର୍ଷିକ ୫ରୁ ୧୦ ହଜାର କୋଟି ଟଙ୍କା ହରାଇବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଅଭିଯୋଗ ଆଣିଛନ୍ତି। ଏନେଇ ବୁଧବାର ଶ୍ରୀକାନ୍ତ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି।

ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଇଷ୍ଟକୋଷ୍ଟ ରେଲୱେ ଜୋନ ୧୯୯୬ରେ ତତ୍କାଳୀନ ୟୁନାଇଟେଡ୍ ଫ୍ରଣ୍ଟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ପ୍ରତିଷ୍ଠା ହୋଇଥିଲା। ଏହାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ସବରେ ସେ ମଧ କେନ୍ଦ୍ରମନ୍ତ୍ରୀ ଭାବେ ଉପସ୍ଥିତ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ଦେଶର ସମସ୍ତ ରେଳଜୋନ୍ ମଧ୍ୟରେ ଏକ ନମ୍ବର ହୋଇପାରିଛି। ଏଠାରୁ ପ୍ରତିବର୍ଷ ୨୫ ହଜାର କୋଟି ଟଙ୍କାରୁ ଅଧିକ ଲାଭ ହେଉଛି। ଏହି ରେଳ ଜୋନ ପ୍ରତିଷ୍ଠା ଲାଗି ବହୁ ଛାତ୍ର ଓ ଯୁବନେତା ଦିଲ୍ଲୀର ତିହାର ଜେଲଠାରୁ ଆରମ୍ଭ କରି କଟକ ଓ ଖୋର୍ଦ୍ଧା ଜେଲରେ ସମୟ କଟାଇଛନ୍ତି। ତେଣୁ ଉକ୍ତ ରେଳଜୋନ୍‌କୁ ସଂକୀର୍ଣ୍ଣ କରା ନ ଯାଉ। ଏପରିକି ରେଲୱେରେ ଚାକିରି କ୍ଷେତ୍ରରେ ଓଡିଆ ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ। ଯଦି କେନ୍ଦ୍ର ସରକାର ନୀତିଗତ ଭାବେ ରାଜ୍ୟ ଓ କେନ୍ଦ୍ରିକ ରେଳଜୋନ କରିବାକୁ ଯାଉଛନ୍ତି ତେବେ ଦକ୍ଷିଣ-ପୂର୍ବ ରେଳବାଇର ଚକ୍ରଧରପୁର ଓ ଖଡଗପୁର ଡିଭିଜନର ଓଡିଶା ଅଞ୍ଚଳକୁ ଇଷ୍ଟ କୋଷ୍ଟ ଜୋନ୍‌ରେ ମିଶାଇ ଦିଆଯାଉ ବୋଲି ସେ କହିଛନ୍ତି।

ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ରାଜ୍ୟ ସଭାକୁ ଯାଇ ରେଳମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ଉପରେ ଚାପ ପକାଇ ଓଡ଼ିଶାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଗେଇ ଆସନ୍ତୁ ବୋଲି ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି।

# କ୍ରିଷ୍ଣା ଦେବାଶିଷଙ୍କୁ ଗ୍ରାଣ୍ଡମାଷ୍ଟର ଉପାଧି

**ରସୁଲପୁର,୧୧।୮(ଡି.ଏନ.ଏ.)**




ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବାମଦେବପୁର ଗ୍ରାମର ୨ ବର୍ଷ ୧୦ ମାସ ବୟସର ବାଳକ ଡି.ଏନ୍. କ୍ରିଷ୍ଣା ଦେବାଶିଷଙ୍କୁ ଆଉ ଏକ ସଫଳତା ମିଳିଛି। ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ତାଙ୍କୁ ଗ୍ରାଣ୍ଡମାଷ୍ଟର ଉପାଧି ଦିଆଯାଇଛି। ସେ ନିକଟରେ ୨୩.୭୨ ସେକେଣ୍ଡରେ ଦେଶର ସମସ୍ତ ରାଜ୍ୟର ରାଜଧାନୀ ନାମ ଆବୃତ୍ତିକରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲେ। ତାଙ୍କର ଏହି ରେକର୍ଡ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ କାଏମ୍ ରହିଛି। ଫଳରେ ତାଙ୍କୁ ଗ୍ରାଣ୍ଡମାଷ୍ଟର ଉପାଧି ପ୍ରଦାନ କରାଯାଇଥିବା ନେଇ ୫ ତାରିଖରେ ଏସିଆ ବୁକ୍ ଅଫ ରେକର୍ଡ୍ସ ପକ୍ଷରୁ ଅବଗତ କରାଯାଇଛି। ଦେବାଶିଷଙ୍କୁ ପଦକ ସହ ମାନପତ୍ର ପ୍ରଦାନ କରାଯାଇଛି। ଏବେ ତାଙ୍କୁ ଗ୍ରାଣ୍ଡମାଷ୍ଟର ଡି.ଏନ୍. କ୍ରିଷ୍ଣା ଦେବାଶିଷ ବୋଲି ସମ୍ବୋଧନ କରାଯିବ।

ନିଜର ସ୍ମରଣଶକ୍ତି ଓ ବୁଦ୍ଧିମତ୍ତା ପାଇଁ ବହୁ ସଫଳତାର ଅଧିକାରୀ ହେଉଛନ୍ତି କ୍ରିଷ୍ଣା ଦେବାଶିଷ। ଏବେ ସେ ୱାର୍ଲଡ ବୁକ୍ ଅଫ୍ ରେକର୍ଡ୍ସ ଓ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଜଣେ ଶିଶୁ ପ୍ରତିଭା ଭାବେ ସ୍ଥାନ ପାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପୁଅର ଏହି ସଫଳତାରେ ପିତା ସ୍ଥଳସେନା କର୍ମଚାରୀ ଧର୍ମକାନ୍ତ ରାଉତ ଓ ମାତା ମିତା ପାଲ୍ ଖୁସି ପ୍ରକଟ କରିଛନ୍ତି। ଏହି ପରିବାର ଏବେ ଉତ୍ତରପ୍ରଦେଶର ଡେରାଡୁନ ସହରରେ ରହୁଛନ୍ତି। ମା'ବାପାଙ୍କ ଏକମାତ୍ର ପୁଅ ଦେବାଶିଷ ୧ ଅକ୍ଟୋବର ୨୦୧୮ରେ ଜନ୍ମ ଗ୍ରହଣ କରିଥିଲେ। ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ପାଇଁ ୨୩ ଏପ୍ରିଲ ୨୦୨୧ରେ ମୌଖିକ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ପରୀକ୍ଷାରେ ରାଜ୍ୟର ରାଜଧାନୀଗୁଡିକୁ ଆବୃତ୍ତି କରି ଦେଶର ଦ୍ରୁତତମ ଶିଶୁ ପ୍ରତିଭାଧାରୀ ହୋଇପାରିଥିଲେ। ଏହି ରେକର୍ଡକୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ସଂସ୍ଥା ପକ୍ଷରୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ନିକଟକୁ ପଠାଯାଇଥିଲା। ପୁଅର ଏହି ସଫଳତା ପରେ ଧର୍ମକାନ୍ତ ଓ ମିତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସଂକ୍ଷେପରେ

### ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଲ୍ଆଇସି ଲିଷ୍ଟିଂ

**ନୂଆଦିଲ୍ଲୀ,୧୧।୮:** ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)କୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପୁଞ୍ଜିବଜାରରେ ଲିଷ୍ଟିଂ ବା ସୂଚୀଭୁକ୍ତ କରାଇବା ଲାଗି ସରକାର ଯୋଜନା ରଖିଛନ୍ତି। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ୫୦ ହଜାର କୋଟି ଟଙ୍କାର ଡିଭିଡେଣ୍ଡ ଆଦାୟ କରିବାକୁ ସରକାର ଯୋଜନା ରଖିଥିବା ଅର୍ଥ ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ଏବଂ ନିବେଶ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ ବୁଧବାର ସୂଚନା ଦେଇଛନ୍ତି। ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଥିବାରୁ ଚଳିତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସକୁ ସରକାର ଧ୍ୟାନରେ ରଖିଛନ୍ତି। ସେହିଭଳି ରାଷ୍ଟ୍ରାୟତ୍ତ ଭାରତ ପେଟ୍ରୋଲିୟମ ଏବଂ ଏୟାର ଇଣ୍ଡିଆର ଘରୋଇକରଣ ମାର୍ଚ୍ଚ ୨୦୨୨ ସୁଦ୍ଧା ସାରିବାକୁ ଯୋଜନା ରଖାଯାଇଛି। ଏଲ୍ଆଇସିର ଆଇପିଓ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଗତ ମାସରେ ମଞ୍ଜୁରୀ ପ୍ରଦାନ କରିଛି। ଏହାର କେତେ ଅଂଶଧନ ବିକ୍ରି ହେବ ସେ ନେଇ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ବିଚାର କରିବ। ଆର୍ଥିକ ସେବା ବିଭାଗ ଏ ସଂକ୍ରାନ୍ତ ବିଭିନ୍ନ ଦିଗ ଉପରେ ବର୍ତ୍ତମାନ କାମ କରୁଛି। ଏଲ୍ଆଇସି ଆଇନ ୧୯୫୬ର ସଂଶୋଧନ ହେବ। ସରକାର ପ୍ରସ୍ତାବିତ ଆଇପିଓ ନେଇ ଶୀଘ୍ର ଏନେଇ ଏକ ଡ୍ରାଫ୍ଟ ଜାରି କରିବେ। ସେବି ସହ ଏ ଦିଗରେ ଆଲୋଚନା ଜାରି ରହିଛି ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି।

### ୬ ଲକ୍ଷ କୋଟିର ଆସେଟ ମନିଟାଇଜେଶନ ଯୋଜନା

**ନୂଆଦିଲ୍ଲୀ,୧୧।୮:** ସରକାର ବର୍ତ୍ତମାନ ୬ଲକ୍ଷ କୋଟି ଟଙ୍କାର ଆସେଟ ମନିଟାଇଜେଶନ ଯୋଜନା ଉପରେ କାମ କରୁଛନ୍ତି। ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ, ନ୍ୟାଶନାଲ ହାଇୱେ ଭଳି ବିଭିନ୍ନ ସମ୍ପତ୍ତି ଏହା ମଧ୍ୟରେ ସାମିଲ ରହିଥିବା ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ପକ୍ଷରୁ ସୂଚନା ମିଳିଛି। ପାୱାର ଗ୍ରୀଡ୍ ଲାଗି ଭିତ୍ତିଭୂମି ନିବେଶ ଟ୍ରଷ୍ଟ ହାତକୁ ନିଆଯାଇଛି। ଗେଲ୍ କ୍ଷେତ୍ରରେ ମଧ୍ୟ ଏଭଳି ପଦକ୍ଷେପ ନିଆଯିବ। ଫଳରେ ନିୟାମକ ବ୍ୟବସ୍ଥା ଏହା ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ। ରେଲୱେ ଷ୍ଟେଶନଗୁଡିକ କ୍ଷେତ୍ରରେ ସରକାରୀ ଘରୋଇ ସହଭାଗିତା(ପିପିପି) ଟେଣ୍ଡର ମଧ୍ୟ ଘୋଷଣା କରାଯିବ। ବୃହତ୍ ଆସେଟ ମନିଟାଇଜେଶନ ପାଇପଲାଇନରେ ଘରୋଇ କ୍ଷେତ୍ରର ଯୋଗଦାନ ଉନ୍ନତ ରହିବ ବୋଲି ଆଶା କରାଯାଉଛି।

# ଟିକସ ରାଜସ୍ୱ ବଢ଼ିବ

- ମତ ରଖିଲେ ରାଜସ୍ୱ ସଚିବ
- ଶିଳ୍ପ ଜଗତର ପର୍‌ଫର୍‌ମାନ୍ସ ଆଶାଠାରୁ ଉନ୍ନତ

**ନୂଆଦିଲ୍ଲୀ,୧୧।୮**




ଚଳିତ ଆର୍ଥିକ ବର୍ଷରେ ଟିକସ ରାଜସ୍ୱ ଆଶାତୀତ ବୃଦ୍ଧି ହୋଇପାରେ। କର୍ପୋରେଟ କ୍ଷେତ୍ରର ପର୍‌ଫର୍‌ମାନ୍ସ ଆଶାଠାରୁ ଉନ୍ନତ ରହିଥିବାରୁ ସରକାରଙ୍କ ଟିକସ ସଂଗ୍ରହ ଉନ୍ନତ ହେବା ନେଇ ଆଶା ରହିଥିବା ରାଜସ୍ୱ ସଚିବ ତରୁନ ବଜାଜ ବୁଧବାର କହିଛନ୍ତି। ବର୍ଦ୍ଧିତ ଜିଏସ୍‌ଟି ହାର ଦେଶର ଅଟୋମୋବାଇଲ ଶିଳ୍ପକୁ ପ୍ରଭାବିତ କରୁଥିବା ପ୍ରସଙ୍ଗରେ ମତ ରଖି ବଜାଜ କହିଛନ୍ତି, ଟିକସ ହାର କମାଇ ଏ ନେଇ ଏକ ସମାଧାନ ପନ୍ଥା ବାହାର କରିବାକୁ ଜିଏସ୍‌ଟି ପରିଷଦ ବିଚାର କରିବ। କେତେକ ସାମଗ୍ରୀକୁ ଟିକସ ଛାଡ଼ ବର୍ଗକୁ ନେବା ସହ ଟିକସ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ।

ସିଆଇଆଇର ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ସରକାର ଟିକସ ବୃଦ୍ଧି କରିନାହାନ୍ତି କିମ୍ବା ଲୋକଙ୍କୁ ଅଧିକ ଟିକସ ଦେବାକୁ କହିନାହାନ୍ତି। କର୍ପୋରେଟ ସେକ୍ଟରର ପ୍ରଦର୍ଶନ ଭଲ ରହିଛି, ଯାହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ। ଏପ୍ରିଲ-ଜୁନ୍ ଅବଧିରେ ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୨.୪୬ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ଗତ ଆର୍ଥିକ ବର୍ଷ ସମାନ ତ୍ରୈମାସରେ ୧.୧୭ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭଳି ନେଟ୍ ପରୋକ୍ଷ ଟିକସ ଆଦାୟ ପ୍ରଥମ ତ୍ରୈମାସରେ ୩.୧୧ ଲକ୍ଷ କୋଟି ଟଙ୍କା ରହିଛି। ଏହା ମଧ୍ୟରେ ୧.୬୭ ଲକ୍ଷ କୋଟି ଟଙ୍କାର ନେଟ୍ ଜିଏସ୍‌ଟି ରହିଛି, ଯାହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୨୬.୬%। ଚଳିତ ଆର୍ଥିକ ବର୍ଷରେ ୬.୩୦ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହେବ ବୋଲି ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି।

ଜିଏସ୍‌ଟି ସ୍ୱାଭାବିକ ହେବା ପରେ ଅନେକ ସାମଗ୍ରୀ ଉପରୁ ଟିକସ କମିବା ନେଇ ବିଚାର କରାଯିବ। ଅଟୋଶିଳ୍ପ ଉପରେ ବର୍ଦ୍ଧିତ ଟିକସ ଯୋଗୁ କାରବାରକୁ ପ୍ରଭାବିତ କରୁଥିବା ବେଳେ ଏହି ସମସ୍ୟା ସମାଧାନ ହେବା ଦରକାର ବୋଲି ସେ ମତ ରଖିଛନ୍ତି। କର୍ପୋରେଟ କ୍ଷେତ୍ରର ଆନିମଲ ସ୍ପିରିଟ ବର୍ତ୍ତମାନ ନାହିଁ। ଅର୍ଥ ବ୍ୟବସ୍ଥାରେ ଦୀର୍ଘ ମିଆଦୀ ଅଭିବୃଦ୍ଧି ଲାଗି କର୍ପୋରେଟ କ୍ଷେତ୍ର ନିବେଶ ଲାଗି ଆଗେଇ ଆସୁ ବୋଲି ସେ ଆହ୍ୱାନ କରିଛନ୍ତି। ଅର୍ଥ ବ୍ୟବସ୍ଥାକୁ ସୁବିଧା ହେଲା ଭଳି ପଦକ୍ଷେପ ଉପରେ ଫୋକସ କରାଯାଉଛି। ରେଟ୍ରୋସ୍ପେକ୍ଟିଭ ଟିକସ ଉଠାଣ ଲାଗି ଯୋଜନା ଗ୍ରହଣ କରାଯାଇଛି। ଟିକସ ହାର ବଢ଼ାଇ ଅଧିକ ଆଦାୟ କରିବା ପରିବର୍ତ୍ତେ ଅଧିକ ଲୋକଙ୍କୁ ଟିକସ ବ୍ୟବସ୍ଥା ପରିସରକୁ ଆଣିବାକୁ ବାଟ କରାଯାଉଛି। ବର୍ତ୍ତମାନ ମାତ୍ର କିଛି ପ୍ରତିଶତ ଲୋକ ଟିକସ ଭରୁଛନ୍ତି ଯାହା ଠିକ୍ ନୁହେଁ। ଟିକସ ସଂଗ୍ରହ ବଢାଇବା ଦିଗରେ ଆୟକର ବିଭାଗ କାମ କରୁଛି ବୋଲି ବଜାଜ ସ୍ପଷ୍ଟ କରିଛନ୍ତି।

## ୫ ଓଏଫ୍‌ପିଓକୁ ନାବାର୍ଡ ସହାୟତା




**ଭୁବନେଶ୍ୱର,୧୧।୮**

ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ରାଜ୍ୟରେ ୫ ଅଫ୍ ଫାର୍ମ ପ୍ରଡ୍ୟୁସର ଅର୍ଗାନାଇଜେଶନ(ଓଏଫ୍‌ପିଓ)କୁ ବର୍ତ୍ତମାନ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏହା ମଧ୍ୟରେ ହସ୍ତତନ୍ତ କ୍ଷେତ୍ରର ୨ ସଂସ୍ଥା ରହିଛନ୍ତି। ସୋନପୁରର ଡୁଙ୍ଗୁପାଲି ବୁଙ୍କାର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଏବଂ କେନ୍ଦୁଝରର କେନ୍ଦୁଝରୀ ବୁଙ୍କାର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ରହିଛି। ସର୍ବୋତ୍ତମ କାରିଗରି ସହ ରାଜ୍ୟର ବୁଣାକାରମାନେ ହସ୍ତତନ୍ତ କ୍ଷେତ୍ରରେ ଗୁଣବତ୍ତା ପ୍ରଡକ୍ଟ ପ୍ରସ୍ତୁତି କରିବା ସହ ରାଜ୍ୟର ବିକାଶ ଦିଗରେ ଯୋଗଦାନ ରଖୁଥିବା ୭ମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ନାବାର୍ଡ ସିଜିଏମ୍ ସି.ଉଦୟଭାସ୍କର କହିଛନ୍ତି। ନାବାର୍ଡ ବୁଣାକାରମାନଙ୍କୁ ଋଣ ସୁବିଧା ଏବଂ ସେମାନେ ପ୍ରସ୍ତୁତ କରୁଥିବା ପ୍ରଡକ୍ଟର ମାର୍କେଟିଂରେ ସହାୟତା ଭଳି ପଦକ୍ଷେପ ବ୍ୟାଙ୍କ ଗ୍ରହଣ କରୁଥିବା ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ହସ୍ତତନ୍ତ ସାମଗ୍ରୀକୁ ସାରା ବିଶ୍ୱରେ ଲୋକପ୍ରିୟ କରିବାକୁ କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ସଚିବ ଶୁଭା ଶର୍ମା ଆହ୍ୱାନ ଜଣାଇଛନ୍ତି। ବଜାର ସ୍ଥିତିକୁ ନଜରରେ ରଖି ବୁଣାକାରଙ୍କ ଲାଗି ଇ-ମାର୍କେଟିଂ ଉପରେ ଧ୍ୟାନଦେବାକୁ ନିଫ୍ଟ ଭୁବନେଶ୍ୱର ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ କହିଥିଲେ। ବୁଣାକାରଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବୟନ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି। ଏଥିରେ ଶିଳ୍ପ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଏସ୍.କେ.ହୋତା, କେଭିଆଇସି ନିର୍ଦ୍ଦେଶକ ଏସ୍.କେ. ମହାନ୍ତି, ଏସ୍ଏଲ୍‌ବିସି କନ୍‌ଭେନର ଅରୂପାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏମ୍‌ଏମ୍‌ଟିରେ ଜାତୀୟ କର୍ମଶାଳା




**ଭୁବନେଶ୍ୱର,୧୧।୮**

ସ୍ଥାନୀୟ ସିଏସ୍ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଡିଏନ୍ଏ ଆବିଷ୍କାରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହେଉଛି। ନ୍ୟୁକ୍ଲିକ ଏସିଡ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଉପରେ ଏହି କର୍ମଶାଳା ପର୍ଯ୍ୟବସିତ। ପ୍ରଫେସର ଫେଲିକ୍ସ ହୋପ ସେଲର ଏବଂ ପ୍ରଫେସର ଫେଡରିକ ମିଏଶ୍ଚରଙ୍କ ଅବଦାନକୁ ମନେପକାଇ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିନୋମିକ୍ସ, ଟ୍ରାନ୍ସକ୍ରିପ୍ଟୋମିକ୍ସ ଏବଂ ଡିଏନ୍ଏ ନାନୋଟେକ୍ନୋଲୋଜି ଭଳି ବିଭିନ୍ନ ଦିଗ ଉପରେ ବିଶେଷଜ୍ଞମାନେ ଏଠାରେ ଗୁରୁତ୍ୱାରୋପ କରିଥିବା ଜଣାପଡିଛି। ଆବାହକ ଡ. ଉମାକାନ୍ତ ସୁବୁଦ୍ଧି କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ନ୍ୟୁକ୍ଲିକ ଏସିଡ୍ ସାଇନ୍ସ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶୁଦ୍ଧସତ୍ତ୍ୱ ବାସୁ କହିଥିଲେ। କାର୍ଯ୍ୟକ୍ରମରେ ଆଇଜର ତିରୁପତିର ପ୍ରଫେସର କ୍ରିଷ୍ଣା ଏନ୍.ନାଗେସ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ସଭାପତି ପ୍ରଫେସର ପାର୍ଥ ପି.ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା

**ଭଦ୍ରକ,୧୧।୮**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଭଦ୍ରକ ଜିଲାର ବନ୍ତ ଛକଠାରେ ଶୁଭାରମ୍ଭ ହୋଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଓଡ଼ିଶାରେ ମୋଟ ୧୫ଟି ଶାଖା ରହିଛି। ଏହି ଶାଖା ସମସ୍ତ ବ୍ୟାଙ୍କିଙ୍ଗ୍ କାରବାର, ଗ୍ରାହକଙ୍କ ଆବଶ୍ୟକତା, ବ୍ୟାଙ୍କିଙ୍ଗ୍ ଉତ୍ପାଦ ଯଥା ରିଟେଲ, କୃଷି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରଗୁଡିକ ଉପରେ କାର୍ଯ୍ୟ କରିବ। ବ୍ୟାଙ୍କ ପକ୍ଷରୁ ଏଟିଏମ୍ କମ୍ ଡେବିଟ୍ କାର୍ଡ, ସୁରକ୍ଷିତ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ୨୪ ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ଏବଂ ମୋବାଇଲ ବ୍ୟାଙ୍କିଙ୍ଗ୍ ଆଦି ସୁବିଧା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମ ଅବସରରେ ଏଡିଏମ୍ ମଧୁସୂଦନ ଦାସ, ପାଟଣା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସି.ବି. ସିଂହ, ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିନୟ କୁମାର, ଉପ-ଆଞ୍ଚଳିକ ପ୍ରବନ୍ଧକ ଶଶାଙ୍କ ସାହୁ ଏବଂ ଶାଖା ପ୍ରବନ୍ଧକ ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## 'ରେଟ୍ରୋ ଟିକସ ଉଚ୍ଛେଦ ନିବେଶକଙ୍କ ପାଇଁ ଲାଭକାରୀ'

**ନୂଆଦିଲ୍ଲୀ,୧୧।୮**

ସରକାର ଏବଂ ଶିଳ୍ପଜଗତ ମଧ୍ୟରେ ଉତ୍ତମ ସହଯୋଗ ଦେଶବାସୀ ବର୍ତ୍ତମାନ ଦେଖିବାକୁ ପାଉଛନ୍ତି। ମହାମାରୀ ସମୟରେ ଶିଳ୍ପଜଗତ ଆଗେଇ ଆସିବା ସହ ମାସ୍କଠାରୁ ମେଡିକାଲ ଅକ୍ସିଜେନ ଯୋଗାଣ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଆଇଆଇର ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସେ କହିଛନ୍ତି, ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଶିଳ୍ପଜଗତ ଏକ ପ୍ରମୁଖ ଭାଗୀଦାର ରହିଆସିଛି। ଶିଳ୍ପଜଗତର ଉଦ୍ୟମ ଦ୍ୱାରା ଅର୍ଥ ବ୍ୟବସ୍ଥା ପୁଣି ଥରେ ଛିଡ଼ାହେବାକୁ ଚେଷ୍ଟା କରୁଛି। କୌଣସି କମ୍ପାନୀ ଭାରତ ଭିତ୍ତିକ ନ ହେଉ ପଛେ କିନ୍ତୁ ଭାରତରେ ସାମଗ୍ରୀ ପ୍ରସ୍ତୁତ ହେଉ। ନିବେଶ ବୃଦ୍ଧି ସହ ନୂଆ ପୃଥିବୀ ଲାଗି ଭାରତ ନୂତନ ଭାବେ ଯୋଗଦାନ ରଖୁ। ଭାରତ ଡୁଇଁ ବିଜ୍‌ନେସ୍ ର୍ୟାଙ୍କିଙ୍ଗ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଛୁ। ସ୍ଥିତି ବର୍ତ୍ତମାନ ଦ୍ରୁତ ଭାବେ ପରିବର୍ତ୍ତନ ହେଉଥିବା ମୋଦି ମତ ପ୍ରକାଶ କରିଛନ୍ତି। ସରକାର ରେଟ୍ରୋସ୍ପେକ୍ଟିଭ (ପୂର୍ବ ପ୍ରଭାବୀ) ଟିକସ ହଟାଇବା ଦିଗରେ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାଦ୍ୱାରା ନିବେଶକମାନେ ଲାଭବାନ ହେବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ମୋଦି ଆଶାବାଦୀ ଥିବା କହିଛନ୍ତି।



ନରେନ୍ଦ୍ର ମୋଦି

ମନେ ପଡ଼ନ୍ତି

SAD DEMISE



Late Uttam Kumar Baral
S/O Late Paramananda Baral
Birth : 01.07.1972
Demise : 03.08.2021
The Kindest, Most Generous & Warm hearted soul who will always be loved, cherished and remembered.
Deeply Mourned
FAMILY MEMBERS RELATIVES & FRIENDS
ଧ-୭୧୧୨୯

ଫୁର୍‌ସତ୍

## ସ୍ପେସ୍‌ରେ ହେବ ପିଜ୍ଜା ପାର୍ଟି




**ୱାଶିଂଟନ:** ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍ଏସ୍)କୁ ଏକ ରକେଟ୍ ଯୋଗେ ପିଜ୍ଜା ପଠାଇଛି। ଏଥିରେ ୭ ଜଣ ମହାକାଶଚାରୀଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ସମେତ ପିଜ୍ଜା ରହିଥିବାବେଳେ ଗୁରୁବାର ତାହା ସ୍ପେସ୍‌ରେ ପହଞ୍ଚିବ ବୋଲି କୁହାଯାଇଛି। ଫଳରେ ଏବେ ସ୍ପେସ ଷ୍ଟେଶନ୍‌ରେ ମହାକାଶଚାରୀ ପିଜ୍ଜା ପାର୍ଟି କରିବାର ସୁଯୋଗ ପାଇବେ। ନର୍ଥରୋପ୍ ଗ୍ରୁମାନ କମ୍ପାନୀର ରକେଟ ପିଜ୍ଜା ସହିତ ସ୍ପେସ ଷ୍ଟେସନ ଅଭିମୁଖେ ଯାତ୍ରା କରିଛି। ମଙ୍ଗଳବାର କମ୍ପାନୀର ସାଇଗ୍ନସ କାର୍ଗୋ ସ୍ପେସ୍‌ଶିପ ଭର୍ଜିନିଆର ପୂର୍ବ ଉପକୂଳରୁ ଯାତ୍ରା କରିଛି। ପାଖାପାଖି ୩,୭୦୦ କିଲୋଗ୍ରାମ୍‌ର ଶିପ୍‌ମେଣ୍ଟରେ ଷ୍ଟେଶନରେ ଥିବା ୭ ଜଣ ମହାକାଶଚାରୀଙ୍କ ପାଇଁ ଏକ ପିଜ୍ଜା କିଟ ଏବଂ ତାଜା ସେଓ, ଟମାଟୋ, କିୱି, ପନିର ବଟର ଆଦି ପଠାଯାଇଛି। ନାସା ପାଇଁ ଏହାକୁ ମିଶାଇ ନର୍ଥରୋପ୍ ଗ୍ରୁମ୍ୟାନ କମ୍ପାନୀ ପକ୍ଷରୁ ୧୬ ଥର ଅତ୍ୟାବଶ୍ୟକ ସାମଗ୍ରୀ ବୋହିନେବା କାର୍ଯ୍ୟ ସମ୍ପନ୍ନ ହୋଇଛି। ନାସାର ୱାଲପ୍ସ ଫ୍ଲାଇଟ ସୁବିଧା ଦ୍ୱାରା କମ୍ପାନୀର ଆଣ୍ଟାରେସ ରକେଟରୁ ଏହି ଖାଦ୍ୟ ବୋହି ନେଇଥିବା କ୍ୟାପସୁଲକୁ ଲଞ୍ଚ କରାଯାଇଥିଲା। ଏହି କ୍ୟାପସୁଲକୁ ହାୱାଇସ ଓନିଜୁକା ଭାବେ ନାମିତ କରାଯାଇଛି। ଓନିଜୁକା ମହାକାଶରେ ପ୍ରଥମ ଏସୀୟ ଆମେରିକୀୟ। ୧୯୮୬ ଚ୍ୟାଲେଞ୍ଜର୍ ଲଞ୍ଚ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରକେଟ୍‌ରେ ଆଇଏସ୍ଏସ୍‌କୁ ପଠାଇଲା ନାସା

ନାସାର ଦ୍ୱିତୀୟ ସ୍ପେସ ଶିପ ସ୍ପେସ-ଏକ୍ସ, କିଛି ସପ୍ତାହ ମଧ୍ୟରେ କେତେକ ଆବଶ୍ୟକ ସାମଗ୍ରୀ ନେଇ ଯାତ୍ରା ଆରମ୍ଭ କରିବ। ଏହି ସ୍ପେସ ଷ୍ଟେସନରେ ବର୍ତ୍ତମାନ ୩ ଆମେରିକୀୟ, ୨ ରୁଷ, ଜଣେ ଫରାସୀ ଏବଂ ଜଣେ ଜାପାନୀ ମହାକାଶଚାରୀ ରହିଛନ୍ତି। ଅତୀତରେ, ମହାକାଶଚାରୀମାନେ ମହାକାଶରେ 'ସ୍ପେସ ଗେମ' ମଧ୍ୟ ଖେଳୁଥିଲେ। ମହାକାଶଚାରୀମାନେ ନୋ-ହ୍ୟାଣ୍ଡବଲ, ସିଙ୍କ୍ରୋନାଇଜଡ ଫ୍ଲୋଟିଂ ଭଳି ଖେଳ ଖେଳିଥିଲେ। ଟିମ ଡ୍ରାଗନ୍‌ରେ ନାସା ମହାକାଶଚାରୀ ସଚିନ କିମ୍ବ୍ରୋ ଏବଂ ମେଗାନ ମାକାଥର, ଜାକ୍ସା ମହାକାଶଚାରୀ ଆକିହିକୋ ହୋଶାଇଡ ଏବଂ ଇଏସଏ ମହାକାଶଚାରୀ ଥୋମାସ ପେସ୍କେଟ ସାମିଲ ଥିଲେ।

## ୩ ମିନିଟ ପାଇଁ ନେଇଥିଲେ ୭୫ ଲକ୍ଷ



**ବମ୍ବେ:** ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ୍ ତାଙ୍କ ୩୬ ତମ ଜନ୍ମଦିନ ପାଳନ କରିଛନ୍ତି। ୨୦୦୯ରେ ଫିଲ୍ମ 'ଆଲାଦିନ'ରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଅଭିନେତ୍ରୀ ହେବା ସାଙ୍ଗକୁ ସେ ଜଣେ ଭଲ ନୃତ୍ୟଶିଳ୍ପୀ ମଧ୍ୟ। ନିଜର ପୋଲ ଡ୍ୟାନ୍ସକୁ ନେଇ ସେ ବେଶ ଲୋକପ୍ରିୟ। ଏକ ମହୋତ୍ସବ ସମୟରେ ଜ୍ୟାକ୍‌ଲିନ୍‌ଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ସେ ୩ ମିନିଟ ପାଇଁ ୭୫ ଲକ୍ଷ ଟଙ୍କା ଚାର୍ଜ କରିଥିଲେ। ବଲିଉଡ୍‌କୁ ଆସିବା ପୂର୍ବରୁ ସେ ଜଣେ ସାମ୍ବାଦିକା ଥିଲେ। ଅଷ୍ଟ୍ରେଲିଆରୁ ସାମ୍ବାଦିକତାରେ ସେ ଡିଗ୍ରୀ ନେବା ପରେ ସେ ଶ୍ରୀଲଙ୍କା ଆସିଥିଲେ।

## ଦେଶ ବିକାଶରେ ଯୁବଶକ୍ତି

**ଦେଶ** ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ସେମାନଙ୍କ ଦ୍ୱାରା ହେଉଥିବା ବହୁବିଧ କାର୍ଯ୍ୟ ଉପରେ ଦେଶର ଅର୍ଥନୀତି ନିର୍ଭର କରିଥାଏ। ଯୁବବର୍ଗ ଆଗକୁ ବଢିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ୨୦୦୦ ମସିହାରେ ଜାତିସଂଘ ପକ୍ଷରୁ ଯୁବ ଶିକ୍ଷା, ଗୋଷ୍ଠୀ ଉନ୍ନୟନ, ପରିବେଶୀୟ ଗ୍ରୁପ୍ ଗଠନ, ବିଭିନ୍ନ ସାମାଜିକ ପ୍ରକଳ୍ପରେ ସ୍ୱେଚ୍ଛାସେବୀ ଭାବରେ ଯୁବବର୍ଗଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଯୁବ ଦିବସ ଆରମ୍ଭ ହୋଇଥିଲା।

ସାମ୍ପ୍ରତିକ କରୋନା ମହାମାରୀ ଯୋଗୁ ପୃଥିବୀର ଅର୍ଥ ବ୍ୟବସ୍ଥା ବିଗିଡ଼ି ଯାଇଛି। ଏପରିସ୍ଥଳେ ଯୁବବର୍ଗଙ୍କ କାନ୍ଧରେ ବଡ଼ ଦାୟିତ୍ୱ ଲଦି ହୋଇ ପଡ଼ିଛି। ତେବେ ଏମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ରହିଥିବା ବାଧା ସମ୍ପର୍କରେ ଜାତିସଂଘ ପକ୍ଷରୁ ଏକ ରିପୋର୍ଟ ଜାରି ହୋଇଛି। ୬ ରୁ ୧୩ ବର୍ଷ ବୟସର ୫୦ ପ୍ରତିଶତ ପିଲାଙ୍କ ମଧ୍ୟରେ ସେମାନଙ୍କ କଥିତ ଭାଷା କିମ୍ବା ଅନ୍ୟ କୌଣସି ଭାଷା ପଢ଼ିବା ସମସ୍ୟା ବଢ଼ିବାରେ ଲାଗିଛି। ପୃଥିବୀର ବହୁ ପିଲାଙ୍କ ମଧ୍ୟରେ ଗଣିତ ଜ୍ଞାନର ଅଭାବ ଏବଂ ପିଲାଦିନର ଦାରିଦ୍ର୍ୟ ଯୋଗୁ ଦକ୍ଷତା ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଥିବା ଯୁବବର୍ଗ କେତେକ ସମୟରେ ଏସବୁକୁ ସ୍ୱୀକାର ନ କରି ପଳାୟନପନ୍ଥୀ ହୋଇଥାନ୍ତି। ମାତ୍ର ଅନ୍ତର୍ଜାତୀୟ ଯୁବ ଦିବସ ଯୁବବର୍ଗଙ୍କୁ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ଗ୍ରହଣ କରି ଏହାର ସଫଳ ସମାଧାନର ପଥ ବାହାର କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି, ଟ୍ରାନ୍ସଫର୍ମିଂ ଫୁଡ୍ ସିଷ୍ଟମସ୍: ୟୁଥ୍ ଇନୋଭେଶନ ଫର୍ ହ୍ୟୁମାନ ଆଣ୍ଡ ପ୍ଲାନେଟାରୀ ହେଲ୍‌ଥ (ମାନବ ତଥା ଜୀବଜଗତର ସୁସ୍ଥତା ଲାଗି ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ ଯୁବବର୍ଗ ପାଇଁ ନୂତନତ୍ୱର ଆହ୍ୱାନ)।



ଆଜି ଅନ୍ତର୍ଜାତୀୟ ଯୁବ ଦିବସ

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457719344
9458657264

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭର୍ତ୍ତୀ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଶବାସୀଙ୍କୁ ପଦକ ଉତ୍ସର୍ଗ କଲେ ବୀରେନ୍ଦ୍ର, ଅମିତ

ଭୁବନେଶ୍ୱର, ୧୧।୮ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସ ଶେଷ ହୋଇଛି। ଏଥିରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ସାହସିକ ପ୍ରଦର୍ଶନ କରି ୪ର୍ଥ ସ୍ଥାନ ହାସଲ କରିଥିଲା। ଭାରତୀୟ ପୁରୁଷ ଦଳରେ ସାମିଲ ଥିଲେ ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା ଏବଂ ଯୁବ ଖେଳାଳି ଅମିତ ରୋହିଦାସ। ସେହିପରି ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ ମହିଳା ଦଳର ସଦସ୍ୟା ଥିଲେ। ବୀରେନ୍ଦ୍ରଙ୍କ ପାଇଁ ଏହା ଥିଲା ଦ୍ୱିତୀୟ ଅଲିମ୍ପିକ୍ସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଏହି ୪ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବୀରେନ୍ଦ୍ର ଓ ଅମିତଙ୍କୁ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ପଦବୀରେ ଅବସ୍ଥାପିତ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।


କଳିଙ୍ଗ ଷ୍ଟାଡିୟମରେ ବୁଧବାର ଓଡ଼ିଶାର ୪ ହକି ଅଲିମ୍ପିଆନ ସମ୍ବର୍ଦ୍ଧିତ ହେବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ଆର୍. ଭିନିଲ କ୍ରିଷ୍ଣା, ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଟୋକିଓ ଟୁର୍ନାମେଣ୍ଟ ସମ୍ପର୍କରେ ବୀରେନ୍ଦ୍ର କହିଥିଲେ ଯେ, ଏହି ଅଲିମ୍ପିକ୍ସ ଅନେକ ଦୃଷ୍ଟିକୋଣରୁ ସ୍ମରଣୀୟ ରହିଲା। ୪୧ ବର୍ଷ ପରେ ଆମେ ହକିରୁ ପଦକ ପାଇଲୁ। ଏହା ବହୁତ ବଡ଼ କଥା। ମୁଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଖେଳିଥିଲି, ୨୦୧୬ରେ ଆହତ ସମସ୍ୟା ଯୋଗୁ ଖେଳିପାରି ନ ଥିଲି। ମାତ୍ର ଏହି ଅଲିମ୍ପିକ୍ସ ସମ୍ପୂର୍ଣ୍ଣ ଭିନ୍ନ ଥିଲା। କୋଭିଡ୍-୧୯ର ଭୟ ଯୋଗୁ ଆମେ ଅତି ସତର୍କତାର ସହ ଅଭ୍ୟାସ କରିଥିଲୁ। ୬-୭ ମାସ ପରିବାରଠାରୁ ଦୂରରେ ରହି କଠିନ ପରିଶ୍ରମ କରିଥିଲୁ। ଫିଟ୍‌ନେସ ବଜାୟ ରଖିବା ଆମ ପାଇଁ ଚ୍ୟାଲେଞ୍ଜିଂ ଥିଲା। ଆମେ ଟ୍ରେନିଂ ଜାରି ରଖିଥିଲୁ ଏବଂ ତା'ର ଫଳ ଆମକୁ ମିଳିଲା। ଲଣ୍ଡନ ଅଲିମ୍ପିକ୍ସ ଏବଂ ଟୋକିଓ ଅଲିମ୍ପିକ୍ସ ମଧ୍ୟରେ ଅନେକ ପ୍ରଭେଦ ଥିଲା। ବିନା ଦର୍ଶକରେ ଆମେ ମ୍ୟାଚ ଖେଳିଥିଲୁ। ବ୍ୟକ୍ତିଗତ ଭାବେ ଆମେ ସମସ୍ତେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲୁ। ଫଳରେ ତାହା ଦଳଗତ ପ୍ରଦର୍ଶନରେ ପ୍ରତିଫଳିତ ହୋଇଥିଲା।

ବ୍ୟକ୍ତିଗତ ପ୍ରଦର୍ଶନରେ ସେ ଖୁବ୍ ଖୁସି ବୋଲି ବୀରେନ୍ଦ୍ର ପ୍ରକାଶ କରିଛନ୍ତି। "ମୋତେ ଯେତେବେଳେ ଯେଉଁ ମ୍ୟାଚରେ ସୁଯୋଗ ମିଳିଛି ଶ୍ରେଷ୍ଠ କରିବାକୁ ଚେଷ୍ଟା କରିଛି। ଶେଷରେ ତାହା ପଦକ ଭାବେ ଆମକୁ ମିଳିଥିବାରୁ ବହୁତ ଖୁସି। ସେମିଫାଇନାଲରେ ହାରିଯିବା ପରେ ଆମକୁ କୋଚ୍ ଗ୍ରାହାମ ରିଡ୍ ଓ ଅନ୍ୟ କୋଚିଂ ଷ୍ଟାଫ୍ ମୋଟିଭେଟ୍ କରିଥିଲେ। ଯାହା ହୋଇଗଲା ତାହା ଆଉ ଫେରିବନି। ଆଗକୁ ଯେଉଁ ମ୍ୟାଚ ଅଛି ତା' ଉପରେ ଫୋକସ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଦୀର୍ଘଦିନ ପରିଶ୍ରମ କରିଥିବାରୁ ଆମକୁ ସେମିଫାଇନାଲ ପରାଜୟ ଖୁବ୍ ବାଧିଥିଲା। ତେବେ ଆମେ ଏହି ମ୍ୟାଚରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ନିକଟରୁ ହାରିଥିଲୁ। ମନ ସମ୍ପୂର୍ଣ୍ଣ ବୁଝୁ ନ ଥିଲା। ତେବେ ଆମେ ଭାବାବେଗକୁ ଚାପିରଖି ବ୍ରୋଞ୍ଜ ପଦକ ମ୍ୟାଚ ପାଇଁ ପ୍ରସ୍ତୁତ ହୋଇଥିଲୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମକୁ ବହୁତ ମୋଟିଭେଟ୍ କରିଥିଲେ। ଏହା ଆମର ମନୋବଳକୁ ବଢ଼ାଇଥିଲା। ଭାରତ ବ୍ରୋଞ୍ଜ ପଦକ ଜିତୁ ବୋଲି ସାରା ଦେଶ ଚାହୁଁଥିଲା। ସମସ୍ତଙ୍କ ଆଶୀର୍ବାଦ ଓ ଶୁଭକାମନା ଯୋଗୁ ଆମେ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିଲୁ। ଜର୍ମାନୀ ବିଶ୍ୱର ଏକ ଶ୍ରେଷ୍ଠ ଦଳ ବୋଲି ସମସ୍ତେ ଜାଣନ୍ତି। ଏହି ଦଳ ଆମକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରଥମେ ଏକ ଗୋଲ ଦେଇ ଆମ ଉପରେ ଚାପ ପ୍ରୟୋଗ କରିଥିଲା। ଶେଷ କିଛି ମିନିଟ ମଧ୍ୟ ଘନଘନ ଆକ୍ରମଣ କରିଥିଲା। ମାତ୍ର ଭାଗ୍ୟ ଆମକୁ ସାଥ୍ ଦେଇଥିଲା ଏବଂ ଆମେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହେଲୁ। ବ୍ରୋଞ୍ଜ ପଦକ ମ୍ୟାଚ ଶେଷ ହେବାର ମୁହୂର୍ତ୍ତକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ଏତେବଡ଼ ସଫଳତା ହଠାତ୍ ବିଶ୍ୱାସ ହୋଇପାରୁ ନ ଥିଲା, ମାତ୍ର ତାହା ବାସ୍ତବ ଥିଲା। ରେଫରିଙ୍କ ଶେଷ ହୁଇସିଲ ବାଜିବା ମାତ୍ରେ ଆମେ ଖୁସିରେ ନାଚି ଉଠିଥିଲୁ। ମୁଁ ସମ୍ପୂର୍ଣ୍ଣ ଦେଶବାସୀ ଏବଂ କୋଭିଡ୍ ଯୋଦ୍ଧାଙ୍କୁ ଏହି ପଦକ ଉତ୍ସର୍ଗ କରିବାକୁ ଚାହେଁ" ବୋଲି ବୀରେନ୍ଦ୍ର କହିଛନ୍ତି।

## ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା

"କରୋନା ସଂକ୍ରମଣଜନିତ ଭୟ ଯୋଗୁ ଟୋକିଓ ଅଲିମ୍ପିକ୍ସ ବହୁତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ଅଲିମ୍ପିକ୍ସ ଗତବର୍ଷ ହେବାର ଥିଲା। ସେଥିପାଇଁ ଆମେ କଠିନ ପରିଶ୍ରମ କରିଥିଲୁ, ମାତ୍ର କୋଭିଡ୍ ପାଇଁ ଏହା ଏକ ବର୍ଷ ଘୁଞ୍ଚିଗଲା। ଫଳରେ ପ୍ରସ୍ତୁତିରେ ବାଧା ପହଞ୍ଚିଥିଲା। ଖାଦ୍ୟପେୟଠାରୁ ଆରମ୍ଭ କରି ଅନ୍ୟମାନଙ୍କ ସହ ମିଶିବା ସବୁଥିରେ କଟକଣା ଥିଲା। ତେଣୁ ଏ ସବୁକୁ ପଛରେ ପକାଇ ନିଜକୁ ପ୍ରସ୍ତୁତ କରିବା ବଡ଼ ଚ୍ୟାଲେଞ୍ଜ ଥିଲା। ଅଲିମ୍ପିକ୍ସକୁ ବିଶ୍ୱର ସବୁ ବଡ଼ ଦଳ ଆସିଥାନ୍ତି। ତେଣୁ ପ୍ରତିଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ ଥିଲା। ଭଲ ପ୍ରଦର୍ଶନ କରିଥିବାରୁ ପ୍ରତିଟି ମ୍ୟାଚ ମୋତେ ଭଲ ଲାଗିଥିଲା। ସେମିଫାଇନାଲରେ ପରାଜୟ ଆମକୁ ଖୁବ୍ ଦୁଃଖିତ କରିଥିଲା" ବୋଲି ଅମିତ ପ୍ରକାଶ କରିଛନ୍ତି। ମାତ୍ର ଉପଯୁକ୍ତ ସମୟରେ ମୋଟିଭେଟ୍ କରି ମନୋବଳ ବଢ଼ାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅମିତ। "ପରାଜୟ ଗ୍ଲାନିକୁ ଭୁଲି ପରବର୍ତ୍ତୀ ମ୍ୟାଚ ଉପରେ ଫୋକସ କରିବାକୁ କୋଚ୍ ଆମକୁ ପରାମର୍ଶ ଦେଇଥିଲେ। ବ୍ରୋଞ୍ଜ ପଦକ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱୀ ଥିଲା ଜର୍ମାନୀ। ତେଣୁ ଶେଷ ହୁଇସିଲ ନ ବାଜିବା ପର୍ଯ୍ୟନ୍ତ କିଛି ବି ସମ୍ଭବ ଥିଲା। କାରଣ ଜର୍ମାନୀ ସହଜରେ ଛାଡ଼ିବା ଟିମ୍ ନୁହେଁ। ଶେଷ ପର୍ଯ୍ୟାୟରେ ଆମେ ଡିଫେନ୍ସକୁ ଦୃଢ଼ କରି ଜର୍ମାନୀର ଆକ୍ରମଣକୁ ପ୍ରତିହତ କରିଥିଲୁ। ଖେଳ ଶେଷହେବା ପରେ ଆମେ ଅତ୍ୟନ୍ତ ଖୁସି ହୋଇ ଯାଇଥିଲୁ। ଦୀର୍ଘବର୍ଷ ପରେ ଆମେ ପୋଡିୟମ ମଣ୍ଡନ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ ବୋଲି ଅମିତ କହିଛନ୍ତି।

ଅମିତ ଏବେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରେସର ଭାବେ ବିବେଚିତ ହେଉଛନ୍ତି। ପେନାଲ୍ଟି କର୍ନର ବେଳେ ଗୋଲକିପର ପି.ଆର. ଶ୍ରୀଜେସ୍‌ଙ୍କ ନିକଟରେ ବଲ୍‌କୁ ଅଟକାଇବାର ଗୁରୁଦାୟିତ୍ୱ ସେ ନେଇଥିଲେ। ଏହି ପ୍ରଶ୍ନର ଉତ୍ତରରେ ଅମିତ କହିଲେ ଯେ, "କ୍ୟାମ୍ପରେ ଯୋଗଦେବା ପରଠାରୁ ମୁଁ ପେନାଲ୍ଟି କର୍ନର ସମୟରେ ପ୍ରଥମ ରେସର ଭାବେ ଅଭ୍ୟାସ କରି ଆସିଛି। ଏହି ସ୍ଥାନରେ ଭଲଭାବେ ଅଭ୍ୟାସ କରିଥିବାରୁ ମ୍ୟାଚ ସମୟରେ ବିଶେଷ ଅସୁବିଧା ହୋଇ ନ ଥିଲା। ଆଗାମୀ ଦିନରେ ମଧ୍ୟ ମୁଁ ଏହି ଦାୟିତ୍ୱକୁ ସମ୍ପାଦନ କରିବି। ଆଜି ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିବା ଅବସରରେ ୨.୫୦ କୋଟି ଟଙ୍କା ସହିତ ଡିଏସ୍‌ପି ଚାକିରି ଦେଲେ। ଏଥିପାଇଁ ମୁଁ ରାଜ୍ୟ ସରକାରଙ୍କ ନିକଟରେ ଚିର ଋଣୀ। ମୁଁ ସମସ୍ତ ରାଜ୍ୟ ଏବଂ ଦେଶବାସୀଙ୍କୁ ମୋର ଏହି ପଦକ ଉତ୍ସର୍ଗ କରିବାକୁ ଚାହିଁବି ବୋଲି ଅମିତ କହିଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ ଏବଂ କ୍ରୀଡ଼ା ଛାତ୍ରାବାସ ଓ ନାଭାଲ ଟାଟା ହକି ଏକାଡେମୀର ଖେଳାଳିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଦୀପ୍‌ଗ୍ରେସ୍ ଏକ୍କା ଭାରତୀୟ ଖେଳାଳିଙ୍କ ଦସ୍ତଖତ ସମ୍ବଳିତ ଏକ ଜର୍ସି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

# ଭାରତ, ଇଂଲଣ୍ଡକୁ ଜରିମାନା

**ଦୁବାଇ, ୧୧।୮ (ପି.ଟି.):** ମନ୍ଥର ବୋଲିଂ ପାଇଁ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଉପରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବଡ଼ ଆକାରର ଜରିମାନା ଧାର୍ଯ୍ୟ କରିଛି। ନଟିଂହାମରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ସ୍ଲୋ ଓଭର ରେଟ୍ କାରଣରୁ ଉଭୟ ଦଳ ଉପରେ ଆଇସିସି ମ୍ୟାଚ ପାଉଣାର ୪୦ ପ୍ରତିଶତ ଜରିମାନା ଧାର୍ଯ୍ୟ କରିଛି। ଏଥିସହ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଟ୍ୟାଲିରୁ ଭାରତ ଓ ଇଂଲଣ୍ଡର ଦୁଇ ଲେଖାଏ ପଏଣ୍ଟ କଟାଯାଇଛି। ଭାରତ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ନିଜର ତ୍ରୁଟି ସ୍ୱୀକାର କରିଛନ୍ତି। ଫଳରେ ଏ ନେଇ ଶୁଣାଣିର ଆବଶ୍ୟକତା ନାହିଁ ବୋଲି ଆଇସିସି ମ୍ୟାଚ୍ ରେଫରି କ୍ରିସ୍ ବ୍ରଡ୍ କହିଛନ୍ତି।

ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୨ ଲେଖାଏ ଓଭର କମ୍ ବୋଲିଂ କରିଥିଲେ। ଆଇସିସି ଆଚରଣ ବିଧିର ୨.୨୨ ନିୟମ ଅନୁସାରେ ନିର୍ଦ୍ଧାରିତ ସମୟ ସୁଦ୍ଧା ଯେତେ ଓଭର କମ୍ ବୋଲିଂ କରାଯିବ ମ୍ୟାଚ ପାଉଣାର ସେତେ ଗୁଣା ୨୦ ପ୍ରତିଶତ କଟାଯିବ। ଅର୍ଥାତ୍ ଗୋଟିଏ ଓଭର କମ୍ ବୋଲିଂ କରାଗଲେ ୨୦ ଓ ୨ ଓଭର କମ୍ ବୋଲିଂ କରାଗଲେ ୪୦ ପ୍ରତିଶତ ମ୍ୟାଚ୍ ପାଉଣା କଟାଯିବାର ନିୟମ ରହିଛି।

# ହେକ୍ଟରଙ୍କ ସହ ଚୁକ୍ତି କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୧।୮ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ୮ମ ସଂସ୍କରଣ ପୂର୍ବରୁ ସ୍ପାନିଶ ସେଣ୍ଟର ବ୍ୟାକ୍ ହେକ୍ଟର ରୋଡାସଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି। ଭାଲେନ୍‌ସିଆର ଏହି ୩୩ ବର୍ଷୀୟ ଖେଳାଳି ଲେଭାଣ୍ଟେ ପକ୍ଷରୁ ୟୁଥ୍ କ୍ୟାରିୟର ଆରମ୍ଭ କରିଥିଲେ। ଜଣେ ରିଜର୍ଭ ଖେଳାଳି ଭାବେ ସିନିୟର ଡେବ୍ୟୁ କରିଥିବା ହେକ୍ଟର ୨୦୦୯ରେ ଦଳ ପକ୍ଷରୁ ପ୍ରଥମ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଏଲ୍‌ଚେ ବେଟିସ, କୋର୍ଡୋବା, କଲ୍‌ଚରାଲ ଲିଓନେସା, ଆଲକୋରକନ ପରି ଏକାଧିକ ସ୍ପାନିଶ ଟିମ୍ ପକ୍ଷରୁ ଖେଳିଥିଲେ। ୨୦୧୭ରେ ସେ ପ୍ରଥମଥର ପାଇଁ ବିଦେଶୀ କ୍ଲବ ବେଲଜିୟମର ସର୍କଲ ବ୍ରୁଗ୍ ପକ୍ଷରୁ ଖେଳିଥିଲେ। ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଏଫ୍‌ସି ସହ ଚୁକ୍ତିବଦ୍ଧ ହେବାପରେ ହେକ୍ଟର ଟିମ୍‌ମେଟ୍ ଏବଂ କୋଚ୍ ମାନଙ୍କ ସହ ମିଶିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶା ଏଫ୍‌ସି ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସେ ପ୍ରକାଶ କରିଛନ୍ତି। କୋଚ୍ କିକୋ ରାମିରେଜ କହିଛନ୍ତି ଯେ, ହେକ୍ଟରଙ୍କ ଉପସ୍ଥିତିରେ ଆମ ଦଳର ରକ୍ଷଣଭାଗରେ ସନ୍ତୁଳନ ରକ୍ଷା ହୋଇପାରିବ। ସେ ଜଣେ ଅଭିଜ୍ଞ ଖେଳାଳି ଏବଂ ସ୍ପେନ୍‌ରେ ପ୍ରଥମ ଡିଭିଜନ ଖେଳି ସାରିଛନ୍ତି। ରକ୍ଷଣଭାଗକୁ କିପରି ଦୃଢ଼ କରାଯାଇ ପାରିବ ତାହା ତାଙ୍କୁ ବେଶ୍ ଭଲଭାବେ ଜଣା। ସେ ଜଣେ ଦକ୍ଷ ଖେଳାଳି ହୋଇଥିବାରୁ ଆବଶ୍ୟକ ସମୟରେ ତାଙ୍କ ପରାମର୍ଶ କାର୍ଯ୍ୟରେ ଆସିବ। ତାଙ୍କ ଉପସ୍ଥିତିରେ ଆମ ରକ୍ଷଣଭାଗ ଏବଂ ଫରୱାର୍ଡ ଲାଇନ୍ ଦୃଢ଼ ହୋଇପାରିବ। ଓଡ଼ିଶା ଏଫ୍‌ସି ସଭାପତି ରାଜ ଅଟୱାଲ ହେକ୍ଟରଙ୍କୁ ସ୍ୱାଗତ କରିଛନ୍ତି। ୟୁରୋପରେ ସେ ଉଚ୍ଚସ୍ତରରେ ଖେଳିଥିବାରୁ ଆଗାମୀ ସିଜନରେ ଓଡ଼ିଶା ଏଫ୍‌ସିକୁ ଫାଇଦା ମିଳିବା ସମ୍ଭାବନା ଅଛି ବୋଲି ଅଟୱାଲ କହିଛନ୍ତି।


ହେକ୍ଟର ରୋଡାସ

# ରାହୁଲ, ବୁମ୍‌ରାଙ୍କ ପ୍ରଦର୍ଶନ ସନ୍ତୋଷଜନକ

ଭିଭିଏସ୍ ଲକ୍ଷ୍ମଣ

ନଟିଂହାମରେ ଭାରତ ୩୫ ବର୍ଷ ପରେ ବିଜୟର ନିକଟତର ହୋଇଥିଲା। ଅନ୍ତିମ ଦିବସରେ ହାତରେ ୯ ଉଇକେଟ ରଖି ଭାରତ ବିଜୟ ପାଇଁ ୧୫୭ ରନ ଆବଶ୍ୟକ କରୁଥିଲା। ତେବେ ବର୍ଷା ସବୁକିଛି ଓଲଟପାଲଟ କରିଦେଇଥିଲା। କିନ୍ତୁ ନିଜର ପ୍ରଦର୍ଶନ ନେଇ ଭାରତ ସନ୍ତୁଷ୍ଟ ଥିବ। ଟପ୍ ଅର୍ଡରରେ ଲୋକେଶ ରାହୁଲଙ୍କ ପ୍ରଭାବୀ ବ୍ୟାଟିଂ ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଫର୍ମକୁ ଫେରିବା ଭାରତ ପାଇଁ ଖୁସି ଖବର। ଯୋଗ୍ୟ। ଦ୍ୱିତୀୟ ଇନିଂସରେ ମଧ୍ୟ ସେ ଏହି କୌଶଳକୁ ଦୋହରାଇଥିଲେ। ରାହୁଲ ଶତକ ହାସଲର ନିକଟତର ହୋଇଥିଲେ। ତେବେ ରୋହିତ ୩୦ ଓ ୪୦ ରନକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଛନ୍ତି।

ବୁମ୍‌ରା ସବୁ ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରିବାର କ୍ଷମତା ରଖୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ସେ ପ୍ରଥମ ଟେଷ୍ଟରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡର

SEAGRAM'S
ROYAL STAG
PACKAGED DRINKING WATER

ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ସନ୍ତୋଷଜନକ ହୋଇପାରିଛି।

ପୂରା ଶୃଙ୍ଖଳାର ସହ ରାହୁଲ ବ୍ୟାଟିଂ କରିଥିଲେ। ନିଜର ଅଫ୍‌ଷ୍ଟମ୍ପ କେଉଁଠି ଅଛି ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣାଥିଲା। ସେ ଧୈର୍ଯ୍ୟର ସହ ବଲ୍ ଛାଡୁଥିଲେ ଓ ଏଥିରେ ତାଙ୍କର ଆତ୍ମବିଶ୍ୱାସ ଥିଲା। ନିଜର ସୁବିଧା ଅନୁସାରେ ସେ ବଲକୁ ପ୍ରହାର କରୁଥିଲେ। ଅଫ୍ ସାଇଡ ବାହାର ବଲକୁ ସେ ଯେଉଁଭଳି ଭାବେ ଖେଳୁଥିଲେ ତାହା ଦେଖିବା ବ୍ୟାଟିଂରେ ଅସ୍ଥିରତା ଦେଖିବାକୁ ମିଳିଛି। ତେବେ ଅଧିନାୟକ ଜୋ ରୁଟ୍‌ଙ୍କ ପ୍ରଦର୍ଶନ ପ୍ରଶଂସନୀୟ। ଉଭୟ ଇନିଂସରେ ସେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଏଥିରୁ ତାଙ୍କର ଟେକ୍‌ନିକ ଓ ମାନସିକ ଦୃଢ଼ତାର ପ୍ରମାଣ ମିଳୁଛି। ତେବେ ରବିଚନ୍ଦ୍ରନ ଅଶ୍ୱିନ ଦଳରେ ସ୍ଥାନ ପାଇଥିଲେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆହୁରି ସମସ୍ୟାରେ ପଡିଥାନ୍ତେ। ଏହି ସିରିଜରେ ଅଶ୍ୱିନ ଭାରତ ପାଇଁ ମୁଖ୍ୟ ଅସ୍ତ୍ର ହୋଇପାରିବେ।

-(ଗେମ୍‌ପ୍ଲାନ)

# ଲର୍ଡ୍ସରେ ଦ୍ୱିତୀୟ ଟେଷ୍ଟ ଆଜିଠାରୁ

ଲଣ୍ଡନ, ୧୧।୮ (ପି.ଟି.)

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଗୁରୁବାର ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍। ପ୍ରଥମ ଟେଷ୍ଟରେ ବ୍ୟାଟିଂ ଦୁର୍ବଳତା ସତ୍ତ୍ୱେ ଭାରତ ସପକ୍ଷରେ ମ୍ୟାଚ୍ ଥିଲା। କିନ୍ତୁ ବର୍ଷା ଯୋଗୁ ଏହି ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତ ଏହି ମ୍ୟାଚ୍‌ରେ ବ୍ୟାଟିଂ ଦୁର୍ବଳତା ସୁଧାରିବାକୁ ପ୍ରୟାସ କରିବ। ଅଧିନାୟକ ବିରାଟ କୋହଲି ତାଙ୍କର ଶ୍ରେଷ୍ଠ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇବା ନେଇ ଗୁରୁତର ସହ ଚିନ୍ତା କରୁଛନ୍ତି।

ପ୍ରଥମ ଟେଷ୍ଟ ଜିତିବାକୁ ଅପେକ୍ଷାକୃତ ଭଲ ସ୍ଥିତିରେ ଭାରତ ଥିଲା। ଅନ୍ତିମ ତଥା ପଞ୍ଚମ ଦିବସରେ ବିଜୟ ପାଇଁ ଭାରତ ୯ ଉଇକେଟ ହାତରେ ରଖି ମାତ୍ର ୧୫୭ ରନ ଆବଶ୍ୟକ କରୁଥିଲା। କିନ୍ତୁ ବର୍ଷା କାରଣରୁ ପଞ୍ଚମ ଦିବସରେ ଗୋଟିଏ ବି ବଲ୍ ବୋଲିଂ କରାଯାଇ ନ ଥିଲା। ପ୍ରଥମ ଇନିଂସରେ ଭାରତ କେବଳ ୨୭୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। କୋହଲିଙ୍କ ସମେତ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ବିଫଳ ହୋଇଥିଲେ। ଏହି ୩ ବ୍ୟାଟ୍ସମ୍ୟାନ ଗତ ୩ ବର୍ଷ ମଧ୍ୟରେ ଆଶାନୁରୂପ ବ୍ୟାଟିଂ କରିନାହାନ୍ତି। ଅବଶ୍ୟ ରାହାନେ ମେଲବୋର୍ନରେ ଶତକ ହାସଲ କରି ଅଷ୍ଟ୍ରେଲିଆ ବିପକ୍ଷରେ ଭାରତକୁ ଜିତାଇଥିଲେ। କିନ୍ତୁ କୋହଲି ଓ ପୂଜାରା ସେମାନଙ୍କ ଅର୍ଦ୍ଧଶତକକୁ ଶତକରେ ପରିଣତ କରିବାରେ ବିଫଳ ହୋଇଛନ୍ତି।

ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ପୁଣି ଥରେ ହାମଷ୍ଟ୍ରିଂ ଇଞ୍ଜୁରିର ଶିକାର ହୋଇଛନ୍ତି। ବ୍ୟାଟିଂ କରିବାର ଦକ୍ଷତା ଥିବାରୁ ଠାକୁର ଲୋୟର ଅର୍ଡରରେ ବ୍ୟାଟିଂ ସନ୍ତୁଳନ ରକ୍ଷା କରିଥାନ୍ତି, ଯଦିଓ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସେ ବ୍ୟାଟିଂରେ ଫେଲ ମାରିଥିଲେ। ପ୍ରଥମ ଟେଷ୍ଟରେ ଅଶ୍ୱିନଙ୍କୁ ଖେଳାଯାଇ ନ ଥିଲା। ରବିନ୍ଦ୍ର ଜାଡେଜା କିନ୍ତୁ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ସଫଳ ହୋଇଥିଲେ। ସୋମବାର ଟ୍ରେନିଂ ସେସନରେ ଠାକୁର ଆଘାତ ସମସ୍ୟାର ଶିକାର ହୋଇଥିଲେ। ଦ୍ୱିତୀୟ ଟେଷ୍ଟରୁ ଠାକୁର ବାଦ୍ ପଡଛନ୍ତି। କୋହଲି ୪ଜଣ ଦ୍ରୁତ ବୋଲର ଓ ଜଣେ ସ୍ପିନରଙ୍କୁ ଖେଳାଇବାକୁ ଚାହିଁବେ। ୨୦୧୮ ଭଳି ଇଂଲଣ୍ଡ ଏକ ଘାସୁଆ ପିଚ୍ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି। ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଓ ମାତ୍ର ୨ ଦିନ ମଧ୍ୟରେ ପରାସ୍ତ ହୋଇଥିଲା। ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ମ୍ୟାଚର ହିରୋ ସାବ୍ୟସ୍ତ ହୋଇଥିଲେ। ବର୍ତ୍ତମାନ ଏହି ମ୍ୟାଚ୍‌ରେ ଉଭୟ ଜାଡେଜା ଓ ଅଶ୍ୱିନଙ୍କୁ ଖେଳାଇବାରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି କୁହାଯାଇପାରେ। ଏହି ଦୁଇ ସ୍ପିନର ଇଂଲଣ୍ଡର ଅସ୍ଥିର ବ୍ୟାଟିଂ ଲାଇନ୍‌ଅପକୁ ସମସ୍ୟାରେ ପକାଇପାରିବେ। ଇଂଲଣ୍ଡର ନୂଆ ପିଢିର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି ବୋଲି କୁହାଯାଇପାରେ। ଅଧିନାୟକ ଜୋ ରୁଟ୍ ନଟିଂହାମରେ ପ୍ରଥମ ଇନିଂସରେ ଅର୍ଦ୍ଧଶତକ ଓ ଦ୍ୱିତୀୟ ଇନିଂସରେ କ୍ୟାରିୟରର ୨୧ତମ ଟେଷ୍ଟ ଶତକ ହାସଲ କରି ସ୍ଥିତି ସମ୍ଭାଳିଥିଲେ।



ଓପନର ରୋରି ବର୍ନ୍ସଙ୍କ ବଦଳରେ ଓପନର ହାସିମ ହମିଦଙ୍କୁ ସୁଯୋଗ ଦିଆଯାଇପାରେ। କୋହଲି ଯଦି ୪ ଦ୍ରୁତ ବୋଲରଙ୍କୁ ଖେଳାଇବେ ତାହାହେଲେ ଠାକୁରଙ୍କ ବଦଳରେ ଇଶାନ୍ତ ଶର୍ମା କିମ୍ବା ଉମେଶ ଯାଦବଙ୍କୁ ସୁଯୋଗ ଦେବେ। ତେବେ କାହାକୁ ଖେଳାଇବେ ସେ ନେଇ ଚୟନ କରିବାରେ କଷ୍ଟକର ହେବ। ୪-୧ କମ୍ବିନେଶନ ଅର୍ଥାତ୍ ୪ ଦ୍ରୁତ ବୋଲର ଓ ଜଣେ ସ୍ପିନରଙ୍କୁ ଖେଳାଯିବା ନେଇ ପ୍ରଥମ ଟେଷ୍ଟ ପରେ କୋହଲି କହିଥିଲେ। ଏପରି ସ୍ଥଳେ ଅଶ୍ୱିନ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ପୂର୍ବତନ ସ୍ପିନର ହରଭଜନ ସିଂ (୪୧୭ ଉଇକେଟ)ଙ୍କୁ ପଛରେ ପକାଇବା ନିକଟତର ହୋଇଛନ୍ତି। ଲର୍ଡ୍ସରେ ପଞ୍ଚମ ଦିବସରେ ଅଶ୍ୱିନ ଘାତକ ସାବ୍ୟସ୍ତ ହୋଇପାରନ୍ତି।

ଅଭିଜ୍ଞ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍ ଇଞ୍ଜୁରିର ଶିକାର ହୋଇ ଏହି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଟ୍ରେନିଂ ସେସନରେ ସେ ଆହତ ହୋଇଥିଲେ। ଲଙ୍କାସାୟର ଦ୍ରୁତ ବୋଲର ସାକିବ ମାହମୁଦଙ୍କୁ ଇଂଲଣ୍ଡ ଦଳରେ ସାମିଲ କରିଛି। ସ୍ପିନର ଡମ ବେସ୍ ଦଳ ଛାଡି ୟର୍କସାୟାର ଫେରିଯିବେ। ଫଳରେ ସାକିବଙ୍କୁ ନିଆଯାଇଛି। ଯଦି ଏହି ପିଚ୍‌ରେ ସ୍ପିନରଙ୍କୁ ସହାୟତା ମିଳେ ତାହାହେଲେ ମୋଇନ ଅଲି ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ୨୦୧୪ରେ ମୋଇନ ମଧ୍ୟ ନିଜର ସ୍ପିନ ଦକ୍ଷତା ପ୍ରମାଣ କରିଥିଲେ। ଦ୍ରୁତ ବୋଲର ମାର୍କ ଉଡ୍ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ।

ଭାରତ ପାଇଁ ଲୋକେଶ ରାହୁଲ ଟପ ଅର୍ଡରରେ ନିଜର ସ୍ଥାନ ପକ୍କା କରିବାକୁ ଚାହିଁବେ। ମୟଙ୍କ ଅଗ୍ରୱାଲ ନେଟ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ଏହା ଭାରତ ପାଇଁ ଶୁଭ ଖବର।



ବୁଧବାର ଅଭ୍ୟାସ ଅବସରରେ ଇଶାନ୍ତ ଶର୍ମା ଓ ବିରାଟ କୋହଲି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୧୨/୨୦୨୧ Sambalpur, Thursday, August 12/ 2021

# ଭୁବନେଶ୍ୱର 'ବି', ଝାରସୁଗୁଡ଼ା, ସମ୍ବଲପୁରର ବୃହତ୍ ବିଜୟ





ବିନୟ ପାଇକରାୟ, ଆୟୁଷ ଓ ଶୁଭମ୍ ରଥ।

**ଭୁବନେଶ୍ୱର, ୧୧।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି', ଝାରସୁଗୁଡ଼ା, ସମ୍ବଲପୁର ଦଳ ବୃହତ୍ ବିଜୟ ହାସଲ କରିଛନ୍ତି। ବିନୟ କୁମାର ପାଇକରାୟ, ଆୟୁଷ ଶତକ ହାସଲ କରିଥିବାବେଳେ ଦେବାଶିଷ ଦାଶ, ରିତିକ ଚୌଧୁରୀ ଓ ଶୁଭମ୍ ରଥ ୫ ଉଇକେଟ ସଫଳତା ପାଇଛନ୍ତି।

ଏସସିବି ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୯ ଉଇକେଟରେ ସୋନପୁରକୁ ପରାସ୍ତ କରିଛି। ସୋନପୁର ୩୮.୪ ଓଭରରେ ୧୧୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭୁବନେଶ୍ୱର 'ବି' ୧୯.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ନେଇଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ଝାରସୁଗୁଡ଼ା ୯ ଉଇକେଟରେ ବରଗଡ଼କୁ ହରାଇ ଦେଇଛି। ବରଗଡ଼ ୨୨.୧ ଓଭରରେ ମାତ୍ର ୮୩ ରନକରି ଅଲଆଉଟ ହୋଇଥିଲା। ବିଜୟ ଲକ୍ଷ୍ୟକୁ ଝାରସୁଗୁଡ଼ା ୧୩.୩ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପୁରୀ ୭ ଉଇକେଟରେ ବଲାଙ୍ଗୀରକୁ ପରାସ୍ତ କରିଛି।

**କଳାହାଣ୍ଡି କପ୍ କ୍ରିକେଟ**

ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ୩୮ ଓଭରରେ ୧୯୬ ରନକରି ଅଲଆଉଟ ହୋଇଥିଲା। ପୁରୀ ୩୨.୨ ଓଭରରେ ୩ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚରେ ପୁରୀର ଦେବାଶିଷ ଦାଶ ୫ ଉଇକେଟ ନେଇଥିବାବେଳେ ବିନୟ କୁମାର ପାଇକରାୟ ଶତକ(୯୮ ବଲ୍‌ରୁ ୧୦୭) ହାସଲ କରିଥିଲେ।

ରେଭେନ୍ସା-୧ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ 'ଏ' ୪ ଉଇକେଟରେ କନ୍ଧମାଳକୁ ହରାଇ ଦେଇଛି। କନ୍ଧମାଳ ୪୯.୧ ଓଭରରେ ୧୪୪ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କଟକ 'ଏ' ୩୪.୪ ଓଭରରେ ୬ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ରେଭେନ୍ସା-୨ ପଡ଼ିଆ ମ୍ୟାଚରେ ଯାଜପୁର ୬ ଉଇକେଟରେ କେନ୍ଦୁଝରକୁ ପରାସ୍ତ କରିଛି। କେନ୍ଦୁଝର ୩୦ ଓଭରରେ ୯୨ ରନକରି ଅଲଆଉଟ ହୋଇଥିଲା। ଯାଜପୁର ୧୭.୫ ଓଭରରେ ୪ ଉଇକେଟ ହରାଇ ୯୫ ରନ ସଂଗ୍ରହ କରି ନେଇଥିଲା। ନିମପୁର ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ କିଟ୍ ୨ ଉଇକେଟରେ ପାରାଦୀପକୁ ହରାଇଛି। ପାରାଦୀପ ୪୦.୪ ଓଭରରେ ୧୩୭ ରନରେ ଅଲଆଉଟ ହୋଇଥିଲା। ଜବାବରେ କିଟ୍ ୨୭.୨ ଓଭରରେ ୮ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚରେ ପାରାଦୀପର ରିତିକ ଚୌଧୁରୀ ୫ ଉଇକେଟ ସଫଳତା ପାଇଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ସମ୍ବଲପୁର ୨୪୮ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଆୟୁଷ (୧୦୫ ବଲ୍‌ରୁ ୧୦୬ ରନ)ଙ୍କ ଶତକ ସହାୟତାରେ ସମ୍ବଲପୁର ୫୦ ଓଭରରେ ୮ ଉଇକେଟ ହରାଇ ୩୬୮ ରନ କରିଥିଲା। ଜବାବରେ ରାୟଗଡ଼ା ପୂରା ୫୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। କିଟ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କୋରାପୁଟ ୩ ଉଇକେଟରେ ଗଜପତିକୁ ହରାଇ ଦେଇଛି। ଗଜପତି ୩୪.୪ ଓଭରରେ ୧୨୮ ରନରେ ସମସ୍ତ ଉଇକେଟ ହରାଇଥିଲା। ୧୨୯ ରନର ବିଜୟ ଲକ୍ଷ୍ୟ ନେଇ କୋରାପୁଟ ୨୭.୩ ଓଭରରେ ୭ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ନେଇଥିଲା। ଏହି ମ୍ୟାଚରେ କୋରାପୁଟ ଦଳର ଶୁଭମ୍ ରଥ ୫ ଉଇକେଟ ସଫଳତା ପାଇଥିଲେ।

# ଶାକିବ, ଟେଲର ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୧।୮(ପି.ଟି.)**

ବାଂଲାଦେଶ ଅଲରାଉଣ୍ଡର ଶାକିବ ଅଲ୍ ହାସନ ଏବଂ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ ଅଧିନାୟିକା ଷ୍ଟାଫାନି ଟେଲର ଜୁଲାଇ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ମନୋନୀତ ହୋଇଛନ୍ତି। ବୁଧବାର ଏହା ଘୋଷଣା କରାଯାଇଛି। ତିନୋଟି ଯାକ ଫର୍ମାଟରେ ପ୍ରଭାବୀ ପ୍ରଦର୍ଶନ କରି ଶାକିବ ଜିମ୍ବାୱେ ବିପକ୍ଷ ସିରିଜରେ ବାଂଲାଦେଶକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦ୍ୱିତୀୟ ଦିନିକିଆରେ ସେ ୯୬ ରନ କରିଥିଲେ। ଫଳରେ ଜିମ୍ବାୱେ ବିପକ୍ଷରେ ବାଂଲାଦେଶ ୩ ଉଇକେଟରେ ବିଜୟୀ ହୋଇଥିଲା। ଟି୨୦ ସିରିଜରେ ମଧ୍ୟ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ଆଇସିସି ପୁରୁଷ ଟି୨୦ ର୍ୟାଙ୍କିଙ୍ଗରେ ସେ ଟପ୍ ଅଲରାଉଣ୍ଡରର ମାନ୍ୟତା ପାଇଛନ୍ତି। ଶାକିବଙ୍କ ବ୍ୟତୀତ ଏହି ଦୌଡ଼ରେ ଅଷ୍ଟ୍ରେଲିଆର ମିଚେଲ ମାର୍ଶ ଓ ୱେଷ୍ଟଇଣ୍ଡିଜର ହେଡେନ ୱାଲ୍ସ ଜୁନିୟର ରହିଥିଲେ। ମାତ୍ର ଶାକିବ ଏହି ଦୁଇ ଖେଳାଳିଙ୍କୁ ପଛରେ ପକାଇ ଦେଇଥିଲେ। ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଟେଲର ଗତ ଜୁଲାଇରେ ନିଜ ନେତୃତ୍ୱରେ ଦଳକୁ ପାକିସ୍ତାନ ବିପକ୍ଷରେ ଦିନିକିଆ ଓ ଟି୨୦ ସିରିଜ ବିଜୟୀ କରାଇଥିଲେ। ତାଙ୍କ ସହ ଅନ୍ୟତମ ୱେଷ୍ଟଇଣ୍ଡିଜ ଖେଳାଳି ହିଲି ମାଥ୍ୟୁଜ ଏବଂ ପାକିସ୍ତାନର ଫତିମା ସାନାଙ୍କ ନାମ ଶର୍ଟଲିଷ୍ଟ ହୋଇଥିଲା। ଭୋଟିଂରେ ଟେଲର ଆଗରେ ରହିଥିଲେ।




# ଆୟାରଙ୍କୁ ଏନ୍‌ସିଏର ଅନୁମତି

**ନୂଆଦିଲ୍ଲୀ, ୧୧।୮(ପି.ଟି.)**

ପ୍ରତିଭାସମ୍ପନ୍ନ ଭାରତୀୟ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍‌ନେସ ହାସଲ କରିଛନ୍ତି। ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବାକୁ ଅନୁମତି ପ୍ରଦାନ କରିଛି। ଫଳରେ ମ୍ୟାଚ୍‌ଫିଟ୍ ଆୟାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ସେପ୍ଟେମ୍ବର ୧୯ରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲ୍ ପୁଣି ଆରମ୍ଭ ହେବ।




# ଅଳ୍ପକେ ହାରିଥିବା ଆଥଲେଟଙ୍କୁ ପୁରସ୍କାର

**ନୂଆଦିଲ୍ଲୀ, ୧୧।୮(ପି.ଟି.)**

ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ୍ସରେ ପଦକ ହାତଛଡା କରିଥିବା ୨୦ଜଣ ଭାରତୀୟ ଆଥଲେଟଙ୍କୁ ଆର୍ଥିକ ପୁରସ୍କାର ଦେବାକୁ ଜଣାଶୁଣା ଔଷଧ କମ୍ପାନୀ ମ୍ୟାନକାଇଣ୍ଡ ଫାର୍ମା ଘୋଷଣା କରିଛି। କଠିନ ପରିଶ୍ରମ କରିଥିବା ଓ ଭଲ ପ୍ରଦର୍ଶନ ପାଇଁ ଚେଷ୍ଟା କରିଥା ୨୦ଜଣ ଆଥଲେଟଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ଦେବାକୁ ଏହି କମ୍ପାନୀ ତରଫରୁ କୁହାଯାଇଛି। ସେମିଫାଇନାଲରେ ପ୍ରବେଶ କରିଥିବା ମହିଳା ହକି ଦଳର ୧୬ ଜଣ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିସହିତ ବକ୍ସର ସତୀଶ କୁମାର,




ରେସଲର ଦୀପକ ପୁନିଆ, ଶୁଟର ସୌରଭ ଚୌଧୁରୀ ଓ ମହିଳା ଗଲ୍ଫର ଆଦିତି ଅଶୋକଙ୍କୁ ମଧ୍ୟ ୧୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆଗକୁ ଭଲ ପ୍ରଦର୍ଶନ କରିବାକୁ ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଏପରି ନିଷ୍ପତ୍ତି ନେଇଛୁ ବୋଲି ମ୍ୟାନକାଇଣ୍ଡ ଫାର୍ମା ଭାଇସ୍- ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକଟର ରାଜୀବ ଜୁନେଜା କହିଛନ୍ତି। ବିଜୟ ହାସଲ କରି ନ ଥିଲେ ମଧ୍ୟ ଆଥଲେଟମାନଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ଉତ୍ସର୍ଗକୁ ଅଣଦେଖା କରିହେବ ନାହିଁ। ଏହି ଖେଳାଳିମାନେ ସାରା ଦେଶକୁ ଉତ୍ସାହିତ କରିଛନ୍ତି ଓ ଆଗାମୀ ଯୁବ ପିଢ଼ୀକୁ ଅନୁପ୍ରାଣିତ କରିଛନ୍ତି। ତେଣୁ ଏମାନଙ୍କୁ ଉଚିତ ସମ୍ମାନ ମିଳିବା ଉଚିତ। ପଦକ ହରାଇଥିଲେ ମଧ୍ୟ ଏହି ଆଥଲେଟମାନେ ଦେଶବାସୀଙ୍କ ହୃଦୟ ଜିତିଛନ୍ତି ବୋଲି ସେ କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଦ୍ୱିତୀୟ ଦିନରେ ଓକିଲଙ୍କ ଆନ୍ଦୋଳନ

ବରଗଡ଼ ଅଫିସ୍: ବରଗଡ଼ ଜିଲା ଉପ ନିବନ୍ଧକ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରି ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥି ଯୋଗୁ ୨ଦିନ ହେଲା, ଜିଲା ଉପନିବନ୍ଧକ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଛି। ଉପ ନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନଙ୍କଠାରୁ ଆରମ୍ଭ କରି ଉପନିବନ୍ଧକ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ, ଅଧିକାରୀଙ୍କୁ ବଦଳି ଦାବି କରିଛନ୍ତି। ବୁଧବାର ଓକିଲ ସଂଘ କର୍ମକର୍ତ୍ତା, ସଭ୍ୟବୃନ୍ଦ ଜିଲା ଉପନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖକୁ ଆସି ସମବେତ ହେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପ ଜିଲାପାଳ ଶୁଭେନ୍ଦ୍ର କୁମାର ସାମାଲ ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର କିଛି ସୁଫଳ ମିଳି ନଥିଲା। ସଂଘ ପ୍ରତିନିଧିମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଆଜି କ'ଣ କେଉଁଠି

କର୍ଲାମୁଣ୍ଡା

- ବିପିସିଙ୍କ ବହିଷ୍କାର ଦାବିରେ ବ୍ଲକ ସମ୍ମୁଖରେ ଧାରଣା, ସ୍ଥାନ- କର୍ଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମୁଖ, ସମୟ: ୧୧ଟା।

## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା ଅଫିସ,୧୧।୮: ନୂଆପଡା ଜିଲା କୋମନା ବ୍ଲକ ତରବୋଡ ରାଜିବ ଗାନ୍ଧୀ ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୧୩ତମ ଇଣ୍ଡିପେଣ୍ଡନ କପ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ରାଜିବ ଗାନ୍ଧୀ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଫୁଟବଲ ଆସୋସିଏଶନ ସଭାପତି ଦୁଃଖ ଭଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦୟାଲାଲ ଅହୀର, ଅଜୟ ଅହୀର, ଶୁକ୍ରୁ ଭୋଇ, ଭାଗ୍ୟବନ୍ତ ଗହୀର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାରୁ ୪ଟି ଓ ଜିଲା ବାହାରୁ ୪ଟି ମୋଟ ୮ଦଳ ଯୋଗଦେବାକୁ ଥିବା ଜଣାପଡ଼ିଛି।

### ଗାଁ ସଫେଇ କଲେ ଯୁବଗୋଷ୍ଠୀ

ବରଗଡ଼ ଅଫିସ୍,୧୧।୮: ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମରେ ସ୍ଥାନୀୟ ତ୍ରିରଙ୍ଗା କ୍ଲବ ପକ୍ଷରୁ ସଫେଇ କରାଯାଇଛି। କ୍ଲବ ସଦସ୍ୟମାନେ ଗ୍ରାମର ରାସ୍ତାଘାଟ, ଗଙ୍ଗାଧର ମେହେର ହାଇସ୍କୁଲ, ପ୍ରାଥମିକ ସ୍କୁଲ ସମ୍ମୁଖରେ ରହିଥିବା ଅନାବନା, ଘାସଲଟାକୁ ସଫା କରିଥିଲେ। ଯୁବଗୋଷ୍ଠୀର ଅରୁଣ ମାଝି, ଦିବାକର ମାଝି, ଆନନ୍ଦ ଭୋଇ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

### ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବିକ୍ଷୋଭ

ବୌଦ୍ଧ,୧୧।୮(ସ୍ୱ.ପ୍ର.): ରାଜ୍ୟରେ ବିଭିନ୍ନ ଅନୁସୂଚିତ ଜାତି ଓ ଜନଜାତି ଲୋକ ଶୋଷିତ ହେଉଥିବା ବେଳେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବୌଦ୍ଧ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏହି ଅଭିଯୋଗ କରାଯିବା ସହ ନ୍ୟାୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ବୌଦ୍ଧ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ରାଜୀବ ଦେହୁରୀଙ୍କ ନେତୃତ୍ୱରେ ଏକ ରାଲି କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣାରେ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏଥିସହ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି , ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ଉପ ସଭାପତି ଅଲେଖ ବେହେରା, ଡାକ୍ତର ବେହେରା, ସଂପାଦକ ବଳଭଦ୍ର ଭବସାଗର ଓ କୋଷାଧ୍ୟକ୍ଷ ତପନ କୁମାର ହାତୀ , ମନୋରଞ୍ଜନ ଦାସ, ସତ୍ୟାନନ୍ଦ ପାଣ୍ଡେ, ସଂଗ୍ରାମ ବେହେରା, ନମିତାରାଣୀ ଦାସଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ।

### ଘରଦ୍ୱାର ମୁହଁରେ ଶିକ୍ଷା କାର୍ଯ୍ୟକ୍ରମକୁ ବିରୋଧ

ବରଗଡ଼ ଅଫିସ୍,୧୧।୮: ବରଗଡ଼ ଜିଲାରେ ଘରଦ୍ୱାର ମୁହଁରେ ପ୍ରାଥମିକ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା- ୭୨୬୮/୨୦୨୧କ୍ରମେ ଏହି ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ଝାରବନ୍ଧ ବ୍ଲକ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ବିରୋଧ କରିଛନ୍ତି। ମଙ୍ଗଳବାର ଝାରବନ୍ଧ ବ୍ଲକ ବୈତାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲା ଶିକ୍ଷା ଅଧିକାରୀଙ୍କ ଏଭଳି ନିର୍ଦ୍ଦେଶର ପ୍ରତିବାଦ କରାଯାଇଥିଲା। ପରେ ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ରଣଜିତ ଭୋଇଙ୍କୁ ଦେଇଛନ୍ତି। ଝାରବନ୍ଧ ବ୍ଲକରେ କୋଭିଡ୍ ଆକ୍ରାନ୍ତ ହୋଇ ୭ଜଣ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମାତ୍ର ଏପର୍ଯ୍ୟନ୍ତ ମୃତ ଶିକ୍ଷକଙ୍କ ପରିବାରକୁ କୌଣସି ସରକାରୀ ସହାୟତା ମିଳି ନ ଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷେ ବର୍ତ୍ତମାନ କରୋନାର ତୃତୀୟ ଲହର ଦେଶରେ ଆରମ୍ଭ ହୋଇଛି। ୟୁଟ୍ୟୁବ, ରେଡ଼ିଓ ପାଠଶାଳା ତଥା ଦୂରଦର୍ଶନ ମାଧ୍ୟମରେ ପାଠପଢ଼ା ଚାଲିଛି। ଏଭଳିସ୍ଥଳେ ଜିଲା ଶିକ୍ଷା ବିଭାଗର ଘରଦ୍ୱାର ମୁହଁରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କୁ କରୋନା ଭଳି ବିପଦ ମୁହଁକୁ ଠେଲି ଦିଆଯାଉଛି। ଏଣୁ ଏଭଳି ନିର୍ଦ୍ଦେଶନାମାକୁ ପୁନର୍ବିଚାର କରିବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଶିକ୍ଷକ ବିଶ୍ୱଚରଣ ସାହୁ, ଅନନ୍ତ ମେହେର, ଦିବସ ସାହୁ, ରାମେଶ୍ୱର ହରିପାଲ, ଜଗନ୍ନାଥ ପ୍ରଧାନ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

- ଶ୍ରମିକ କଲ୍ୟାଣ ବାଟବଣା
- ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ବଳି ପଡୁଛି

ସୋନପୁର,୧୧।୮(ନି.ପ୍ର.)

ସୁବର୍ଣ୍ଣପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଅଭାବ ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ୩ ବର୍ଷ ପୂର୍ବରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅପଗ୍ରେଡ୍ କରିଛନ୍ତି। କିନ୍ତୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ନିଯୁକ୍ତି ଦେଇନାହାନ୍ତି। ଜଣେ ଜିଲା ଶ୍ରମ ଅଧିକାରୀ ଓ ଜଣେ ସହକାରୀ ଶ୍ରମ ଅଧିକାରୀଙ୍କ ଦ୍ୱାରା ଅଫିସ କାର୍ଯ୍ୟ ଏବଂ ଶ୍ରମିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଗୋଟିଏ ସହକାରୀ ଶ୍ରମ ଅଧିକାରୀ, ବ୍ଲକ ସ୍ତରରେ ୨ ଜଣ ଗ୍ରାମୀଣ ଶ୍ରମ ନିରୀକ୍ଷକ ପଦବୀ ପୂରଣ ହେଉନି। ସେହିପରି କାର୍ଯ୍ୟାଳୟରେ ଜଣେ ବି କିରାଣି ନାହାନ୍ତି। ସରକାର ଶ୍ରମିକ କଲ୍ୟାଣ ପାଇଁ ତୁନ୍ଦି ତୋଫାନ କରୁଛନ୍ତି। ହେଲେ ବାସ୍ତବରେ କର୍ମଚାରୀ ଅଭାବରୁ ଶ୍ରମିକ କଲ୍ୟାଣ ଯୋଜନା ଏବେ ଦିଗହରା ହୋଇଛି। ସରକାରୀ କାର୍ଯ୍ୟ ସମେତ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ କରିବା କଷ୍ଟକର ହୋଇପଡୁଛି।

ଜିଲାରେ ପଞ୍ଜୀକୃତ ୯୦ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ପ୍ରତିବର୍ଷ ନବୀକରଣ ସହ ବିଭିନ୍ନ ସହାୟତା ପ୍ରଦାନ ନିମନ୍ତେ ଅଧିକାଂଶ ସମୟରେ ଅଫିସରେ ଗହଳି ଲାଗୁଛି। କରୋନା ମହାମାରୀ ସମୟରେ ଶ୍ରମିକମାନଙ୍କ ସ୍ଥିତି ଆହୁରି ସଙ୍ଗୀନ ହୋଇପଡିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୮୪୪ ଜଣ ପଞ୍ଜୀକୃତ ଶ୍ରମିକଙ୍କୁ ବିଭିନ୍ନ ସହାୟତା ବାବଦରେ ୩ କୋଟି ୨୯ ଲକ୍ଷ ୮୫ ହଜାର ଟଙ୍କା ସେମାନଙ୍କ ଜମାଖାତାରେ ଜମା ହୋଇଛି। ସେହିପରି ୫୮୧୨୫ ଜଣ ପଞ୍ଜୀକୃତ ଶ୍ରମିକଙ୍କୁ(୧୫୦୦ ଟଙ୍କା ଲେଖାଏ) ପ୍ରଥମ ପର୍ଯ୍ୟାୟ କରୋନା ସହାୟତା ରାଶି ୮ କୋଟି ୭୧ ଲକ୍ଷ ୮୭ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଜିଲାର ୪୩୨ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ବାବଦରେ ୨ କୋଟି ୪୧ ଲକ୍ଷ ୫୧ ହଜାର ଟଙ୍କା ଦିଆଯାଇଛି। ୫୩୯୩୮ ଜଣ ଶ୍ରମିକଙ୍କୁ ଦ୍ୱିତୀୟ ପର୍ଯ୍ୟାୟ କରୋନା ସହାୟତା ରାଶି ୮ କୋଟି ୯ ଲକ୍ଷ ୭ ହଜାର ଟଙ୍କା ଶ୍ରମ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। କର୍ମଚାରୀଙ୍କ ଅଭାବ ଯୋଗୁ ନବୀକରଣ, ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟି କ୍ରିୟା ସହାୟତା, ପ୍ରସୂତିକାଳୀନ ସହାୟତା, ଶିକ୍ଷା ସହାୟତା ଓ ବିବାହ ସହାୟତା ପରି ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଥିବା ଅନେକ ସରକାରୀ ସହାୟତା ପ୍ରଦାନରେ ବିଳମ୍ବ ହେଉଛି। ଏ କ୍ଷେତ୍ରରେ ମୁଖ୍ୟତଃ ଅଧିକାରୀମାନେ ତଦନ୍ତ କରି ସୁପାରିଶ କରିବା ପରେ ସରକାରୀ ସହାୟତା ମିଳିଥାଏ। ଏହାବାଦ ସୋନପୁର ସ୍ପିନିଂ ମିଲ୍ ଓ ଜିଲାର ରାଇସ୍ ମିଲରେ ଶ୍ରମ ଆଇନ କାର୍ଯ୍ୟକାରିତାର ଯାଞ୍ଚ, ସେସ୍ ଆଦାୟ ଓ ଶ୍ରମ ଅଭିଯୋଗର ଶୁଣାଣି କାମ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ କରିବାକୁ ପଡିଥାଏ। ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ସଂଖ୍ୟା ବଢୁଥିବାରୁ ସେମାନଙ୍କ କାର୍ଯ୍ୟ ଓ ସହାୟତା ନିମନ୍ତେ କର୍ମଚାରୀଙ୍କ ଅଭାବ ଅନୁଭୂତ ହେଉଛି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଖାଲି ଥିବା ପଦବୀ ପୂରଣ କରିବାକୁ ଜିଲାର ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

# କର୍ମୀ ସମ୍ମିଳନୀରେ ନିର୍ବାଚନୀ ବିଗୁଲ



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡ଼ି ନେତୃବୃନ୍ଦ ।

ବରଗଡ଼ ଅଫିସ୍,୧୧।୮

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଦେବେଶ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ କରିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ବିଜେଡ଼ି ଚାଷୀଙ୍କ ଦଳ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଯୋଜନା ସମଗ୍ର ଭାରତବର୍ଷରେ ବିରଳ ବୋଲି ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ। ବିଜେଡ଼ି ରାଜନୈତିକ ଦଳରେ ସୀମିତ ନ ରହି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାମାଜିକ ଅନୁଷ୍ଠାନରେ ପରିଣତ ହୋଇ ଲୋକଙ୍କୁ ସେବା ଯୋଗାଇ ଆସୁଛି ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ବରଗଡ଼ ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ଢେଙ୍କାନାଳ ବିଧାୟକ ସୁଧିର ସାମଲ ଯୋଗଦେଇ ଦଳର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ। ଦଳର ବରଗଡ଼ ଟାଉନ ସଭାପତି କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଅଚ୍ୟୁତାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ଜିଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଓଡ଼ିଶା ମୋ ପରିବାରର ସମ୍ପାଦକ ଗୌରହରି ମିଶ୍ର, ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଟାଉନ ବିଜେଡ଼ି ମହିଳା ସଭାନେତ୍ରୀ କଳ୍ପନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ଗୋରୁଙ୍କ ଚଳପ୍ରଚଳ ଉପରେ ରୋକ ଲାଗିବ

ସୋନପୁର,୧୧।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ସମସ୍ତ ମୁଖ୍ୟ ଓ ଗଳି ରାସ୍ତାରେ ବୁଲା ଗୋରୁ ଅବାଧରେ ଚଳପ୍ରଚଳ କରୁଛନ୍ତି। ମହାନଦୀ ଓ ତେଲ ନଦୀ ସେତୁରେ ରାତି ଦିନ ଶୋଇ ରହିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟୁଛି। ମଣିଷ ଓ ଗୋରୁଙ୍କ ଜୀବନ ପ୍ରତି ବି ବିପଦ ସୃଷ୍ଟି କରୁଛି। ଏହାଛଡା ଗୋରୁଙ୍କ ମଳ ଓ ପରିଶ୍ରା ଯୋଗୁ ରାସ୍ତା ଅପରିଷ୍କାର ରହୁଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଓ ପୌର ପ୍ରଶାସନର ମିଳିତ ଉଦ୍ୟମରେ ଗୋ ଶ୍ରଦ୍ଧା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସହରରେ ରହୁଥିବା ବ୍ୟକ୍ତିମାନେ ସେମାନଙ୍କ ପାଳିତ ଗାଈଗୋରୁଙ୍କୁ କୌଣସି ପରିସ୍ଥିତିରେ ରାସ୍ତା ଉପରକୁ ନ ଛାଡି ଆବଶ୍ୟକ ଯତ୍ନ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସହରବାସୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ କ୍ଷେତ୍ରରେ ସହଯୋଗ କରିବା ସହ


ବୈଠକରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ବୃନ୍ଦ।

### ପୌରାଞ୍ଚଳ ପାଇଁ ଗୋ ଶ୍ରଦ୍ଧା

ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଆଗେଇ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୧୬ ତାରିଖରୁ ସହରର ବିଭିନ୍ନ ରାସ୍ତା, ଛକ, ବଜାରରେ ବୁଲୁଥିବା ଗୋରୁଙ୍କୁ ଧରାଯାଇ କୋହ୍ଲପଡାସ୍ଥିତ କାଞ୍ଜିଆ ହୁଦାରେ ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ରଖାଯିବ। ଏହି ୭ ଦିନ ଭିତରେ ଯଦି ଗୋରୁ ମାଲିକମାନେ ନିଜର ମାଲିକାନା ଦାବି କରନ୍ତି, ତେବେ ଗୋରୁ ପ୍ରତି ଦୈନିକ ୫୦୦ଟଙ୍କା ସମ୍ପୃକ୍ତ ମାଲିକଙ୍କ ନିକଟରୁ ଆଦାୟ କରାଯିବ। ମାଲିକାନା ନ ଥିବା ଗୋରୁଙ୍କୁ ୭ ଦିନ ପରେ କୌଣସି ଚାଷୀ ପରିବାର ଅଥବା ଆଗ୍ରହୀ ବ୍ୟକ୍ତିଙ୍କୁ ବିକ୍ରି ବା ବଣ୍ଟନ ସୂତ୍ରରେ ଦିଆଯିବ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଉଛି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଲାମଣି ପଟେଲ, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ବୁଢାରାଜା ଯୁବକ ସଂଘ, ମାରୱାଡି ଯୁବାମଞ୍ଚ, ଗ୍ରାମୋତ୍ଥାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଚନ୍ଦ୍ରଶେଖର ପାଠାଗାର ଓ ରାମଧୂନ କ୍ଲବର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଢାବା ମାଲିକାଣୀ ହତ୍ୟା ଘଟଣା: ୪ ଗିରଫ

### ଟଙ୍କା, ବାଇକ୍ ମୋବାଇଲ ଜବତ

ଖଡିଆଲ,୧୧।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଡୁଆଝରସ୍ଥିତ ଆପନା ଢ଼ାବା ମାଲିକାଣୀ ବାସନ୍ତୀ ମେହେର ହତ୍ୟା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯୦ ହଜାର ଟଙ୍କା ନଗଦ, ୪ଟି ମୋବାଇଲ, ୨ଟି ବାଇକ୍ ଜବତ କରାଯାଇଛି। ହତ୍ୟାକାଣ୍ଡରେ ତାଙ୍କ ଜ୍ୱାଇଁ ଏବଂ ତାଙ୍କ ବଡଭାଇ ସାମିଲ ଥିବା ବୁଧବାର ଖଡିଆଳ ଥାନା କାର୍ଯ୍ୟାଳୟ ସମ୍ମୁଖରେ ନୂଆପଡା ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଆଉ କେତେକଙ୍କ ସମ୍ପୃକ୍ତି ରହିଛି ଏବଂ ତଦନ୍ତରେ ବାଧ ଉପୁଜିବା ଆଶଙ୍କା ଥିବାରୁ ଗିରଫମାନଙ୍କ ନାମ ପ୍ରକାଶ କରାଯାଇ ନାହିଁ । ଏ ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ.୨୭୧/୨୧) ରୁଜୁ ହୋଇ ଘଟଣାର ତଦନ୍ତ ଜାରିଛି। ବାସନ୍ତୀଙ୍କୁ ହତ୍ୟା କରିବା ନେଇ ଜ୍ୱାଇଁ ଏବଂ ତାଙ୍କ ବଡଭାଇ ମିଳିତ ଯୋଜନା କରିଥିଲେ। ସେମାନେ ବୁର୍ଲା ଅଞ୍ଚଳରୁ ୨ ସାର୍ପ ସୁଟରଙ୍କୁ ନିଯୁକ୍ତି କରିଥିଲେ। ଉଭୟଙ୍କ ମଧ୍ୟରେ ୬ ଲକ୍ଷ ଟଙ୍କାରେ ଚୁକ୍ତି ହୋଇଥିବା ବେଳେ ପୂର୍ବରୁ ୨ ଲକ୍ଷ ଟଙ୍କା ଦେଇଥିବା ବେଳେ ହତ୍ୟା ପରେ ୪ ଲକ୍ଷ ଟଙ୍କା ଦେବା ସ୍ଥିର କରିଥିଲେ। ଯୋଜନା ମୁତାବକ ଦୁଇ ସୁଟର ଏକ ଦେଶୀ ବନ୍ଧୁକରେ ଆସି ଖାଦ୍ୟ ମାଗିବାକୁ ଯାଇ ସମ୍ମୁଖରେ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖଡିଆଳ ପୋଲିସ ଏସଡିପିଓ ସନ୍ତକ ଜେନା ଓ କୈଳାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦୁଇଟି ଟିମ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସୂଚନା ଯେ, ଜୁଲାଇ ୩୧ ତାରିଖ ରାତିରେ ବାସନ୍ତୀ ମେହେର(୪୭)ଙ୍କ ଉପରକୁ କେହି ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩ ଇନ୍‌ଡୋର ଷ୍ଟାଡିୟମ ପାଇଁ ୧୮ କୋଟି ମଞ୍ଜୁର



ଖବରଦାତା ସମ୍ମିଳନୀରେ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ସହ ଅନ୍ୟମାନେ।

ଖଡିଆଲ,୧୧।୮(ଡି.ଏନ.ଏ.)

ନୂଆପଡା ଜିଲା ଭଳି ଛୋଟ ଜିଲାରେ ୩ଟି ସ୍ଥାନ ଖରିଆର ରୋଡ, ନୂଆପଡା ଓ ଖଡିଆଳ ପାଇଁ ୬ କୋଟି ଟଙ୍କା ଲେଖାଏଁ ମୋଟ ୧୮ କୋଟି ଟଙ୍କା ରାଜ୍ୟ ସରକାର ଅନୁଦାନ ମଞ୍ଜୁର କରିଛନ୍ତି। ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଏବଂ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆ ଆହ୍ୱାନକ୍ରମେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ମନୋଜ ମିଶ୍ର, ପୂର୍ବତନ ନଗରପାଳ ୟସିନ ମହମ୍ମଦ, ଖୁଲଣା ବେହେରା, ପୁଷ୍ପାଞ୍ଜଳି ପାଣ୍ଡେ, ଜିଲାପରିଷଦ ଅବନୀ ଯୋଶୀ, ସନ୍ତୋଷିନୀ ସଲମା, ସରସ୍ୱତୀ ବାଗ, ମମତା ମଞ୍ଜୁରୀ ଥପା, ସନ୍ତୁ ପଟ୍ଟନାୟକ ଯୋଗଦେଇଥିଲେ। ଖଡିଆଳ ପୂର୍ବତନ ଖେଳାଳିମାନଙ୍କୁ ଟି-ଶାର୍ଟ ସହ ଖେଳ ସାମଗ୍ରୀ ବଣ୍ଟନ କରାଯାଇଛି।

# ଜୋନସ୍ତରୀୟ ବିଜେଡି କର୍ମକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ

ଗୋଲାମୁଣ୍ଡା,୧୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଗୋଲାମୁଣ୍ଡା ବ୍ଲକ ଦଶପୁରସ୍ଥିତ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣଠାରେ ବୁଧବାର ବିଜେଡି କର୍ମକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ପାଇଁ ଦଳୀୟ ପ୍ରସ୍ତୁତି ଜୋରଦାର୍ କରିବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟ ଶକ୍ତି, ଶିଳ୍ପ, ଏମଏସଏମଇ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ସମ୍ମିଳନୀରେ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟ ଉପରେ ଫୋକସ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଅସ୍ତ୍ର କରି ଦଳ ପଞ୍ଚାୟତ ନିର୍ବାଚନ ଲଢ଼ିବା ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଗୋଲାମୁଣ୍ଡା ବ୍ଲକ ଦଶପୁର ଅଞ୍ଚଳର ଶତାଧିକ କଂଗ୍ରେସ ଓ ଭାଜପା କର୍ମୀମାନେ ବିଜେଡିରେ ଯୋଗଦେଇଥିଲେ। ଶେଷରେ ଅଞ୍ଚଳର ବୃଦ୍ଧାବୃଦ୍ଧ, ଗାଁର ଗଉନ୍ତିଆ ଓ ବରିଷ୍ଠ ନାଗରିକ ସମେତ ଗାଁର ମୁଖିଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ପୂର୍ବତନ ଭବାନୀପାଟଣା ନଗରପାଳ ଆଦିତ୍ୟ ନନ୍ଦ, ଧାମନପୁର ସମିତି ସଭ୍ୟ ତଥା ଆମ୍ମା ଅଧ୍ୟକ୍ଷ ଇଂ. ଦିନେଶ କୁମାର ରାଉତ, ବ୍ଲକ ସଭାପତି ଦୟାସାଗର ଚଲାନ, ବିଜେଡି କର୍ମୀ ବେଭାରୀ ସାହୁ, ପରମାନନ୍ଦ ପାୟସିଂ, ରଞ୍ଜନ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।



ବିଜେଡି କର୍ମକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମଞ୍ଚାସୀନ ଅତିଥି।

# ବଦଳିଲେ ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର

କର୍ଲାମୁଣ୍ଡା,୧୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା, ଅର୍ଥ କାରବାର ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗରେ ଶେଷରେ ବିପିସି ରୁଦ୍ରପ୍ରସାଦ ସାହୁଙ୍କୁ ବଦଳି କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କଳାହାଣ୍ଡିଙ୍କ ପତ୍ର ସଂଖ୍ୟା ୩୮୨୧, ତା. ୧୧।୮।୨୦୨୧ ରିଖରେ ରୁଦ୍ର ପ୍ରସାଦ ସାହୁଙ୍କୁ ନର୍ଲା ବ୍ଲକକୁ ବଦଳି କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ହିତାଧିକାରୀ ମହଲରେ ଖୁସୀର ଲହରୀ ଖେଳିଯାଇଥିବା ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପଟେ ସାହୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆଦିବାସୀ ଯୁବ ନେତା ନନ୍ଦି କିଶୋର ଭୋଇ ଓ ସମାଜିକ କର୍ମୀ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିବା ନନ୍ଦି କିଶୋର ଭୋଇ ପ୍ରକାଶ କରିଛନ୍ତି। ସେହିଭଳି ବିପିସିଙ୍କ ବଦଳୀ ନୁହେଁ ବହିଷ୍କାର କରାଯିବାକୁ ଆମେ ଦାବି କରୁଛୁ ଓ ଗୁରୁବାର ଧାରଣା ଦେବୁ ବୋଲି ସାମାଜିକ କର୍ମୀ ସୁରେଶ ଚୌଧୁରୀ ଚେତବାନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିପିସି (ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର) ସାହୁ ହିତାଧିକାରୀମାନଙ୍କୁ ହଇରାଣ କରିବା, ଅର୍ଥ କାରବାର ଭଳି ଅନେକ ସଙ୍ଗୀନ ଅଭିଯୋଗ ହୋଇ ଆସୁଥିଲା।

# ଜାତୀୟ ଇ-କାଟା କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଟିଟିଲାଗଡ଼, ୧୧।୮(ଡି.ଏନ.ଏ.)

ଅନଲାଇନ ଜରିଆରେ ଅନୁଷ୍ଠିତ ପ୍ରଥମ ଅଖିଳ ଭାରତୀୟ ଇ-କାଟା ଜାତୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ କ୍ରୀଡାବିତ୍‌ଙ୍କୁ ବୁଧବାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ କରାଟେ ଆସୋସିଏଶନ କୋଷାଧ୍ୟକ୍ଷ ପ୍ରମୋଦ ପାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଟିଟିଲାଗଡ ତହସିଲଦାର ପ୍ରେମଲାଲ ହିଆଲ, ସମ୍ମାନୀତ ଅତିଥି ବରିଷ୍ଠ କ୍ରୀଡାବିତ ହରିଶଙ୍କର ଥପା, ନାଗରିକ ମଞ୍ଚ ସଂଗଠନ ସମ୍ପାଦକ ମନୋଜ ହାତୀ ଯୋଗଦେଇ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀ ପ୍ରଭାସ ବନଛୋର, ସୁଜିତ ଶର୍ମା, ଚେତନ କବାଟ, ପୁନମ କବାଟ, ଜିତୁ ପୃଷ୍ଟି ଏବଂ ଲମ୍ବୋଦର ବନଛୋରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜାତୀୟ ଆସୋସିଏଶନ ପକ୍ଷରୁ ବେଷ୍ଟ ମାଷ୍ଟର ସମ୍ମାନ ବିବେଚିତ ସ୍ଥାନୀୟ ଆସୋସିଏଶନ ସମ୍ପାଦକ କେଦାର କବାଟ, ଜିତେନ୍ଦ୍ର ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ତୁଷୁରା ଏୟାରଷ୍ଟ୍ରିପ୍‌କୁ ଶୀଘ୍ର କାର୍ଯ୍ୟକ୍ଷମ କର

ବଲାଙ୍ଗୀର ଅଫିସ,୧୦।୮

ବଲାଙ୍ଗୀର ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଲାଙ୍ଗୀର ଜିଲାର ଗମନାଗମନ ସୁଯୋଗ ବିଶେଷ କରି ଆକାଶମାର୍ଗରେ ରାଜ୍ୟ ତଥା ଦେଶର ବିଭିନ୍ନ ମୁଖ୍ୟ ସହରକୁ ଯୋଗାଯୋଗ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ବଲାଙ୍ଗୀର ଜିଲାର ଏକମାତ୍ର ବିମାନ ଅବତରଣ ପଡିଆ ତୁଷୁରା ଉଡାଜାହାଜ ପଡିଆକୁ ସାମିଲ କରିବା ପାଇଁ ଦାବି କରାଯାଇଥିଲା। ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ବୈଠକରେ ଆଲୋଚନା ହୋଇଥିଲା ଯେ, ପ୍ରାୟ ୬ ବର୍ଷ ଧରି ବଲାଙ୍ଗୀର ଜିଲାର ତୁଷୁରା ଓ କଳାହାଣ୍ଡି ଜିଲାର ଉତ୍‌କେଲା ଏୟାରଷ୍ଟ୍ରିପ୍‌କୁ ନିରୀକ୍ଷଣ କଲାପରେ ଏହାର ବ୍ୟବସାୟିକ ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା ହୋଇଥିଲା। ଉଭୟ ଉହାଜାହାଜ ପଡିଆର ଆବଶ୍ୟକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କଲାପରେ ବଲାଙ୍ଗୀର ଓ କଳାହାଣ୍ଡିକୁ ବିମାନ ସେବା ଯୋଗାଇ ଦେବା ପାଇଁ ଏୟାର ଓଡିଶା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ବଲାଙ୍ଗୀର ଜିଲା ତୁଷରା ଉଡାଜାହାଜ ପଡିଆ ଉନ୍ନତି ସମ୍ପର୍କରେ କ'ଣ ଅଗ୍ରଗତି ହୋଇଛି ସେନେଇ କିଛି ବି ସ୍ପଷ୍ଟ କରାଯାଉନାହିଁ ।



ବଲାଙ୍ଗୀର ଜିଲାର ତୁଷରା ଏୟାରଷ୍ଟ୍ରିପ୍।

### ସରକାରଙ୍କ ପାଖରେ ଦାବିକଲା ଅଭିଭାବକ ମଞ୍ଚ

ଗତ ଜୁଲାଇ ୩ ତାରିଖରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢୀ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନରେ ରାଜ୍ୟର ୫ ବିମାନ ବନ୍ଦରରୁ ବିମାନ ଉଡାନ ନେଇ ରାଜ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପୁନଶ୍ଚ ଜୁଲାଇ ୭ରେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ତୋଫାନୀ କଳାହାଣ୍ଡି ଗସ୍ତ କାଳରେ ଉତକେଲା ଏୟାରଷ୍ଟ୍ରିପରେ ଅବତରଣ ସହ ଏହାର ସ୍ଥିତି, ଉନ୍ନତି ଉପରେ ସବିଶେଷ ସମୀକ୍ଷା କରିଥିଲେ । ଆରସିଏସ୍ ଉଡାଣ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଉତକେଲାରୁ ଭୁବନେଶ୍ୱର ଓ ରାୟପୁରକୁ ସାପ୍ତାହିକ ବିମାନସେବା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଇଛି। ଏପରିସ୍ଥଳେ ତୁଷୁରା ଏୟାରଷ୍ଟ୍ରିପ୍‌ରୁ ବିମାନ ଚଳାଚଳ ସେବା ନେଇ କିଛି ବି ସ୍ପଷ୍ଟ କରାଯାଉନାହିଁ । ଏଦିଗରେ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରି ଶୀଘ୍ର ତୁଷରାରୁ ମଧ ରାଜ୍ଯ ରାଜଧାନୀ ସହ ଦେଶର ବିଭିନ୍ନ ମୁଖ୍ୟ ସହରକୁ ବିମାନସେବା ଚଳାଚଳ ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଥିଲା। ସମ୍ପାଦକ ଗୋବିନ୍ଦ ମିଶ୍ର ସଭା ପରିଚାଳନା କରିବା ସହ ଉପସଭାପତି ପ୍ରସନ୍ନ ମିଶ୍ର, ସଭ୍ୟ ଦିବାକର ହୋତା, ହରେକୃଷ୍ଣ ପଟେଲ, ପୁରୁଷୋତ୍ତମ ଦାଶ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ଦାବିରେ ସ୍ମାରକପତ୍ର

ବରଗଡ଼ ଅଫିସ୍: ବରଗଡ଼ରେ ରହିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି ଏବଂ ଜିଲାରେ ଆଉ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବି ହୋଇଛି। ଏହିଦାବିରେ ବୁଧବାର ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍) ପକ୍ଷରୁ ଜିଲାପାଳଙ୍କ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜାବ୍ ସଭାପତି ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ ବେଳେ ଲଲାଟେନ୍ଦୁ ଦାଶ, ରମଣୀ ରଞ୍ଜନ ବେହେରା, ବଦ୍ରିପ୍ରସାଦ ସାହୁ, ବ୍ୟୋମକେଶ କର ଉପସ୍ଥିତ ଥିଲେ।

# ଅନ୍‌ଲାଇନ ପାଠପଢ଼ାକୁ ଅଫ୍‌ଲାଇନ ପରୀକ୍ଷା

ବରଗଡ଼ ଅଫିସ୍,୧୧।୮

କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ହଟିନାହିଁ। ତେବେ କରୋନାର ପ୍ରଥମ ଲହରରୁ ପ୍ରାଥମିକ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ରହିଛି। କେଉଁଠି ଅନଲାଇନ ପରୀକ୍ଷା ଚାଲିଛି ତ ଆଉ କେଉଁଠାରେ କାଁ ଭାଁ ଛାତ୍ରୀଛାତ୍ରଙ୍କ ଗ୍ରାମରେ ପହଞ୍ଚି ଶିକ୍ଷାଦାନ କରାଯାଉଛି। ବିନା ପରୀକ୍ଷାରେ ଛାତ୍ରୀଛାତ୍ର ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଲହର କରୋନା ସଂକ୍ରମଣ ଆରମ୍ଭ ହେବା ପରେ ବରଗଡ଼ ଜିଲା ପ୍ରାଥମିକ ସ୍କୁଲ ଅର୍ଥାତ୍ ପଞ୍ଚମ ଶ୍ରେଣୀ ପାସ୍ କରିଥିବା ଆଶାୟୀ ଛାତ୍ରୀଛାତ୍ର ବୁଧବାର ପରୀକ୍ଷାକେନ୍ଦ୍ରକୁ ଆସି ପ୍ରଥମଥର ପାଇଁ ଅଫଲାଇନ ମୋଡ଼ରେ ନବୋଦୟ ପରୀକ୍ଷା ଦେଇଥିଲେ। ବର୍ଷାଧିକକାଳ ପରେ ଅଫଲାଇନ ପରୀକ୍ଷାର ସମ୍ମୁଖୀନ ହୋଇଥିବା ତଥା ବରଗଡ଼ ରାଣାପ୍ରତାପ ସ୍କୁଲ ପରୀକ୍ଷାକେନ୍ଦ୍ରରେ ନବୋଦୟ ପରୀକ୍ଷା ଦେଇଥିବା ସେଭଳି କିଛି ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆମେ ଭେଟିଥିଲୁ। ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...


ବରଗଡ଼ ରାଣାପ୍ରତାପ ସ୍କୁଲ ପରୀକ୍ଷାକେନ୍ଦ୍ର ଆଗରେ ଛାତ୍ରୀଛାତ୍ର ଧାଡ଼ିରେ ଛିଡ଼ା ହୋଇଛନ୍ତି।

### ଭୟ ଥିଲା, ଖୁସି ଲାଗିଲା

ଦୀର୍ଘଦିନ ହେଲା ସ୍କୁଲ ପରିସରକୁ ଯାଇ ନଥିଲୁ। ନବୋଦୟ ପରୀକ୍ଷାକେନ୍ଦ୍ର ଅଫଲାଇନ ମୋଡ଼ରେ ହେଉଥିବା ଜାଣି ପ୍ରଥମେ ମନରେ କିଛି ଭୟ ରହିଥିଲା। କିନ୍ତୁ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବା ପରେ ଖୁସି ଲାଗିଲା। ପରୀକ୍ଷା ମଧ୍ୟ ଭଲ ହୋଇଛି।


**ପ୍ରତ୍ୟୁଷ ପ୍ରିୟଦର୍ଶୀ ଦାଶ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର, ବରଗଡ଼**

### ଅଫଲାଇନ ପରୀକ୍ଷା ଦେଇ ବହୁତ ଖୁସି

ଅନଲାଇନ ଏବଂ ଅଫଲାଇନ ପରୀକ୍ଷାରେ ଫରକ୍ ରହିଛି। ସ୍କୁଲ ଖୋଲି ନଥିବାରୁ ଅଫଲାଇନ ମୋଡ଼ରେ ନବୋଦୟ ପରୀକ୍ଷା ହେବ ବୋଲି ମୁଁ ଭାବି ନଥିଲି। ଅନଲାଇନରେ ପଢୁଥିଲୁ, ଅଫଲାଇନ ପରୀକ୍ଷା ଦେଲୁ। ପରୀକ୍ଷା ଦେବା ପରେ ବହୁତ ଭଲ ଲଗୁଛି ।


**ଅଂଶୁମାନ ପ୍ରଧାନ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର, କଳାପାଣି**

### ନୂଆ ସାଙ୍ଗ ସହିତ ପରିଚୟ

ବହୁତ ଦିନ ହେଲା ସ୍କୁଲ ବନ୍ଦ ରହିଛି। ସହପାଠୀଙ୍କ ସହ ସାକ୍ଷାତ ହେଉନାହିଁ। ପରୀକ୍ଷା ଦେବାକୁ ଆସି ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଭେଟିଲି। ସେମାନଙ୍କୁ ଭେଟି ଯେଭଳି ଖୁସି ଲାଗିଛି, ଅଫଲାଇନ ପରୀକ୍ଷା ଦେଇ ମଧ୍ୟ ଆନନ୍ଦ ଅନୁଭବ କଲି ।

### ପିଲା ଦେଲେ ନବୋଦୟ ପରୀକ୍ଷା


**ସୁହାନା ବାରିକ, ଗୋବିନ୍ଦପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲ**

### ସତର୍କତା ସହିତ ପରୀକ୍ଷା

ମୁଁ କୋଭିଡ୍ ପାଇଁ ଡରୁଥିଲି। ମା, ବାପା ମୋତେ ସାନିଟାଇଜର ଦେଇଥିଲେ। ମାସ୍କ ପିନ୍ଧି ପରୀକ୍ଷାକେନ୍ଦ୍ରକୁ ଆସିଥିଲୁ। ପରୀକ୍ଷାକେନ୍ଦ୍ରରେ ମଧ୍ୟ କୋଭିଡ୍ ସତର୍କତା ତଥା ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଥିଲା। ସିଟ୍‌ଗୁଡ଼ିକ ପାଖାପାଖି ନଥିଲା। ଶୃଙ୍ଖଳିତଭାବେ ପରୀକ୍ଷା ଦେଇଛି ଏବଂ ଭଲ ହୋଇଛି ।


**ଆଦ୍ୟାଶା ପ୍ରଧାନ, କୁରୁଆଁ ପ୍ରାଥମିକ ସ୍କୁଲ**

## ସଂକ୍ଷେପରେ

### ୩୩୪ଛାତ୍ରୀଛାତ୍ର ଦେଲେ ନବୋଦୟ ପରୀକ୍ଷା

ଲୋଇସିଂହା,୧୧।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ନବୋଦୟ ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୩୩୪ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବ୍ଲକରୁ ୩୮୨ଜଣ ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୩୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯, ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୦ରୁ ୨୧, ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ଅନୁପସ୍ଥିତ ଥିବା ସ୍କୁଲର ଭାରପ୍ରାପ୍ତ ପ୍ରିନ୍ସିପାଲ ବନୀତା ପଟେଲ କହିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଉଁଶୁଣୀ,୧୧।୮(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଡ଼ଭେଲିପଦର ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଅଶୋକ ଭୋଇ (୩୫)। ମଙ୍ଗଳବାର ମଧ୍ୟାହ୍ନରେ ଖାଇ ସାରିବା ପରେ ସେ ଘରେ ଶୋଇଥିଲେ। ଅପରାହ୍ନ ପ୍ରାୟ ଗୋଟାଏରେ ତାଙ୍କ ସ୍ତ୍ରୀ ଉଠାଇବାରେ ସେ ଆଉ ଉଠି ନ ଥିଲେ। ପରିବାର ଲୋକ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଶୋକ ଜଣେ ଶ୍ରମଜୀବୀ ଥିବ ବେଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

### ନୃତ୍ୟଗୀତ ମାଧ୍ୟମରେ କୃଷି ସଚେତନତା

ଲୋଇସିଂହା,୧୧।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା କୃଷିବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନା କରିବା ପାଇଁ ବୁଧବାରଠାରୁ କୃଷିରଥ ଲୋଇସିଂହା ବ୍ଲକ ପରିକ୍ରମା ଆରମ୍ଭ କରିଛି। ପ୍ରଥମ ଦିନ ରଥ ଲୋଇସିଂହା ମିର୍ଦ୍ଧାପଡା ଏବଂ ବୁଢ଼ାପଦର ଗ୍ରାମକୁ ଯାଇଥିଲା। ରଥରେ ଯାଇଥିବା କଳାକାରମାନେ ନାଚଗୀତ ମାଧ୍ୟମରେ କାଳିଆ, ବଳରାମ ଆଦି ଯୋଜନା ଉପରେ ସଚେତନ କରିଥିଲେ। ଏଥିସହ ଧାଡିବୁଣା, ବିଶୋଧିତ ଉନ୍ନତ ବିହନ ବ୍ୟବହାର, ଉଚ୍ଚ ଜମିରେ ଅଣଧାନ ଚାଷ କରି ଚାଷୀ କିପରି କମଖର୍ଚ୍ଚରେ ଅଧିକ ଲାଭବାନ ହୋଇ ପାରିବ ତାହା ଉପରେ ସଚେତନତା ସୃଷ୍ଟି କରିଥିଲେ। ବୁଢ଼ାପଦରଠାରେ ସରପଞ୍ଚ ଲକ୍ଷ୍ମୀ ପଧାନ, କୃଷକ ସାଥୀ ମନୋଜ ପଧାନ, ବେଦପତି ପଧାନ ଉପସ୍ଥିତ ଥିଲେ।

### ପଞ୍ଚାୟତ କଲେଜରେ ସ୍ୱଚ୍ଛତା ପକ୍ଷ

ବରଗଡ଼ ଅଫିସ୍,୧୧।୮: ବରଗଡ଼ ପଞ୍ଚାୟତ କଲେଜ ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ସୋମବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ନକୁଳ ସେଠ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ପ୍ରଫେସର ବିଜୟ କୁମାର ନାଗ, ରାଜଶ୍ରୀ ଭଞ୍ଜ, ସହକାରୀ ପ୍ରଫେସର ସୂର୍ଯ୍ୟକାନ୍ତୀ ସିକନ୍ଦର, ପ୍ରଫେସର ସୁଷମା ଦାଶ, ଅଧ୍ୟାପକ ସୁରେଶ କୁମାର ମାଝୀ, ଅଧ୍ୟାପିକା ଏବଲିନ୍ ନମିତା ବାଆ ସ୍ୱଚ୍ଛତା ପକ୍ଷ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସଫେଇ କାର୍ଯ୍ୟକ୍ରମ କରିଥିଲେ।

### ପଦ୍ମପୁରରେ ହେବ ଇନଡୋ଼ର ଷ୍ଟାଡିୟମ

ପଦ୍ମପୁର,୧୧।୮(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁରରେ ଇନଡୋ଼ର ଷ୍ଟାଡ଼ିୟମ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬କୋଟି ୧୪ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି ବୋଲି ପଦ୍ମପୁରରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସୁଶାନ୍ତ ସିଂ ସୂଚନା ଦେଇଛନ୍ତି। ଅଙ୍ଗନଦୀରେ ବ୍ୟାରେଜ ହୋଇ ସହରକୁ ପାନୀୟଜଳ ଯୋଗାଣ କରାଯିବ ବୋଲି କହିଥିଲେ। ନୃସିଂହନାଥରୁ ହରିଶଙ୍କର ପର୍ଯ୍ୟନ୍ତ ରୋପୱେ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଥିବାବେଳେ ୫ଟି ସ୍ମାର୍ଟ ହାଇସ୍କୁଲ ପାଇଁ ଅର୍ଥ ଅନୁମୋଦନ ହୋଇଥିବା ସିଂ କହିଥିଲେ। ପଦ୍ମପୁର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରୀତମ ମେହେର, ଭୋଜରାଜ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ଆହତ ନାବାଳକଙ୍କ ମୃତ୍ୟୁ

କୋକସରା,୧୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଆମପାଣିରୁ ଧର୍ମଗଡକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେର ଭୁର୍ଷାଗୁଡା ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟା ୮ଟାରେ ଏକ ବାଇକ୍ ଧକ୍କାରେ ଆହତ ନାବାଳକଙ୍କ ବୁଧବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁର୍ଷାଗୁଡା ଗ୍ରାମର ଜଗଦୀଶ ରଣାଙ୍କ ପୁଅ ଉଦିତ ରଣା (୧୭)। ସୂଚନା ଯେ, ଛତାଗୋଏରାରୁ ଏକ ବାଇକ୍ (ନଂ.ସିଜି୦୫କେ-୯୦୧୪) ଯୋଗେ ଜଗନ୍ନାଥ ଦଲପତି (୪୦), ଲାବାଣ୍ୟ ନାଏକ (୨୪)ଙ୍କ ସହ ଜଣେ ନାବାଳିକା ପାଣ୍ଡରିପଖାନ ଗାଁକୁ ଯାଉଥିଲେ। ଏହି ସମୟରେ ଭୁର୍ଷାଗୁଡା ରାସ୍ତା ଉପରେ ଚାଲିଯାଉ ଥିବା ଉଦିତଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ପରିବାର ଓ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ବୁଧବାର ସକାଳେ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ବାଇକ୍ ଚାଳକ ଜଗନ୍ନାଥ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କୋକସରା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଆମପାଣି ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ. ୬୬/୨୧) ରୁଜୁ ହୋଇଛି।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବିକ୍ଷୋଭ

ବଲାଙ୍ଗୀର ଅଫିସ, ୧୧।୮

ବଲାଙ୍ଗୀର ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟରେ ଅନୁସୂଚିତ ଜାତିବର୍ଗର ଲୋକଙ୍କ ଉପରେ ବିଜେଡି କର୍ମୀଙ୍କ ଅତ୍ୟାଚାର ଓ ଅଭିଯୋଗ ପରେ ମଧ୍ୟ ପୋଲିସର ଅବହେଳା ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କେନ୍ଦ୍ରାପଡା ଜିଲା ଆଳି ଥାନା ବାଳକାଟି ପଞ୍ଚାୟତରେ ଏମଜିଏନ୍‌ଆରଇଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଇଖାନା ନିର୍ମାଣ, ଗ୍ରାମ୍ୟ ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିବାରୁ ନବକିଶୋର ମଲ୍ଲିକ ଓ ତାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ସୁନୀଲ କୁମାର ସେଠ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଅନନ୍ତ ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ବାଗ, ମୁରଲୀଧର ସୁନା, ଜିଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ଦାସ, ପିତାମ୍ବର ଖମାରୀ, ସନ୍ତୋଷ ସାହୁ, ସୁଦୀପ ସା, ସୁନୀଲ ମିଶ୍ର, ଅଭିଷେକ ସୋନି, ସୁବ୍ରତ କୁଅଁର, ରଶ୍ମିରେଖା ଦାନୀ, ରଞ୍ଜିତା ପାଣିଗ୍ରାହୀ, ଫିରୋଜା ବିବି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଅନୁସୂଚିତ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ମୋବାଇଲ ଲୁଟେରା ଗିରଫ

ବରଗଡ଼ ଅଫିସ୍,୧୧।୮

ବରଗଡ଼ ଜିଲା ସୋହେଲା ଥାନା ପୋଲିସ ମୋବାଇଲ ଲୁଟ୍ ଅଭିଯୋଗରେ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ, ସୋହେଲା ଥାନା ଅନ୍ତର୍ଗତ ତବଡ଼ା ଗ୍ରାମର ଆଲୋକ ମେହେର। ତାଙ୍କ ପାଖରୁ ଲୁଟ୍ ମୋବାଇଲ ଉଦ୍ଧାର ହୋଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା(ନଂ.୧୪୨/୨୧) ରୁଜୁ ହୋଇଛି। ସୋହେଲା ଥାନା କୁଡ଼ାପାଲି ଗ୍ରାମର ତୁଷାର ମେହେର ମଙ୍ଗଳବାର ଲୁହୁରାଚଟିରୁ ଘରକୁ ଫେରିବା ବାଟରେ ଆଲୋକ ତାଙ୍କୁ ଅଟକାଇ ଧମକ ଚମକ ଦେଇଥିଲେ। ପରେସେ ଧରିଥିବା ମୋବାଇଲ ଏବଂ ନଗଦ ୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ତୁଷାର ସୋହେଲା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ତନାଘନା ଚଲାଇଥିଲା।

## ଯାଦବ ମହାସଭାର ବୈଠକ


ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା ଓ ସଦସ୍ୟ।

ମୁରିବାହାଲ,୧୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଯାଦବ ଭବନଠାରେ ଯାଦବ ମହାସଭାର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ସମାଜ ସଭାପତି ତୀର୍ଥ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଭାର ଜିଲା ସଭାପତି ପରମାନନ୍ଦ ହାତୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଯାଦବ ସମାଜର ସାମଗ୍ରିକ ବିକାଶ ଉପରେ ସେ ମତ ରଖିଥିଲେ। ଏଥିସହିତ ମହାସଭାକୁ ରାଜନୈତିକ ଉଦ୍ଦେଶ୍ୟରେ କେହି ବ୍ୟବହାର କରିବାକୁ ଉଦ୍ୟମ କଲେ ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ। ବକ୍ତବ୍ୟ ରଖି ଜିଲା ପ୍ରବକ୍ତା ଗୌରଚନ୍ଦ୍ର ରାଜପଲିଆ କହିଥିଲେ, ଯେକୌଣସି ରାଜନୈତିକ ଦଳରେ କାହାର ଯୋଗଦେବାର ସମସ୍ୟା ନାହିଁ। ଗତ ୮ ତାରିଖରେ ଯାଦବ ସମାଜର ଜଣେ ସଦସ୍ୟ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ସାମିଲ ହେବା ଅବସରରେ ସଂଗଠନ ନାମକୁ ଉଲ୍ଲେଖ କରିଥିବାରୁ ସେ ଏହାର ପ୍ରତିବାଦ କରିଥିଲେ। ମୁରିବାହାଲ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣାଙ୍କ ସଂଯୋଜନାରେ ହୋଇଥିବା ବୈଠକରେ ବ୍ଲକ ଅଧୀନ ୨୨ ପଞ୍ଚାୟତର ସଭାପତି ଓ ପଦାଧିକାରୀ ଉପସ୍ଥିତ ଥିଲେ। ଯାଦବ ସମାଜ ବିରୋଧରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଧେଶ୍ୟାମ କେତକୀ, ଶ୍ରୀପତି ଷାଣ୍ଢ, ତେଜରାଜ ବାଗ, ବିଦ୍ୟାଧର ହାତୀ, ଚକ୍ରଧର ହେର୍ଣ୍ଣା, ପୂର୍ଣ୍ଣ ଭିଘେଲା ଉପସ୍ଥିତ ଥିଲେ। ତରୁଣ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ମୁରିବାହାଲ, ୧୧।୮ (ଡି.ଏନ.ଏ)

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ବୁଧବାର ମୁରିବାହାଲ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ସେ ମୁରିବାହାଲ ବ୍ଲକ ଗସ୍ତ କରିଛନ୍ତି। ମୋ ସ୍କୁଲ ଅଭିଯାନ ମାଧମରେ ଚାଲିଥିବା ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ଉନ୍ନୟନ କାର୍ଯ୍ୟର ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜଙ୍ଗଲ ବିଭାଗ ପକ୍ଷରୁ ଘୁଷୁରାମୁଣ୍ଡା ଗ୍ରାମରେ ୨୦ ହେକ୍ଟର ଜମିରେ ରେପାଣ କରାଯାଇଥିବା ଚାରାକୁ ବୁଲି ଦେଖିଥିଲେ। ପରେ ଗୁଡିଘାଟ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା କରାଯାଇଥିବା ଉନ୍ନତ ପ୍ରଣାଳୀର ମାଛଚାଷ ଦେଖିଥିଲେ। ପତ୍ରାପାଲି (କ)ର କୁକୁଡା ଫାର୍ମ ଓ ଉନ୍ନତ ପ୍ରଣାଳୀରେ ଧାଡିରେ ରୁଆ ଯାଇଥିବା ଧାନକୁ ନିରୀକ୍ଷଣ କରିଥିଲେ। ଲେବଡା ପାଟମେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ମୋ ସ୍କୁଲ ଅଭିଯାନର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବା ସହ ବିଦ୍ୟାଳୟ ପରିବେଶକୁ ଦେଖି ଖୁସିବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ସହ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁରିବାହାଲ ବିଡିଓ ପ୍ରିୟରଞ୍ଜନ କୁମାର, ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ, ବିପିଏମ ଗୋପାଳକୃଷ୍ଣ ଦୀପ, ଜିପିଓ ଏନ.ଜେ. ଥିଓଫିଲ, ଏଇ ସତ୍ୟନାରାୟଣ ସା, ଭୂବନାନନ୍ଦ ସିଂ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଚଞ୍ଚଳ ରାଣା ବୁଧବାର ଲେବଡା ପାଟମେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ପୋଖରୀରେ ପଡ଼ି ଯୁବକଙ୍କ ମୃତ୍ୟୁ

ଜୁନାଗଡ,୧୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହିଙ୍ଗଲିବାହାଲିସ୍ଥିତ ପୋଖରୀରେ ବୁଧବାର ଅପରାହ୍ନରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ଥାନା ଝାରକୁଣ୍ଡାମାଲ ଗ୍ରାମର ଧର୍ମ କୁବେର (୩୮)। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ସହରସ୍ଥିତ ସମ୍ପର୍କୀୟ ଘରକୁ କୁବେର ଆସିଥିଲେ। ଅପରାହ୍ନରେ ହିଞ୍ଜଲିବାହାଲିସ୍ଥିତ ପୋଖରୀକୁ ଯାଇ ମୁହଁ ଧୋଇଥିବା ବେଳେ ହଠାତ୍ ପାଣିରେ ବୁଡିଯାଇଥିଲେ। ଖବର ପାଇ ତୁରନ୍ତ ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପାଣି ଭିତରୁ ଅଗ୍ନିଶମ ବିଭାଗ ଶୀଘ୍ର ଉଦ୍ଧାର କରିବା ପୂର୍ବରୁ କୁବେରଙ୍କ ମୃତ୍ୟୁ ଘଟିଥିଲା। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଅଧିକାରୀ ଅପୂର୍ବ ରଞ୍ଜନ ସାହୁଙ୍କ ସମେତ କର୍ମଚାରୀ ସାମିଲ ହୋଇଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୧) ରୁଜୁ ହୋଇଛି ।

## କୃଷକ ଉତ୍ପାଦକ ସଂଘର କର୍ମଶାଳା

ବରଗଡ଼ ଅଫିସ୍,୧୧।୮

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ବୁଧବାର କୃଷକ ଉତ୍ପାଦକ ସଂଘର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଜିଲା ବିକାଶ ପ୍ରବନ୍ଧକ ହଟକିଶୋର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଟବ୍ୟାଙ୍କ ଏଲଡ଼ିଏମ ସୀତାରାମ ମେହେର, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ଓଡ଼ିଶା ଜୀବିକା ମିଶନର ଡିପିଏମ ଶଙ୍କର ଚଲାନ, ଓରମାସ୍‌ର ଡେପୁଟି ସିଇଓ ରାଜଗୋପାଳ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଘର ନିୟମାବଳୀ ଉପରେ ଆଲୋଚନା ହୋଇଥିଲା। ମହାଶକ୍ତି ଫାଉଣ୍ଡେଶନ ଉପାଧ୍ୟକ୍ଷା ରୋଜାଲିନ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୃଷିକେଶ ସାହୁ ସଂଘର ସଭ୍ୟମାନଙ୍କୁ ନିୟମାବଳୀ ଉପରେ ତାଲିମ ପ୍ରଦାନ କରିଥିଲେ। ନାବାର୍ଡ଼ ଏବଂ ମହାଶକ୍ତି ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପୁର, ଝାରବନ୍ଧ ବ୍ଲକର ୨ଟି କୃଷକ ଉତ୍ପାଦକ ସଂଘ କୃଷ୍ଣହୀରା, ସବୁଜିମାର ସଭ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ।

# ୩୭୦ ଭୁଞ୍ଜିଆ ପରିବାରଙ୍କୁ ସାମିଲ ପାଇଁ ଦାବିପତ୍ର

ନୂଆପଡ଼ା ଅଫିସ,୧୧।୮

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ନାଗପଡା ପଞ୍ଚାୟତ ଖୋଲିଭିତର ଗାଁରେ ୩୭୦ ପରିବାର ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟ ଲୋକେ ବାସ କରୁଛନ୍ତି। କିନ୍ତୁ ସେମାନଙ୍କୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରାଯାଇ ନ ଥିବାରୁ ବିକାଶ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ସଂସ୍ଥାରେ ସାମିଲ କରିବା ପାଇଁ ବୁଧବାର ନୂଆପଡା ଆସି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ନାଗପଡା ପଞ୍ଚାୟତ ଖୋଲିଭିତର ଗାଁର ଭୁଞ୍ଜିଆ ସମ୍ପ୍ରଦାୟ ଲୋକେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁଶାନ୍ତ ରଣା ଦାବିପତ୍ର ଗ୍ରହଣ କରିଛନ୍ତି।

### ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା

ସୂଚନାଯୋଗ୍ୟ ଯେ, ୧୯୯୩ ଏପ୍ରିଲରୁ ଭୁଞ୍ଜିଆମାନଙ୍କ ସାମଗ୍ରିକ ବିକାଶ ପାଇଁ ଓଡିଶା ସରକାର ସୁନାବେଡାଠାରେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ) ନାମରେ ଏକ ସରକାରୀ ସଂସ୍ଥା, ଓଡିଶା ସରକାରଙ୍କ ଆଦିବାସୀ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାପିତ କରାଯାଇ କାମ କରାଯାଉଛି। ଏହି ସଂସ୍ଥା ତରବରିଆ ଭାବେ ସ୍ଥାପନ ହେଲା ଏବଂ ସମ୍ପୂର୍ଣ୍ଣ ଭୁଞ୍ଜିଆ ଅଞ୍ଚଳ ସର୍ଭେ କରା ନ ଯାଇ କେବଳ ସୁନାବେଡା ଅଞ୍ଚଳର ଭୁଞ୍ଜିଆମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଗଲା। ପରବର୍ତ୍ତି ପର୍ଯ୍ୟାୟରେ ନୂଆପଡା ସଦର ବ୍ଲକ ଅନ୍ତର୍ଗତ ୨୧ଟି ଗ୍ରାମରେ ବାସ କରୁଥିବା ଭୁଞ୍ଜିଆମାନଙ୍କୁ ସଂସ୍ଥାରେ ପରିସରଭୁକ୍ତ କରାଯାଇଛି। କିନ୍ତୁ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ଖୋଲିଭିତର ଗାଁରେ ବାସ କରୁଥିବା ୩୭୦ଟି ଭୁଞ୍ଜିଆ ପରିବାରକୁ ଏଥିରେ ସାମିଲ କରା ନ ଯିବାରୁ ବିଭିନ୍ନ ବିକାଶ ଯୋଜନାରୁ ବଞ୍ଚିତ ହୋଇ ରହିଛୁ। ଆମକୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରିବା ପାଇଁ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ଖୋଲିଭିତର ଗାଁର ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ଦାବି କରିଛନ୍ତି। ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଶାସନ ସଚିବ ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ଅବଗତି ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି।


ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ୨୯୭ ପରୀକ୍ଷାର୍ଥୀ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ଅମରପାଲି,୧୧।୮(ଡି.ଏନ.ଏ)

ବୀରମହାରାଜପୁର ବ୍ଲକର ତିନୋଟି କେନ୍ଦ୍ରରେ ବୁଧବାର ୨୯୭ ପରୀକ୍ଷାର୍ଥୀ ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ପ୍ରତ୍ୟେକ କେନ୍ଦ୍ରରେ ୧୨୦ ଜଣ ଲେଖାଏ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ମାତ୍ର ୬୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ୧୨୦ ଜଣଙ୍କ ମଧ୍ୟରୁ ୧୦୫ ଜଣ ପରୀକ୍ଷା ଦେଇଥିଲେ। ସେହିପରି ସ୍ଥାନୀୟ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲରେ ୯୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଅନୁପସ୍ଥିତ ଥିଲେ। ଜଟେସିଂଘା ହାଇସ୍କୁଲରେ ୯୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଜଣ ଅନୁପସ୍ଥିତ ଥିଲେ।